ଆଇପିଏଲ ଟାଇଟଲ ଜିତି ନୂଆ ରେକର୍ଡ଼ କଲେ ଗମ୍ଭୀର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ ମାତ୍ର : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨୦ ● ୨୮ ମଇ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-120 ● 28th May 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଲୋକସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

ଭୁବନେଶ୍ୱର, ୨୭/୦୫
ନ୍ୟୁଜ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ସୋମବାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଲୋକସଭା କ୍ଷେତ୍ରରେ ମାରାଥନ ନିର୍ବାଚନ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। କେନ୍ଦ୍ରାପଡ଼ାରେ ପୂର୍ବତନ ସାଂସଦଙ୍କୁ ଶାଣିତ ଆକ୍ରମଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ମୁଁ ତାଙ୍କୁ ସାଂସଦ କଲି । କିନ୍ତୁ ସେ କେନ୍ଦ୍ରାପଡ଼ାବାସୀ ଓ ମୋ' ସହିତ ବିଶ୍ୱାସଘାତକତା କଲେ । ୧୦ ବର୍ଷ ପାଇଁ ସାଂସଦ ହୋଇଥିଲେ । କିନ୍ତୁ ସେ କେବଳ ନିଜ ପାଇଁ ଓ ତାଙ୍କ କମ୍ପାନୀର ଲାଭ ପାଇଁ କାମ କଲେ ।

ବିରୋଧିଦଳ ନେତା ମିଛ କଥା କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ସେ କହିଥିଲେ । ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବି.ଏସ୍.କେ.ୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, କାଳିଆ, ମଧୁବାବୁ ପେନ୍‌ସନ୍ ଯୋଜନା, ରାସନ କାର୍ଡ ଆଦି କେମିତି ଲାଗୁଛି, ପୁରୀ ମନ୍ଦିର କାମ ଆଦି କେମିତି ଲାଗୁଛି ବୋଲି ପ୍ରଶ୍ନ କରି ଲୋକଙ୍କ ଠାରୁ ମତାମତ ନେଇଥିଲେ । ସବୁ ପ୍ରଶ୍ନରେ ଉଚ୍ଛ୍ୱସିତ ସ୍ୱରରେ ଲୋକେ କହିଥିଲେ 'ବହୁତ ଭଲ' ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ । ବିଜୁ ଜନତା ଦଳ ସରକାର ମାଗଣା ବିଜୁଳି ଦେବ । ଆପଣମାନେ ଖୁସି ତ ? ଆନନ୍ଦ ଉଲ୍ଲାସ ମଧ୍ୟରେ 'ହଁ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ । ଏହାପରେ ସେ ପଚାରିଥିଲ ନବୀନ ପଟ୍ଟନାୟକ ଭଲ କି ? ପ୍ରଶ୍ନରେ ଭାବବିହ୍ୱଳ ହୋଇ ଉପସ୍ଥିତ ଜନତା ବହୁତ ଭଲ ବୋଲି କହିଥିଲେ । ପ୍ରଚାରରେ ଯୋଗଦେଇ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଲେ ଯେ, ବିଜେପି *(ପୃଷ୍ଠା ୭ରେ)*



୩୪୮ ପ୍ରାର୍ଥୀଙ୍କ ନାଁରେ ମାମଲା

ନିର୍ବାଚନ ଲଢୁଛନ୍ତି ୪୧୨ କୋଟିପତି

ଭୁବନେଶ୍ୱର, ୨୭/୦୫
ନ୍ୟୁଜ ବ୍ୟୁରୋ

ସାଧାରଣ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ମତଦାନରେ ୧୨୮୫ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ଜଣାଯାଇଛି । ଏନେଇ ଏଡିଆର/ଓଡ଼ିଶା ଇଲେକ୍ସନ ୱାଚ' ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ତଥ୍ୟ ପ୍ରଦାନ କରାଯାଇଛି । ୧୨୮୩ ପ୍ରାର୍ଥୀଙ୍କ ମଧ୍ୟରୁ ୩୪୮ ଜଣ ପ୍ରାର୍ଥୀଙ୍କ ନାମରେ ମାମଲା ରହିଥିବା ବେଳେ ୨୯୨ ଜଣଙ୍କ ନାମରେ ଗୁରୁତର ମାମଲା ରହିଛି । ୪ ଜଣ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଥିବା ସତ୍ୟପାଠରେ ଉଲ୍ଲେଖ ରହିଛି । ୭୦ ଜଣ ହତ୍ୟା ଉଦ୍ୟମ ମାମଲାରେ ଓ ୧୦ ଜଣ ପ୍ରାର୍ଥୀ ହତ୍ୟା କରିଥିବା ଅଭିଯୋଗ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ।

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

ଏକାଳ ପ୍ରଖାଳ

ଶାନ୍ତିରେ ଭୋଟ ହେବା ଭାଇନା
ହେଲା ସପନ ସାତ
ନେତାକୁ ଜନତା ଏକାଲାଉ ମାଞ୍ଜି
ମୁଣ୍ଡରେ ଭରିଛି ଖତ
ମାଛ ଖାଇକି ବଗଯେ ସନ୍ଥ
ଅଜଣା ଲଡୁ ତ ଖାଉଛି ଜନତା
ବନ୍ଦ କରିଅଛି ପଥ

ସ୍ଥଳଭାଗ ଛୁଇଁଲା 'ରେମାଲ' : ପବନର ବେଗ ୧୩୦ କିମି



ଭୁବନେଶ୍ୱର, ୨୭/୦୫
ନ୍ୟୁଜ ବ୍ୟୁରୋ

ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ରେମାଲ' ଭୀଷଣ ବାତ୍ୟାର ରୂପ ନେଇ ମଧ୍ୟରାତ୍ରିରେ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳକୁ ସାଗର ଦ୍ୱୀପ ଓ ଖେପୁପଡା ମଧ୍ୟରେ ଲ୍ୟାଣ୍ଡଫଲ୍ କରିଛି । ଲ୍ୟାଣ୍ଡଫଲ୍ ବେଳେ ପବନର ବେଗ ପାଖାପାଖି ୧୨୦ କିଲୋମିଟର ରହିଥିବା ଜଣାପଡ଼ିଛି । ରାତି ୮ଟା ୩୦ରେ 'ରେମାଲ' ସାଗର ଦୀପଠାରୁ ୧୩୦ କିମି, ଖେପୁପଡାଠାରୁ ୧୪୦ ଓ ମୋଙ୍ଗଲା (ବାଂଲାଦେଶ)ଠାରୁ ୧୬୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଥିଲା । ପଶ୍ଚିମବଙ୍ଗ ଉପକୂଳଠାରୁ ୭୦ କିମି ଦୂରରେ ସମୁଦ୍ର ଭିତରେ ଗତି କରିବା ସହିତ ଆହୁରି ଘନୀଭୂତ ହୋଇଥିଲା । ସେତେବେଳେ ପବନର ଘଣ୍ଟା ପ୍ରତି ବେଗ ୧୧୦ରୁ ୧୨୦ କିମି ରହିଥିଲା । ଲ୍ୟାଣ୍ଡଫଲ୍ ପରେ ବାଂଲାଦେଶ ଉପକୂଳ ଓ ସଂଲଗ୍ନ ପଶ୍ଚିମବଙ୍ଗରେ ତାଣ୍ଡବ ରଚିବା ଆରମ୍ଭ କରିଥିଲା । ସ୍ଥଳ ଭାଗ ଅତିକ୍ରମ କରିବା ସମୟରେ ପବନର ଘଣ୍ଟା ପ୍ରତି ବେଗ ୧୧୦ରୁ ୧୨୦ କିମି ରହିଥିଲା । ସ୍ଥଳ ବିଶେଷରେ ପବନର ବେଗ ୧୩୦ କିମି ଛୁଇଁପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସେପଟେ ବାତ୍ୟାକୁ ନେଇ ଦିନତମାମ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଘନ ଘନ ବୈଠକ କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥିତିର ସମୀକ୍ଷା କରିଥିଲେ । ବାତ୍ୟା ପ୍ରଭାବରେ ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ଅଶାନ୍ତ ରହିଛି । ଓଡ଼ିଶା ଉପକୂଳରେ ସୋମବାର ସକାଳ ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ଲାଗିରହିଥିଲା । ଉତ୍ତର ଓଡ଼ିଶା ଉପକୂଳ ମଧ୍ୟ ଅଶାନ୍ତ ରହିବା ଯୋଗୁଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଥିଲା । ସମସ୍ତ ବନ୍ଦରଗୁଡ଼ିକରେ ତିନି ନମ୍ବର ବିପଦ ସଙ୍କେତ ଜାରି କରାଯାଇଥିବା ବେଳେ ଉପକୂଳ ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମଧରଣର ବର୍ଷା ଲାଗିରହିଥିଲା । ରାତିରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି । ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେଉଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଯାଜପୁର, କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ପବନ ବି ଜାରି ରହିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆର୍‌ସି) ବାତ୍ୟା ପ୍ରଭାବିତ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ *(ପୃଷ୍ଠା ୭ରେ)*

୨୦୨୩-୨୪ରେ ନାଲ୍‌କୋର ୧୩,୧୪୯ କୋଟି ଟଙ୍କାର ବ୍ୟବସାୟ ସହ ୨,୦୬୦ କୋଟିର ନିଟ୍ ଲାଭ

ଭୁବନେଶ୍ୱର, ୨୭/୦୫
ନ୍ୟୁଜ ବ୍ୟୁରୋ

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୩-୨୪ର ଫଳାଫଳ ଘୋଷିତ ହୋଇଛି । ନିଜ ସଫଳତାର ଧାରା ବଜାୟ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲ କରିଛି । ଆଜିର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଫଳାଫଳ ଅନୁଯାୟୀ, ନାଲ୍‌କୋ ଆର୍ଥିକ ବର୍ଷ ୨୦୨୩-୨୪ରେ ୧୩,୧୪୯ କୋଟି ଟଙ୍କାର ବ୍ୟବସାୟ ସହ ୨୦୬୦ କୋଟି ଟଙ୍କାର ନିଟ୍ ଲାଭ କରିଛି । ଆର୍ଥିକ ବର୍ଷ ୨୦୨୩-୨୪ର ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭ ୯୫ ପ୍ରତିଶତ ଅଭିବୃଦ୍ଧି ସହ ୧୦୧୬ କୋଟି ଟଙ୍କା ହୋଇଥିବାବେଳେ ଆର୍ଥିକ ବର୍ଷ ୨୦୨୨-୨୩ର ଚତୁର୍ଥ ତ୍ରୈମାସରେ ନିଟ୍ ଲାଭ ୫୨୨ କୋଟି ଟଙ୍କା ଥିଲା । ଉଲ୍ଲେଖଯୋଗ୍ୟ ଯେ, ବଜାର ଅସ୍ଥିରତା ଏବଂ ମେଟାଲ ଦର ନିମ୍ନ ସ୍ତରରେ ଥିବା ସତ୍ତ୍ୱେ, କମ୍ପାନୀ ବ୍ୟବସାୟର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ନାଲ୍‌କୋ ଆର୍ଥିକ ବର୍ଷ ୨୦୨୩-୨୪ରେ ନିଜର ସମସ୍ତ ୟୁନିଟରେ ଉନ୍ନତ ପ୍ରଦର୍ଶନ ସହ ସର୍ବକାଳୀନ ସର୍ବାଧିକ ୭୬,୦୦,୨୩୦ ମେଟ୍ରିକ ଟନ୍ ବକ୍ସାଇଟ୍ ଉତ୍ତୋଳନ, ସର୍ବକାଳୀନ ସର୍ବାଧିକ ୪,୬୩,୪୨୮ *(ପୃଷ୍ଠା ୭ରେ)*

ଆଗାମୀ ୫ ଦିନ ଭିତରେ କେରଳ ଛୁଇଁପାରେ ମୌସୁମୀ

ନୂଆଦିଲ୍ଲୀ, ୨୭/୦୫

ଖୁବ୍ ଶୀଘ୍ର ସାରା ଦେଶରେ ଚାଲିଥିବା ପ୍ରବଳ ଗ୍ରୀଷ୍ମପ୍ରବାହରୁ ମୁକ୍ତି ମିଳିବ । ମୌସୁମୀକୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏକ ଖୁସି ଖବର ଦେଇଛି । ଆଇଏମଡିର ସୂଚନା ଅନୁଯାୟୀ, ଆସନ୍ତା ୫ ଦିନ ମଧ୍ୟରେ ମୌସୁମୀ କେରଳ ଛୁଇଁବାକୁ ଯାଉଛି । ଆଇଏମଡି କହିଛି ଯେ ଏଥର ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ । ପାଣିପାଗ ବିଭାଗର ଏହି ଘୋଷଣା ଦେଶରେ କୃଷି କ୍ଷେତ୍ରଠାରୁ ଆରମ୍ଭ କରି ଅର୍ଥନୀତି ପାଇଁ ଏକ ଶୁଭଖବର ବୋଲି କୁହାଯାଉଛି । ମୌସୁମୀ ପ୍ରବେଶ ପାଇଁ କେରଳରେ ସ୍ଥିତି ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ କହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଗରେ ପରିବର୍ତ୍ତନ ହେବ । ଆଇଏମଡି କହିଛି ଯେ ଉତ୍ତର-ପୂର୍ବ ଭାରତରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍, ଉତ୍ତର-ପଶ୍ଚିମରେ ସ୍ୱାଭାବିକ ଏବଂ କେନ୍ଦ୍ରୀୟ ଏବଂ ଦକ୍ଷିଣ ଉପଦ୍ୱୀପ ଭାରତରେ ସ୍ୱାଭାବିକଠାରୁ ଅଧିକ ହେବ । ସେହିପରି *(ପୃଷ୍ଠା ୭ରେ)*

୧୫ ଦିନରେ ୧୦ କୋଟିର ଚିକେନ୍ ବିକ୍ରି: ସାଧାରଣ ସମୟଠାରୁ ଦୁଇଗୁଣ ଅଧିକ ବିକ୍ରି

ବାର ଅବାର ବୋଲି କିଛି ନାହିଁ, ସହର ଓ ଉପକଣ୍ଠରେ ଭୋଜିଭାତର ମାହୋଲ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନେତାମାନେ ଯଥାସମ୍ଭବ ଉଦ୍ୟମ କରିଛନ୍ତି। କେଉଁଠି କ୍ଲବ୍‌ଘର ମରାମତି ତ କାହାକୁ ଖେଳ ଉପକରଣ ଦେଇ ମନ କିଣିବାକୁ ପ୍ରଚେଷ୍ଟା କରିଛନ୍ତି। କେହି କେହି ଟଙ୍କା ବାଣ୍ଟୁଥିବାର ମଧ୍ୟ ପ୍ରଚାର ହେଉଛି। ତେବେ ନେତାମାନେ ଭୋଜିଭାତରେ ସବୁଠାରୁ ଅଧିକ ମନ ଦେଇଥିବା ଦେଖାଯାଇଛି। ରାଜଧାନୀ ଓ ଉପକଣ୍ଠର ଅନେକ ସ୍ଥାନରେ ସନ୍ଧ୍ୟାହେଲେ ଭୋଜିପାଇଁ ହଣ୍ଡା ବସୁଥିବାର ଦେଖା ଯାଉଛି। ଦିନସାରା ପ୍ରଚାର କରୁଥିବା ସମର୍ଥକଙ୍କ ସହିତ ସାଧାରଣ ଭୋଟରଙ୍କ ପାଇଁ ମଧ୍ୟ ସେଠାରେ ରନ୍ଧା ହେଉଛି। ଆଉକିଛି ସ୍ଥାନରେ ସାହି, ଯୁବକସଂଘ ବା କିଛି ସଦସ୍ୟ ଥିବା ସେହିଭଳି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ପାଇଁ ନେତାମାନେ ଭୋଜିଭାତର ଆୟୋଜନ କରୁଛନ୍ତି। କହିବା ଅନାବଶ୍ୟକ ଯେ ଏବେ ଲୋକଙ୍କ ପାଇଁ ଭୋଜି ଅର୍ଥ ଯେ ଆମିଷ, ସେଥିରେ ଆଦୌ ସନ୍ଦେହ ନାହିଁ। ତେଣୁ ଗତ କିଛିଦିନ ହେଲା ରାଜଧାନୀରେ ଆମିଷ ବେପାର ଯୋରସୋର ଚାଲିଛି। ସାଧାରଣ ସମୟଠାରୁ ବେପାରର ପରିମାଣ ଦୁଇଗୁଣ ବା ତା'ଠାରୁ ମଧ୍ୟ ଅଧିକ ହେଉଛି।

ଭୁବନେଶ୍ୱରର ଆମିଷ ବେପାରକୁ ବିଚାରକୁ ନେଲେ, ଏଥର ନିର୍ବାଚନ ସମୟରେ ମଟନ ଓ ମାଛ ତୁଳନାରେ ଚିକେନ୍ ବିକ୍ରି ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ଗତ ୧୫ ଦିନରେ ଯେଉଁଠି ୪ କୋଟି ଟଙ୍କାର ବେପାର ହେବାକଥା, ସେଠାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେପାର ହୋଇଛି। ବଡ଼କଥା ହେଉଛି, ଏହି ସମୟରେ ଖରାଛୁଟି ହେଉଥିବାରୁ ସ୍କୁଲ, କଲେଜ୍, ହଷ୍ଟେଲ, ଘରୋଇ ମେସ୍‌ସବୁ ବନ୍ଦ ହୋଇଯାଏ। ଲୋକେ ଗରମ ପାଇଁ ମଧ୍ୟ ଆମିଷ ପସନ୍ଦ କରନ୍ତିନାହିଁ। ଏଣୁ ଚିକେନ୍ ବେପାର ଅପେକ୍ଷାକୃତ କମିଯାଏ। କିନ୍ତୁ ଏହି ମାନ୍ଦା ସମୟରେ ବି ନିର୍ବାଚନ ଋତୁ ବେପାରୀଙ୍କୁ ଦୁଇଗୁଣରୁ ଅଧିକ ଲାଭ ଦେଇଛି। ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ପ୍ରମୁଖ ଦଳର ପ୍ରାର୍ଥୀମାନେ କର୍ମୀ ସମ୍ମିଳନୀ କରି ଖାଦ୍ୟପେୟର ବ୍ୟବସ୍ଥା କରୁଥିଲେ। ଗୋଟିଏ ଦିନରେ ଗୋଟିଏ କିମ୍ବା ଦୁଇଟି ଓ୍ୱାର୍ଡରେ ଭୋଜି ହେଉଥିଲା। ଫଳରେ ଆମିଷ ବେପାରରେ ବିଶେଷ ପ୍ରଭାବ ପରିଲକ୍ଷିତ ହେଉନଥିଲା। କିନ୍ତୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ପ୍ରଚାର ଜୋରଦାର ହେବା ସହ ପ୍ରତ୍ୟେକ ବସ୍ତି ଓ କଲୋନିସ୍ତରରେ ଭୋଜିଭାତର ଆସର ଆରମ୍ଭ ହୋଇ ଯାଇଥିଲା। ଏହାପରେ ହିଁ ଆମିଷ ବେପାର ଉପରେ ପ୍ରଭାବ ସ୍ପଷ୍ଟ ହୋଇ ଯାଇଥିଲା।

ହିସାବ ମୁତାବକ, ଭୁବନେଶ୍ୱରର ୟୁନିଟ୍-୪ ହାଟ, ୟୁନିଟ୍-୮, ଡୁମୁଡୁମା, ପଟିଆ, ପୁରୁଣା ଭୁବନେଶ୍ୱରରେ ବଡ଼ବଡ଼ ଦୋକାନ ସମେତ ଛୋଟ ବଡ଼ ଦୋକାନ ହୋଇ ସାରା ସହରରେ ପ୍ରାୟ ୧୫୦୦ଟି ଚିକେନ୍ କାଉଣ୍ଟର ରହିଛି। ଏହି ସବୁ

କାଉଣ୍ଟରରେ ସାଧାରଣ ସମୟରେ ସପ୍ତାହରେ ରବିବାର ଓ ବୁଧବାର ଭଲ ବେପାର ହୁଏ। ଶୁକ୍ରବାର ବେପାର ହେଉଥିଲେ ବି ଅନ୍ୟ ଦୁଇଦିନ ଭଳି ବେପାର ହୁଏନାହିଁ। ଏହି ଦୁଇଦିନ ବା ଆମିଷବାରିରେ ଯଦି ସଂକ୍ରାନ୍ତି ବା ଅନ୍ୟ କୌଣସି ପର୍ବପର୍ବାଣୀ ପଡ଼ିଗଲା, ତେବେ ବେପାର ମାଡ଼ ଖାଉଥିଲା। ଏହି ଆମିଷବାରି ଓ ଅନ୍ୟଦିନରେ ହେଉଥିବା ବେପାରକୁ ହିସାବକୁ ନେଲେ ପୂର୍ବରୁ ଦୁଇ ସପ୍ତାହରେ ପ୍ରାୟ ୪ କୋଟି ଟଙ୍କାର ବେପାର ହେଉଥିଲା। କିନ୍ତୁ ଏହି ନିର୍ବାଚନୀ ଋତୁ ବା ଗତ ୧୫ ଦିନରେ ପ୍ରାୟ ୧୦ କୋଟି ଟଙ୍କାର ବେପାର ହୋଇଛି। ତାହା ପୁଣି କେବଳ ଆମିଷବାରିରେ ନୁହେଁ, ସପ୍ତାହର ସବୁଦିନ ବିକ୍ରି ହୋଇଛି। ପୂର୍ବରୁ ହୋଟେଲ୍ ବା ରେଷ୍ଟୋରାଁଙ୍କୁ ଛାଡ଼ିଦେଲେ ଜଣେ ଜଣେ ସର୍ବାଧିକ କେଜିଏ କିମ୍ବା ଦୁଇକେଜି ଚିକେନ୍ ନେଉଥିଲେ। କିନ୍ତୁ ଗତ ୧୫ ଦିନରେ ଜଣେ ଜଣେ ବ୍ୟକ୍ତି କିମ୍ବା ଅନୁଷ୍ଠାନ ୧୦ରୁ ୧୫ କେଜି ନେଉଥିବା ଦେଖାଯାଇଛି। ଡୁମୁଡୁମାର ଜଣେ ବ୍ୟବସାୟୀଙ୍କ କହିବା କଥା, ''ଆମେ କେବଳ ରବିବାର ଓ ବୁଧବାର ଭଲ ବେପାର ପାଇଁ ଅପେକ୍ଷା କରିଥାଉ। କିନ୍ତୁ ଗତ ୧୫ ଦିନ ହେଲାଣି ପ୍ରତ୍ୟେକ ଦିନ ପ୍ରାୟ ସମାନ ପରିମାଣର ବେପାର ହେଉଛି। ଖରାଛୁଟିରେ ସମସ୍ତ ହଷ୍ଟେଲ୍‌କୁ ଚିକେନ୍ ଯୋଗାଇବା ପ୍ରାୟ ବନ୍ଦ ହୋଇଯାଏ। ବିଭିନ୍ନ ଘରୋଇ ହଷ୍ଟେଲ ମଧ୍ୟ ବନ୍ଦ ରହେ। ଏହିସବୁ ଜାଗାକୁ ଯୋଗାଣ ବନ୍ଦ ହୋଇଯିବାରୁ ବେପାର କମିଯାଏ। କିନ୍ତୁ ଏଥର ମାନ୍ଦାଋତୁରେ ମଧ୍ୟ ପୂର୍ବ ତୁଳନାରେ ଦୁଇଗୁଣାରୁ ଅଧିକ ବିକ୍ରି ହୋଇଛି।'' ଅଲ୍ ଓଡ଼ିଶା ଆମିଷ ବ୍ୟବସାୟୀ ସଂଘ ରାଜ୍ୟ ସଭାପତି ସେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ''ସାଧାରଣତଃ ରବି ଓ ବୁଧବାରରେ ଭୁବନେଶ୍ୱରକୁ ୧୩ଟି ପିକ୍‌ଅପ୍ ଭ୍ୟାନ୍ ଓ ୩୦ଟି ଟାଟା ଏସିଇରେ ଚିକେନ୍ ଆସେ। ଏହି ଦୁଇଦିନରେ ବା ଗୋଟିଏ ସପ୍ତାହରେ ୧କୋଟି ୫ ଲକ୍ଷ ଟଙ୍କା ବ୍ୟବସାୟ ହେଉଥିଲା। ସେହି ହିସାବରେ ସିଜିନ୍ ଅନୁସାରେ ୧୫ ଦିନରେ ସର୍ବାଧିକ ୨କୋଟିରୁ ୩ କୋଟି ଟଙ୍କାର ବେପାର ହେବାକଥା। କିନ୍ତୁ ଗତ ୧୫ ଦିନରେ ୧୦ କୋଟିରୁ ଅଧିକ ବେପାର ହୋଇଛି। ପୁଣି କେବଳ ରବି କିମ୍ବା ବୁଧବାରରେ ନୁହେଁ, ଏଥର ପ୍ରତ୍ୟେକ ଦିନ ବେପାର ହୋଇଛି।''

ସୋରରେ ବିସ୍ଫୋରକ ଗୋଦାମ ଉପରେ ଚଢଉ : ବିପୁଳ ପରିମାଣରେ ବିସ୍ଫୋରକ ଜବତ

ବାଲେଶ୍ୱର, ନ୍ୟୁଜ ବ୍ୟୁରୋ
ସୋର ପୋଲିସକୁ ବଡ଼ ସଫଳତା, ଦୁଇଟି ବିସ୍ଫୋରକ ଗୋଦାମ ଉପରେ ଚଢାଉ କରାଯାଇ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ । ଖଞ୍ଜାମାହାଲ ୫୮ ନମ୍ବର ଖାଦାନରେ ଖଣି ବ୍ଲାଷ୍ଟିଂ ପାଇଁ ମହଜୁଦ ଥିବା ବିସ୍ଫୋରକକୁ ଜବତ କରାଯିବା ସହ ୩ଜଣଙ୍କୁ ଅଟକ ରଖି ପଚରା ଉଚରା କରାଯାଉଛି । ବାଗୁଡ଼ି ଅଂଚଳରେ ଖଣି ମାଫିଆ ମାନେ ଏହି ବିସ୍ଫୋରକ ବ୍ୟବହାର କରି ବେଆଇନ ଭାବେ ଖଣି ଖନନ କରୁଥିବା ବେଳେ ଏହା ଉପରେ ଆକ୍ସନ ନେଉଛି ପୋଲିସ ।

ପୁଣି ମୋ' ବସ୍‌ରେ ମାତିଲେ ପକେଟମାରୁ: ନେଇଗଲେ ପୁଅର ଚିକିତ୍ସା ଖର୍ଚ୍ଚ ୬୦ ହଜାର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମୋ' ବସ୍‌ରେ ପକେଟମାରୁଙ୍କ ଉତ୍ପାତ ଥମିବା ନାଁ ନେଉନାହିଁ। ପୁଣି ଜଣେ ଯାତ୍ରୀ ମୋ' ବସ୍ ଭିତରେ ଲୁଟ୍‌ର ଶିକାର ହୋଇଛନ୍ତି। ଏମ୍‌ସରେ ଚିକିତ୍ସାଧୀନ ପୁଅ ପାଇଁ ଗଞ୍ଜାମ ହିଞ୍ଜିଳିକାଟୁର ବୃନ୍ଦାବନ ସାହୁ ୬୦ ହଜାର ଟଙ୍କା ନେଇ ଆସୁଥିବା ବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ୧୪ ବର୍ଷର ପୁଅ ଏମ୍‌ସ ଶଯ୍ୟାରେ ପଡ଼ିଥିବା ବେଳେ ବାପା ବୃନ୍ଦାବନ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। କେଟମାରୁଙ୍କଠାରୁ ପୁଲିସ ଟଙ୍କା ଉଦ୍ଧାର କରିବା ଆଶାରେ ବୃନ୍ଦାବନ ଥାନାକୁ ଧାଇଁଧାଇଁ ହତାଶ ହୋଇପଡ଼ିଛନ୍ତି।

ବୃନ୍ଦାବନଙ୍କ ପୁଅ ବିଭୁପ୍ରସାଦ ଏମ୍‌ସ ନ୍ୟୁରୋଲୋଜି ବିଭାଗରେ ଭର୍ତ୍ତି ହୋଇଛନ୍ତି। ବିଭୁଙ୍କ ଚିକିତ୍ସା ପାଇଁ ଅଧିକ ଟଙ୍କା ଆବଶ୍ୟକ ହେବାରୁ ଦୁଇ ଦିନ ପୂର୍ବେ ବୃନ୍ଦାବନ ଗାଁକୁ ଯାଇଥିଲେ ଏବଂ ହାତଉଧାର କରି ୬୦ ହଜାର ଟଙ୍କା ଯୋଗାଡ଼ କରିଥିଲେ। ଗତକାଲି ସେ ଭୁବନେଶ୍ୱର ଫେରିବା ପରେ ନୂଆପଲ୍ଲୀରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ ଏବଂ ସେଠାରୁ ଏମ୍‌ସ ଯିବା ପାଇଁ ମୋ' ବସ୍‌ରେ ଉଠିଥିଲେ। ୧୯ ନମ୍ବର ରୁଟ୍‌ରେ ଯାଉଥିବା ମୋ' ବସ୍‌ରେ ସେ ଯାଇଥିଲେ। ବୃନ୍ଦାବନଙ୍କ କହିବା କଥା ଖଣ୍ଡଗିରି ପର୍ଯ୍ୟନ୍ତ ତାଙ୍କ ପକେଟ୍‌ରେ ଟଙ୍କା ଥିବା ସେ ଜାଣିଥିଲେ। କିନ୍ତୁ ଖଣ୍ଡଗିରି ଛକ ପରେ ବସ୍ ଭିତରେ ଭିଡ଼ ହୋଇଗଲା। ସେ ଏମ୍‌ସ ବସଷ୍ଟପରେ ଓହ୍ଲାଇବା ପରେ ଜାଣିଲେ ଯେ ତାଙ୍କ ପକେଟ୍‌ରେ ଟଙ୍କା ନାହିଁ। ସେତେବେଳକୁ ବସ୍ ଚାଲିଯାଇଥିଲା। ତେଣୁ ବୃନ୍ଦାବନ ପୁଅକୁ ଦେଖିବା ପାଇଁ ଡାକ୍ତରଖାନା ଭିତରକୁ ଯିବେ କ'ଣ, କାନ୍ଦିକାନ୍ଦି ଖଣ୍ଡଗିରି ଥାନାକୁ ଦୌଡ଼ିଲେ। ପୁଲିସ ସ୍ୱାଭାବିକ ଭାବେ ମୋ' ବସ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ବୃନ୍ଦାବନଙ୍କ କହିବା କଥା ଏମ୍‌ସ ନିକଟରେ ସେ ବସ୍‌ରୁ ଓହ୍ଲାଇବା ବେଳେ ୪/୫ ଜଣ ଲୋକ ତାଙ୍କ ଚାରିକଡ଼ରେ ଅଯଥା ଭିଡ଼ କରିଥିଲେ। କିନ୍ତୁ ପୁଅ ଚିନ୍ତାରେ ସେ ସେଆଡ଼କୁ ନଜର ଦେଇନଥିଲେ। ତେଣୁ ସେମାନେ ହିଁ ପକେଟମାରୁ ବୋଲି ସେ ସନ୍ଦେହ କରୁଛନ୍ତି। ପୁଲିସ ଭଲରେ ଛାନ୍‌ଭିନ କଲେ, ଲୁଟେରାମାନେ ଧରାପଡ଼ିଯାଆନ୍ତେ ବୋଲି ବୃନ୍ଦାବନ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ କମିସନରେଟ୍ ପୁଲିସ ମୋ' ବସ୍‌ରେ ଲୁଟ୍‌ପାଟ କରୁଥିବା ଏକ ୫ ଜଣିଆ ପକେଟମାରୁ ଗ୍ୟାଙ୍ଗ୍‌କୁ ଗିରଫ କରିଥିଲା। କଟକରେ ସେମାନଙ୍କ ଡେରା ପଡ଼ିଥିଲା ଏବଂ ଭୁବନେଶ୍ୱର ଆସି ମୋ' ବସ୍‌ରେ ଲୁଟ୍‌ପାଟ କରୁଥିଲେ। ପୂର୍ବରୁ ମଧ୍ୟ କିଛି ବଞ୍ଚାରାଙ୍କୁ ଏଭଳି ମାମଲାରେ ପୁଲିସ ଗିରଫ କରିଛି। କିନ୍ତୁ ମୋ' ବସ୍‌ରେ ପକେଟମାରୁଙ୍କ ପ୍ରାଦୁର୍ଭାବ କମିବା ବଦଳରେ ବଢ଼ିବାରେ ଲାଗିଛି।

ଭୁବନେଶ୍ୱରରେ ମାଟ୍ରିକ ପାସ୍‌ହାର ୯୮.୯୬% : ସହରରେ କମିଲା 'ଏ-୧' ଗ୍ରେଡ୍

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଏବର୍ଷ ରାଜଧାନୀର ସମସ୍ତ ବିଦ୍ୟାଳୟରେ ପାସ୍‌ହାର ଭଲ ହୋଇଛି। ତେବେ 'ଏ-୧' ଗ୍ରେଡ୍ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ରାଜ୍ୟର ଅନ୍ୟ ସହରାଞ୍ଚଳ ତୁଳନାରେ କମ୍ ଅଛି। ଘରୋଇ ବିଦ୍ୟାଳୟଗୁଡ଼ିକ ଶତପ୍ରତିଶତ ଫଳ କରି ପୂର୍ବବର୍ଷର ସଫଳତାକୁ ପୁଣିଥରେ ଦୋହରାଇଛନ୍ତି ସତ, ହେଲେ ସେମାନଙ୍କର 'ଏ-୧' ଗ୍ରେଡ୍ ରଖିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଉତ୍ସାହଜନକ ହୋଇନାହିଁ। ୯୫%ରୁ ଅଧିକ ମାର୍କ ରଖିଥିବା ପରୀକ୍ଷାର୍ଥୀ ନାହାନ୍ତି। ସରକାରୀ ବିଦ୍ୟାଳୟଗୁଡ଼ିକ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ 'ଏ-୧' ଗ୍ରେଡ୍ କମିଛି। ଅଧିକାଂଶ ବିଦ୍ୟାଳୟର ପାସ୍‌ହାର ଶତପ୍ରତିଶତ ହୋଇଛି। ରବିବାର ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ଭୁବନେଶ୍ୱର ବ୍ଲକ ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକରୁ ଆଜି ଏଭଳି ତଥ୍ୟ ସାମ୍ନାକୁ ଆସିଛି। ତଥ୍ୟ ଅନୁସାରେ ବିଏମ୍‌ସି ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାସ୍‌ହାର ୯୯.୨୦% ରହିଛି। ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ବିଏମ୍‌ସି ଅଞ୍ଚଳରେ ଏଥର ୬୧୧୬ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ଲାଗି ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬୦୭୫ ଜଣ ପରୀକ୍ଷା ଦେଇଥିବା ବେଳେ ୬୦୨୭ଜଣ ପାସ୍ କରିଛନ୍ତି। ୬୦ ସ୍କୁଲ୍‌ର ୧୫ ଜଣ 'ଏ-୧' ଗ୍ରେଡ୍‌ରେ ପାସ୍ କରିଥିବା ବେଳେ ୧୨୭ ଜଣ 'ଏ-୨', ୪୧୪ ଜଣ 'ବି-୧', ୮୩୪ ଜଣ 'ବି-୨', ୧,୬୩୪ ଜଣ 'ସି', ୧,୭୮୩ ଜଣ 'ଡି' ଓ ୧୨୨୦ ଜଣ 'ଇ' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୮ ଜଣ ଛାତ୍ରଛାତ୍ରୀ 'ଏଫ୍' ଗ୍ରେଡ୍ ଅର୍ଥାତ୍ ଫେଲ୍ ହୋଇଛନ୍ତି। ୩୨ଟି ବିଦ୍ୟାଳୟର ଶତପ୍ରତିଶତ ରେଜଲ୍ଟ ହୋଇଛି।

'ଏ-୧' ଗ୍ରେଡ୍ ପାଇଥିବା ସରକାରୀ ବିଦ୍ୟାଳୟର ୧୫ ଜଣଙ୍କ ମଧ୍ୟରୁ ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚବିଦ୍ୟାଳୟ, ଚନ୍ଦ୍ରଶେଖରପୁର ଉଚ୍ଚବିଦ୍ୟାଳୟ ଫେଜ୍-୧, ବିଆର ଆମ୍ବେଦକର ଉଚ୍ଚବିଦ୍ୟାଳୟ ବରମୁଣ୍ଡା, ସରକାରୀ ନୋଡାଲ ହାଇସ୍କୁଲ୍ ଖଣ୍ଡଗିରି, ୟୁନିଟ୍ -୩ କ୍ୟାପିଟାଲ ହାଇସ୍କୁଲ୍, ୟୁନିଟ୍ -୮ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସିଆରପି-ବରମୁଣ୍ଡା ସରକାରୀ ନୋଡାଲ ହାଇସ୍କୁଲ୍, ସରକାରୀ ଉଚ୍ଚବିଦ୍ୟାଳୟ ଆଇଆରସି ଭିଲେଜ ସ୍କୁଲ୍‌ରୁ ଜଣେ ଲେଖାଏଁ 'ଏ-୧' ହାସଲ କରିଛନ୍ତି। ୟୁନିଟ୍-୪ ସରକାରୀ ଉଚ୍ଚବିଦ୍ୟାଳୟ, ବିଏମ୍ ସରକାରୀ ଉଚ୍ଚବିଦ୍ୟାଳୟରୁ ଦୁଇ ଜଣ ଓ ପଟିଆ ବାଳିକା ଉଚ୍ଚବିଦ୍ୟାଳୟର ୩ ଜଣ 'ଏ-୧' ପାଇଛନ୍ତି। ବରମୁଣ୍ଡା ସରସ୍ୱତୀ ବିଦ୍ୟାମନ୍ଦିରର ୬ଜଣ, ୟୁନିଟ୍-୮ ଏସ୍‌ଏସ୍‌ଭିଏମ୍‌ର ୯, ନୂଆପଲ୍ଲୀ ଶ୍ରୀମଦ୍ ଭଗବତ ଗୀତା ବିଦ୍ୟାମନ୍ଦିରର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଣ୍ଡଗିରିରୁ ୨ ଜଣ ଲେଖାଏଁ ଛାତ୍ର 'ଏ-୧' ଗ୍ରେଡ୍ ପାଇଥିବା ଜଣାପଡ଼ିଛି। କ୍ୟାପିଟାଲ ହାଇସ୍କୁଲର ଶ୍ୟାମଳୀ ଗୀତାଞ୍ଜଳି ସରକାର, ଖଣ୍ଡଗିରି ସରକାରୀ ହାଇସ୍କୁଲର ଦେବାଶିଷ ଦାସ, ୟୁନିଟ୍-୪ର ସରକାରୀ ବାଳିକା ହାଇସ୍କୁଲର ଅନୁସୟା ଦାସ ପ୍ରମୁଖ ୫୫୨ ନମ୍ବର ରଖିଥିବା ଜଣାପଡ଼ିଛି। ଯଦି ଭୁବନେଶ୍ୱର ବ୍ଲକ କଥା ବିଚାରକୁ ନିଆଯାଏ, ତେବେ ୨୦ଟି ବିଦ୍ୟାଳୟର୯୮.୯୬% ରେଜଲ୍ଟ ହୋଇଛି। ବ୍ଲକରେ ପରୀକ୍ଷା ଦେଇଥିବା ୧୩୪୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୩୯ଜଣ ପାସ୍ କରିଛନ୍ତି। ଦୁଇ ଜଣ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍ ହାସଲ କରିଥିବା ବେଳେ ୧୭ଜଣ 'ଏ-୨', ୭୧ଜଣ 'ବି-୧', ୧୬୩ଜଣ 'ବି-୨', ୩୬୪ଜଣ 'ସି', ୩୯୭ଜଣ 'ଡି', ୩୨୫ଜଣ 'ଇ' ଗ୍ରେଡ୍‌ରେ ପାସ୍ କରିଛନ୍ତି। ୧୫ଟି ବିଦ୍ୟାଳୟର ପାସ୍‌ହାର ଶତପ୍ରତିଶତ ହୋଇଛି।

ଟ୍ରେଡିଂ ଆପ୍‌ରେ ୧୮ ଲକ୍ଷ ହରାଇଲେ ଆଇଟି ଏକ୍ସପର୍ଟ

୩ ମାସରେ ୧୦ କୋଟି ଠକେଇ ଅଭିଯୋଗ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ପୁଣି ଏକ ବଡ଼ଧରଣର ସାଇବର ଠକେଇ ସାମ୍ନାକୁ ଆସିଛି। ଭୁବନେଶ୍ୱରରେ ଜଣେ ଆଇଟି ଏକ୍ସପର୍ଟ ଟ୍ରେଡିଂ ଆପ୍‌ରେ ପୁଞ୍ଜିନିବେଶ କରି ୧୮ ଲକ୍ଷ ଟଙ୍କା ହରାଇଛନ୍ତି। ଅଧିକ ଲାଭ ପାଇବାର ଲୋଭରେ ପଡ଼ି ଜଣେ ଆଇଟି ଏକ୍ସପର୍ଟଙ୍କ ଭଳି ବ୍ୟକ୍ତି ଏତେଗୁଡ଼ାଏ ଟଙ୍କା ସାଇବର ଠକଙ୍କ ହାତକୁ ଟେକିଦେବା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଚଳିତ ମାସ ୨୦ରୁ ଏପର୍ଯ୍ୟନ୍ତ ସାଇବର ଥାନାକୁ ଆସିଥିବା ଅଭିଯୋଗ ଅନୁସାରେ ୩ ବଡ଼ବଡ଼ ଠକେଇ ହୋଇଛି ଏବଂ ସବୁଁ ଠକେଇରେ ଉଚ୍ଚ ଶିକ୍ଷିତମାନେ ହିଁ ଶିକାର ହୋଇଛନ୍ତି। ଗତ ୩ ମାସର ତଥ୍ୟ ଅନୁସାରେ ସାଇବର ଠକମାନେ ଭୁବନେଶ୍ୱରରୁ ୧୦ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି।

ଭୁବନେଶ୍ୱରରେ ରହି ଏକ ସଫ୍‌ଟୱେ୍ୟାରକମ୍ପାନିରେ କାମ କରୁଥିବା ଆଇଟି ଏକ୍ସପର୍ଟଜଣକ ଟ୍ରେଡିଂ ଆପ୍‌ରେ ପୁଞ୍ଜିନିବେଶ କରିବାକୁ ଯାଇ ଏହି ଠକାମିର ଶିକାର ହୋଇଛନ୍ତି। ପ୍ରଥମେ ସେ ବିନିଯୋଗ ରାଶିର ୨ ଗୁଣା ରିଟର୍ଣ୍ଣ ପାଇବା ପରେ ଲୋଭଗ୍ରସ୍ତ ହୋଇପଡ଼ିଥିଲେ। ତେଣୁ ଗୋଟିଏ ପରେ ଗୋଟିଏ ଟାସ୍କ ପୂରଣ କରି ଲାଭବାନ ହୋଇଥିଲେ। ସାଇବର ଠକ ରାକେଟ୍ ତାଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ ଶିକାର କରିବାକୁ ଜାଲ ବିଛାଇଛି ବୋଲି ସେ ବୁଝିପାରିନଥିଲେ। ଅଧିକ ଲାଭ ପାଇବାର ଲୋଭ ତାଙ୍କୁ ଏକପ୍ରକାର ଅନ୍ଧ କରିଦେଇଥିଲା। ତେଣୁ ସେ ଆଖିବୁଜି ପୁଞ୍ଜିନିବେଶ କରିଚାଲିଲେ। ସେପଟେ ତାଙ୍କ ଡିଜିଟାଲ୍ ୱାଲେଟ୍‌ରେ ବି ବିପୁଳ ଅର୍ଥ ରାଶି ଜମା ହୋଇଚାଲିଥିଲା। ମୂଳଧନ ଓ ଲାଭାଂଶ ମିଶି ପାଖାପାଖି ୧୦ ଲକ୍ଷ ଟଙ୍କା ହୋଇଯିବା ପରେ ସେ ଟଙ୍କା ଉଠାଇବାକୁ ଇଚ୍ଛା କରିଥିଲେ। କିନ୍ତୁ ହଠାତ୍ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଥିଲା। ସାଇବର ଠକ ଗ୍ୟାଙ୍ଗ୍ ତାଙ୍କୁ ପୁଣି ୮ ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାଦ୍ୱାରା ତାଙ୍କ ଆକାଉଣ୍ଟ ପୁଣି ସଚଳ ହେବ ଏବଂ ଟଙ୍କା ଉଠାଣର ପ୍ରୋସେସିଂ ପରେ ତାଙ୍କୁ ସବୁ ଟଙ୍କା ଫେରସ୍ତ ଦିଆଯିବ ବୋଲି କୁହାଯାଇଥିଲା। ତେଣୁ ସେ ଯୋଗାଡ଼ କରି ପୁଣି ୮ ଲକ୍ଷ ଟଙ୍କା ଅନ୍‌ଲାଇନ୍‌ରେ ପଇଠ କରିଥିଲେ। ଏହାପରେ ତାଙ୍କୁ ପୂରା ନେଟ୍‌ୱର୍କରୁ ବାହାର କରି ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ଚଳିତ ମାସ ୨୦ ତାରିଖରେ ଜଣେ ୯୦ ଲକ୍ଷ ଓ ୨୩ ତାରିଖରେ ଜଣେ ୧ କୋଟି ୪୦ ଲକ୍ଷ ଟଙ୍କା ହରାଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଏବେ କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ଏହି ୨ ମାମଲାର ତଦନ୍ତ କରୁଛି।

ରାଜଧାନୀବାସୀ ଦିନକୁ ଖାଉଛନ୍ତି ୩ ଶହ ଟନ୍ ଆମ୍ବ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ରାଜଧାନୀ ଫଳ ବଜାରକୁ ଆସିଗଲାଣି ବିଭିନ୍ନ କିସମର ଆମ୍ବ। ଋତୁଭିତ୍ତିକ ଫଳ ହୋଇଥିବାରୁ ସବୁ ସମୟରେ ଏହା ଦେଖିବାକୁ ମିଳେନାହିଁ। ତେଣୁ ଏହାକୁ ଦୃଷ୍ଟିରେ ରଖି ମାର୍କେଟ ହେଉ କି ଛକ ସବୁଠି ଆମ୍ବର ପସରା ମେଲିଛି। ରାଜଧାନୀବାସୀ ଏତେ ଆମ୍ବପ୍ରିୟ ଯେ ପ୍ରତିଦିନ ପ୍ରାୟ ୩ଶହ ଟନ୍ ଆମ୍ବ ଖାଉଛନ୍ତି। ରାଜଧାନୀରେ ପାଖାପାଖି ୩୫ଟି ଫଳ ଗୋଦାମ ଥିବାବେଳେ ୩ହଜାରରୁ ଅଧିକ ଆମ୍ବ ବେପାରୀ ଅଛନ୍ତି। ତା'ଛଡ଼ା ବାଟଘାଟରେ ବି ଅନେକ ଉଠା ଦୋକାନୀ ବିକ୍ରି କରୁଛନ୍ତି। ମାର୍କେଟକୁ ପ୍ରତିଦିନ ୩୦ ଟ୍ରକ୍ ଆମ୍ବ ଆସୁଛି। ପାଖାପାଖି ହିସାବ କଲେ ଦିନକୁ ୩ଶହ ଟନ୍ ବଜାରରେ ଆମ୍ବ ବିକ୍ରି ହେଉଛି ବୋଲି ବାବା ବାଲେଶ୍ୱର ଫୁଡ୍‌ସ୍ ଗୋଦାମର ବ୍ୟବସାୟୀ ବିନାୟକ ପାତ୍ର କହିଛନ୍ତି। ଏପ୍ରିଲ୍‌ଠାରୁ ନେଇ ଜୁଲାଇ ମାସ ପର୍ଯ୍ୟନ୍ତ ବଜାର ଚଳଚଞ୍ଚଳ ହୋଇ ଉଠିଥାଏ। ବର୍ତ୍ତମାନ ବଜାରରେ ବାଇଗଣପଲେଇ କେଜିପିଛା ୧୦୦ଟଙ୍କା, ଆମ୍ରପଲ୍ଲୀ ୭୦ ଟଙ୍କା, ଆଖୁରସ ୧୨୦, ସୁନ୍ଦରୀ ୧୦୦ଟଙ୍କା, ଲେଙ୍ଗଡ଼ା ୮୦ଟଙ୍କା, ତୋତାପଲ୍ଲୀ ୬୦ଟଙ୍କା, ନିଲମ୍ ୫୦ଟଙ୍କାରେ ବିକ୍ରି ହେଉଛି। ଆଲଫୋନ୍ସ ୧୫୦ ଟଙ୍କା ଥିବାବେଳେ ଏହା ବାରମାସୀ ମିଳିଥାଏ। କିନ୍ତୁ ତା'ର ଦର ଅନ୍ୟ ସମୟରେ ୪୦୦ ଟଙ୍କା ରହିଥାଏ। ବିଶେଷତଃ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କୋଲକାତା ଆଦି ରାଜ୍ୟରୁ ଅଧିକ ପରିମାଣରେ ଓଡ଼ିଶାକୁ ଆମ୍ବ ଆସୁଛି ବୋଲି ଏକ ନମ୍ବର ମାର୍କେଟରେ ଥିବା ଜଣେ ଆମ୍ବ ବ୍ୟବସାୟୀ ଅଶୋକ ଭୂୟାଁ କହିଛନ୍ତି। ରାଜଧାନୀ ବଜାରରେ କଳାରଙ୍ଗର ମଧ୍ୟ ଆମ୍ବ ମିଳୁଛି। ଯାହାର ନାଁ ଫଜ୍‌ଲି ରହିଥିବାବେଳେ ଦର କେଜିପ୍ରତି ୫୦ଟଙ୍କା। ଏହା କୋଲକାତା ଓ ଉତ୍ତରପ୍ରଦେଶରୁ ଆସୁଛି। ବିଶେଷତଃ ଏହି ଆମ୍ବ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ମିଳିଥାଏ। କିନ୍ତୁ ଆମ୍ବର ଚାହିଦାକୁ ଦୃଷ୍ଟିରେ ରଖି ଏବେ ଅକ୍ଟୋବରରେ ମଧ୍ୟ ବାରମାସୀ ଆମ୍ବ ମିଳୁଛି। ଓଡ଼ିଶାରେ ଆମ୍ବ ଉତ୍ପାଦନ ବଢୁଥିଲେ ମଧ୍ୟ ବଜାର ସୁବିଧା ନଥିବାରୁ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମ୍ବ ଆଣି ବିକ୍ରି କରୁଛନ୍ତି। ଓଡ଼ିଶାରେ ଆମ୍ବ ୨.୧ଲକ୍ଷ ହେକ୍ଟର ଜମିରେ ଚାଷ ହେଉଛି। ଅନେକ ଜିଲ୍ଲାରେ ଆମ୍ବ ଚାଷ ହେଉଥିଲେ ବି କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ ଓ ଅନୁଗୁଳରେ ଚାଷର ପରିମାଣ ଅଧିକ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଓଡ଼ିଶାରେ ଆମ୍ବର ଉତ୍ପାଦନ ବଢୁଥିଲେ ମଧ୍ୟ ବଜାରର ସୁବିଧା ନଥିବାରୁ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମ୍ବ ଆଣି ବିକ୍ରି କରୁଛନ୍ତି। ଏନେଇ କେନ୍ଦ୍ରୀୟ ଉଦ୍ୟାନ ପରିକ୍ଷଣ କେନ୍ଦ୍ର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, ''ଏପ୍ରିଲ୍ ମାସ ପହିଲାରୁ ଆମ୍ବ ବିକ୍ରି ଆରମ୍ଭ ହୋଇଯାଇଥାଏ। ଓଡ଼ିଶାରେ ପାଖାପାଖି ୫୦ ପ୍ରତିଶତ ଆମ୍ରପଲ୍ଲୀ ଚାଷ ହେଉଛି। ଏହା ଜୁନ୍‌ମାସରେ ଉତ୍ପାଦନ ହେଉଥିବାରୁ ବଜାରକୁ ବିଳମ୍ବରେ ଆସୁଛି। ତେଣୁ ବାହାର ରାଜ୍ୟର ଆମ୍ବ ଶୀଘ୍ର ମାର୍କେଟକୁ ଆସୁଥିବାରୁ ବେପାରୀମାନେ ବାହାର ରାଜ୍ୟ ଉପରେ ଆମ୍ବ ପାଇଁ ଭରସା କରୁଛନ୍ତି। ଏହି ଅଭାବକୁ ପୂରଣ କରିବା ପାଇଁ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ପକ୍ଷରୁ ଗୁଲାବ୍‌ଖାସ୍, ଅର୍କ, ନୀଳାଚଳ, କେଶରୀ ଆମ୍ବକୁ କୃଷି ବୈଜ୍ଞାନିକମାନେ ଚିହ୍ନଟ କରିଛନ୍ତି। ଏହି ଆମ୍ବଗୁଡ଼ିକ ସହଜ କିସମ ହୋଇଥିବାରୁ ଏହାକୁ ଓଡ଼ିଶାରେ ଚାଷ କଲେ ଆମ୍ବ ମାର୍ଚ୍ଚ ପହିଲାରୁ ବଜାରକୁ ଆସିପାରିବ। ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ।'' ଓଡ଼ିଶାରେ ଆମ୍ବଚାଷ ପାଇଁ ଭଲ ଜଳବାୟୁ ଅଛି। ଆମ୍ରପଲ୍ଲୀ ଉତ୍ତର ଭାରତରେ ଲୋକପ୍ରିୟ ହୋଇଥିଲେ ମଧ୍ୟ ଓଡ଼ିଶାରେ ନିଜସ୍ୱ ଚାହିଦାର ୫୦ ପ୍ରତିଶତ ଉତ୍ପାଦନ ହେଉଛି। ଏହାର ଓଜନ ମଧ୍ୟ ପାଖାପାଖି ୨୫୦ଗ୍ରାମ୍ ରହୁଛି। ଆଗାମୀ ଦିନମାନଙ୍କରେ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ଆମ୍ବ ପାଇଁ ଭରସା କରିବ ନାହିଁ ବୋଲି ଡ. ଆଚାର୍ଯ୍ୟ ଆଶାବାଦୀ ଅଛନ୍ତି।

ବିଦେଶକୁ ଡାକରେ ଯାଉଛି ପାମ୍ପଡ଼, ବଡ଼ି

ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ
କିଛିବର୍ଷ ପୂର୍ବେ ବିଦେଶରେ ରହୁଥିବା ସମ୍ପର୍କୀୟଙ୍କ ନିକଟକୁ କୌଣସି ସାମଗ୍ରୀ, ଖାଦ୍ୟ ତଥା ପୋଷାକ ପଠାଇବା ହେଲେ ମାସାଧିକ କାଳ ଲାଗୁଥିଲା। କିନ୍ତୁ ଆଜିର ଦିନରେ ଏହାକୁ ସହଜ କରିବା ପାଇଁ ଡାକ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ବିଦେଶ ଡାକସେବା। ଏବେ ଓଡ଼ିଶା ତଥା ଆମ ରାଜଧାନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଷ୍ଟେଟ୍ ଫରେନ୍ ପୋଷ୍ଟାଲ ପ୍ରିଣ୍ଟିଙ୍ଗ ପ୍ରେସ୍ କମ୍ପ୍ଲେକ୍ସରେ ବିଦେଶ ଡାକଘର ଖୋଲାଯାଇଛି। ଏହି ଡାକ ମାଧ୍ୟମରେ ଓଡ଼ିଶାରୁ ବିଭିନ୍ନ ସାମଗ୍ରୀ ବିଦେଶ ପଠାଯାଇପାରୁଛି। କୋଲକାତାରେ କଷ୍ଟମ୍ ଯାଞ୍ଚ ପାଇଁ ୨ ରୁ ୩ ଦିନ ସେଠାରେ ଯାଞ୍ଚ କାର୍ଯ୍ୟ ହେଉଥିଲା। ଏହାପରେ ସେଠାରୁ କ୍ଲିଅରାନ୍ସ ହୋଇ ବିଦେଶ ପଠାଇବାରେ ଆହୁରି ୧୦ରୁ ୨୦ଦିନ ଲାଗୁଥିଲା। ବିଦେଶରେ ଥିବା ଧାର୍ଯ୍ୟ ଠିକଣାରେ ପହଞ୍ଚିବା ଲାଗି ପାଖାପାଖି ମାସେ କିମ୍ବା ତା'ଠାରୁ ଅଧିକ ସମୟ ଲାଗି ଯାଉଥିଲା। ଭୁବନେଶ୍ୱରରେ ବିଦେଶ ଡାକଘର ଖୋଲିବା ପରେ ଏବେ କଷ୍ଟମ୍ କ୍ଲିୟରାନ୍ସ ଓ ବୁକିଂ ଗୋଟିଏ ଦିନରେ ହୋଇଯାଉଛି। ମାତ୍ର ୧୦ଦିନରେ ହିଁ ଠିକଣାସ୍ଥଳରେ ଚିଠି ଓ ଜିନିଷ ପହଞ୍ଚିପାରୁଛି। ଏହି ପ୍ରକ୍ରିୟା ୨୦୧୯ ଜୁଲାଇରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା।

କନ୍ଧମାଳରେ ୨୫୦ ଟପିଲା ଅଦା : ଜିଲ୍ଲାରେ ଉତ୍ପାଦିତ ୪,୨୦୦ ଟନ୍

ଫୁଲବାଣୀ, ନ୍ୟୁଜ ବ୍ୟୁରୋ
ଅଦା ଉତ୍ପାଦନ ପାଇଁ ପ୍ରସିଦ୍ଧ କନ୍ଧମାଳର ବିଭିନ୍ନ ହାଟ ବଜାରମାନଙ୍କରେ ଏବେ ଅଦା କିଲୋ ପ୍ରତି ୨୫୦ ଟଙ୍କା ଟପିଛି। ଗତବର୍ଷ ଅଦା କିଲୋ ୪୦୦ ଟଙ୍କା ଛୁଇଁଥିଲା। କନ୍ଧମାଳରେ ଅଦାର ଏଭଳି ଦରବୃଦ୍ଧିକୁ ସାଧାରଣ ଗ୍ରାହକ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। କନ୍ଧମାଳରୁ ଉତ୍ପାଦିତ ଅଦା କୁଆଡ଼େ ଯାଉଛି ? ଚଳିତ ବର୍ଷ କନ୍ଧମାଳରେ ପ୍ରଚୁର ଅଦା ଅମଳ ହୋଇଥିଲା, କିନ୍ତୁ ତାହା କାହିଁକି ବଜାର ଚାହିଦା ମେଣ୍ଟାଇବାରେ ସମର୍ଥ ହୋଇ ପାରୁନି ତାକୁ ନେଇ ପ୍ରଶ୍ନବାଚୀ ଉଠିଛି। କନ୍ଧମାଳରେ ଉଚ୍ଚ କ୍ଷମତାସମ୍ପନ୍ନ ଶୀତଳଭଣ୍ଡାର ନିର୍ମିତ ହୋଇ ପାରୁ ନଥିବାରୁ ଚାଷୀ

ପ୍ରତିବର୍ଷ ଅମଳ ଋତୁରେ ଅଦା ଓ ହଳଦୀର ଅଭାବୀ ବିକ୍ରିର ଶିକାର ହେଉଛି। ଅମଳ ଋତୁ ଫେବ୍ରୁଆରି-ମାର୍ଚ୍ଚରେ ବାହାର ବେପାରୀମାନେ ଚାଷୀଙ୍କଠାରୁ ଅଦା କିଲୋ ପିଛା ୪୦ରୁ ୫୦ ଟଙ୍କା ଦରରେ କିଣି ନେଇଥିଲେ। ଚାଷୀ ଅଦା କିଲୋ ପ୍ରତି ୫୦ ଟଙ୍କାରେ ବିକ୍ରି କରି ଦେଉଥିବା ବେଳେ ଅଭାବୀ ସମୟରେ ଚଢ଼ା ଦରରେ କିଣୁଛି। ଚଳିତବର୍ଷ ମଧ୍ୟ ଆନ୍ଧ୍ରପ୍ରଦେଶରେ ଅଦାର ଅମଳ ବାଧାପ୍ରାପ୍ତ ଥିବାରୁ ଫୁଲବାଣୀରେ ଅଦା ଦର ଆକାଶଛୁଆଁ ହୋଇଛି ବୋଲି ବ୍ୟବସାୟୀ କହୁଛନ୍ତି। ଅନ୍ୟପଟେ ଫେବ୍ରୁୟାରୀ ଓ ମାର୍ଚ୍ଚରେ କନ୍ଧମାଳ ଚାଷୀ ଶାଗମାଛ ଦରରେ ବେପାରୀଙ୍କୁ ଅଦା ବିକ୍ରି କରିଦେବାକୁ ବାଧ୍ୟ ହୋଇଥିଲା। ଏବେ ଖାଲିହାତରେ ବସିଛି। କନ୍ଧମାଳ ଜିଲ୍ଲାର ଚାଷୀ ମୁଖ୍ୟତଃ ଅଦା ଓ ହଳଦୀ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲ୍ଲାର ୨୫୦୦ ହେକ୍ଟର ଜମିରେ ପାଖାପାଖି ୫ ହଜାର ଚାଷୀ ଅଦା ଚାଷ କରିଥାନ୍ତି। ଚଳିତ ୨୦୨୩-୨୪ କୃଷିବର୍ଷରେ ପାଖାପାଖି ୪,୨୦୦ ମେଟ୍ରିକ ଟନ୍ ଅଦା ଅମଳ ହୋଇଥିଲା। ଫେବ୍ରୁୟାରୀ-ମାର୍ଚ୍ଚ ବେଳକୁ କନ୍ଧମାଳର ଚାଷୀ ସବୁତକ ଅଦା ବିକ୍ରି କରି ଦେଇଥିଲେ। କନ୍ଧମାଳ ଅଦା ଉନ୍ନତମାନର ଏବଂ ଏଥିରେ ବହୁ ଔଷଧୀୟ ଗୁଣ ରହିଥିବାରୁ ସମଗ୍ର ରାଜ୍ୟରେ ଏହାର ଚାହିଦା ରହିଛି। ବିଶେଷକରି କନ୍ଧମାଳ ଜିଲ୍ଲାର ଶୀତଳ ଜଳବାୟୁ ଓ ପାହାଡ଼ିଆ ମାଳଭୂମି ଅଦା ଚାଷ ପାଇଁ ବେଶ ଅନୁକୂଳ ହୋଇଥାଏ। କନ୍ଧମାଳ ଅଦା ଚାଷରେ କୌଣସି ରାସାୟନିକ ସାରର ପ୍ରୟୋଗ କରାଯାଇ ନଥାଏ। ସମ୍ପୂର୍ଣ୍ଣ ଜୈବିକ ପ୍ରଣାଳୀରେ ହେଉଥିବା କନ୍ଧମାଳ ଅଦାର ସମଗ୍ର ରାଜ୍ୟରେ ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି ଉତ୍ପାଦନ ମଧ୍ୟ ଅଧିକ ହେଉଛି। କିନ୍ତୁ ସଂରକ୍ଷିତ ହୋଇପାରୁନି। ଅଦାର ଉଚିତ ସଂରକ୍ଷଣ ବ୍ୟବସ୍ଥା ସହିତ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଗଲେ ହଜାର ହଜାର ସଂଖ୍ୟାରେ ଆଦିବାସୀ ଚାଷୀ ଉପକୃତ ହୋଇପାରନ୍ତେ।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୮ ମଇ ୨୦୨୪ ମଙ୍ଗଳବାର

ଧାମନଗର:ନିର୍ଣ୍ଣାୟକ ଭୂମିକାରେ ମହିଳା ଓ ନୂତନ ଭୋଟର

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଜିଲ୍ଲା ୪୬-ଧାମନଗର ସଂରକ୍ଷିତ ବିଧାନସଭା ଆସନ ପାଇଁ ମତଦାନ ଆଉ ମାତ୍ର କିଛି ଦିନ ବାକିରହିଲା। ତିନି ଦଳର ନେତା ଓ କର୍ମୀମାନେ ନିର୍ବାଚନୀ ପ୍ରଚାରରେ ଲାଗି ପଡ଼ି ଛନ୍ତି । ଏହାକୁ ନେଇ ରାଜନୈତିକ ଉଷ୍ମତା ମଧ୍ୟ ବଢ଼ିବାରେ ଲାଗିଛି । ୨୦୧୯ ନିର୍ବାଚନରେ ବିଧାୟକ ବିଷ୍ଣୁ ସେଠୀ ବିଧାୟକ ହେବା ପରେ ପଞ୍ଚାୟତ ନିର୍ବାଚନ ହୋଇଥିଲା । ଧାମନଗର ବିଧାନସଭା ଆସନରେ ୪୪ଟି ପଞ୍ଚାୟତ (ଧାମନଗର ବ୍ଲକର ୩୧ ଓ ତିହିଡି ବ୍ଲକର ୧୩ ପଞ୍ଚାୟତ) ନିର୍ବାଚନ ସମୀକରଣ ବଦଳି ଯାଇଥିଲା । ଏଠାରେ ବିଜେପି ବିଧାୟକ ଥିବା ବିଷ୍ଣୁ ସେଠୀଙ୍କ ବିୟୋଗ ପରେ ତାଙ୍କ ପୁଅ ସୂର୍ଯ୍ୟବଂଶୀ ୧୫ ମାସ ବିଧାୟକ ହୋଇଥିଲେ । ତେବେ ଚଳିତ ନିର୍ବାଚନରେ ମୋଟ ୨ ଲକ୍ଷ ୪୩ ହଜାର ୭୩୪ ଜଣ ଭୋଟର ମତଦାନ କରିବେ । ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୫ ହଜାର ୬୯୬ ଜଣ ପୁରୁଷ ଓ ୧ ଲକ୍ଷ୧୮ ହଜାର ୧୧ ଜଣ ମହିଳା ଓ ତୃତୀୟ ଲିଙ୍ଗ ୨୭ ଜଣ ମତଦାନ କରିବେ । ତେବେ ଗତ ଉପନିର୍ବାଚନରେ ବିଜେଡି ଜଣେ ମିଶନ ଶକ୍ତି ସହ ସମ୍ପୃକ୍ତ ଥିବା ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି ଜନକଲ୍ୟାଣକାରୀ ଯୋଜନାକୁ ଭିତ୍ତିକରି ଧାମନଗର ଆସନରୁ ଜିତିବା ପାଇଁ ବିଜେଡ଼ି ଉଦ୍ୟମ କରିଥିଲା । ମାତ୍ର ଫଳ ଓଲଟି ଗଲା । ଅନୁକମ୍ପା ଭୋଟ୍ ବିଜେପିର ସୂର୍ଯ୍ୟବଂଶୀ ସୁରଜଙ୍କ ହାତକୁ ଯାଇଥିଲା । ତେବେ ଚଳିତ ନିର୍ବାଚନରେ ସ୍ଥିତି ଅଲଗା ହୋଇଛି । ଗତ ନିର୍ବାଚନ ଠାରୁ ଏଥର ମହିଳା ଓ ନୂତନ ଭୋଟର ବଢ଼ିଛନ୍ତି। ଏଥର ମହିଳା ଭୋଟର ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ । ବିଶେଷ କରି ମହିଳା ଗୋଷ୍ଠୀଙ୍କ ସବୁବେଳେ ବିଜେଡି ସପକ୍ଷରେ ଯାଉଥିବାରୁ ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାର ମହିଳା ମାନଙ୍କ ପ୍ରତି ବିଭିନ୍ନ ଯୋଜନା କରିଛନ୍ତି । ସେହିପରି ଯୁବ ଓ ନୂତନ ଭୋଟରଙ୍କ ପାଇଁ ମଧ୍ୟ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ସେମାନଙ୍କୁ ଆର୍ଥିକ ପ୍ରଦାନ କରିଛନ୍ତି । ତେବେ ଚଳିତ ସାଧାରଣ ନିର୍ବାଚନରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ସେହିପରି କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଯୋଜନା ସାଙ୍ଗକୁ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ବି ମହିଳା ଭୋଟରଙ୍କୁ କିଛି ପ୍ରଭାବ ପକାଇବ ବୋଲି ମଧ୍ୟ ଆଲୋଚନା ହେଉଛି । ତଥାପି ଚଳିତ ନିର୍ବାଚନରେ ବିଶେଷ କରି ବିଜେଡ଼ି ଓ ବିଜେପି ମଧ୍ୟରେ କଡା ଟକ୍କର ହେବ ।

ମାଟ୍ରିକ ରେଜଲ୍ଟ:ବାଲେଶ୍ୱର ଜିଲ୍ଲାରେ ୯୬.୧ ପ୍ରତିଶତ ପାସ୍

ବାଲେଶ୍ୱର, ନ୍ୟୁଜ୍

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ରବିବାର ପ୍ରକାଶ ପାଇଥିବା ମାଟ୍ରିକ୍ ରେଜଲ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ ସହିତ ବାଜି ମାରିଛି ବାଲେଶ୍ୱର ଜିଲ୍ଲା । ସମଗ୍ର ରାଜ୍ୟର ଅନ୍ୟତମ ସର୍ବାଧିକ ଭାବେ ବାଲେଶ୍ୱର ଜିଲ୍ଲା ୯୬.୧ ପ୍ରତିଶତ ପାସ୍ ହାର ଅର୍ଜନ କରିଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଛି । ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିବା ସୂଚନା ଅନୁଯାୟୀ ପରୀକ୍ଷା ଦେଇଥିବା ୩୦ ହଜାର ୩୯୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସିମୁଳିଆର ୧୬ ଜଣ, ସୋରର ୨୫ ଜଣ, ଖଇରାର ୧୮ ଜଣ, ଔପଦାର ୨ ଜଣ, ବାହାନଗାର ୧୦ ଜଣ, ନୀଳଗିରିର ୧୪ ଜଣ, ସଦରର ୨୧ ଜଣ, ରେମୁଣାର ୨୧ ଜଣ, ବସ୍ତାର ୨୩ ଜଣ, ବାଲିଆପାଳର ୭୩ ଜଣ, ଜଳେଶ୍ୱରର ୨୨ ଜଣ ଓ ଭୋଗରାଇର ୧୬ ଜଣ ସହ ସର୍ବମୋଟ ୨୬୧ ଜଣ କୃତି ଛାତ୍ରଛାତ୍ରୀ ଏ୧ ହାସଲ କରିଛନ୍ତି । ଏଠାରେ ପ୍ରକାଶ ଥାଉ କି, ଜଳେଶ୍ୱର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅନିମେଷ ପାତ୍ର ୫୭୫ ଅଙ୍କ ରଖି ଜିଲ୍ଲା ଟପର ହୋଇଛନ୍ତି । ତତ୍‌ସହିତ ୧ ହଜାର ୮୬୮ ଜଣ ଏ୨, ୪ ହଜାର ୩୭୯ ଜଣ ବି୧, ୬ ହଜାର ୭୯ ଜଣ ବି୨, ୭ ହଜାର ୬୩୫ ଜଣ ସି, ୫ ହଜାର ୯୯୮ ଜଣ ଡି ଓ ୩ ହଜାର ୭୯୫ ଜଣ ଇ ଗ୍ରେଡ୍ ହାସଲ କରିଛନ୍ତି । ସେହିଭଳି ମଧ୍ୟମା-୨୦୨୪ ରେ ପରୀକ୍ଷା ଦେଇଥିବା ୭୯୧ ଜଣଙ୍କ ମଧ୍ୟରୁ ୭୫୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ କହିଛନ୍ତି ଯେ ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ସମଗ୍ର ଶିକ୍ଷା ବିଭାଗ ଅତ୍ୟନ୍ତ ଆନନ୍ଦିତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରି ଓ ଧରଣୀଧର ପାତ୍ର ଏହି ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କ ଅଟଳ ସମର୍ପଣ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅକ୍ଳାନ୍ତ ଉଦ୍ୟମ ଏବଂ ଅଭିଭାବକଙ୍କ ଅମୂଲ୍ୟ ସହଯୋଗର ପ୍ରତିଫଳନ ବୋଲି ମତ ପ୍ରକାଶ କରିଛନ୍ତି । ଏହି ଅସାଧାରଣ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସମସ୍ତ କୃତକାର୍ଯ୍ୟ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ ନିଷ୍ଠାପର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

ବିଜେପିର ମହାମିଶ୍ରଣ ପର୍ବ:୪୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଲେ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେଡି ଗଡ଼ ଭୁଶୁଡ଼ିବାରେ ଲାଗିଛି । ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡା ସ୍ଥିତ ଏକ ମଣ୍ଡପରେ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେଡିର ଏକ ବଡ଼ ଗୋଷ୍ଠୀ ଦଳ ଛାଡି ବିଜେପିରେ ସାମିଲ ହୋଇଥିବା ଦେଖାଯାଇଛି । ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ଅନୁଗତଙ୍କ ପ୍ରତି ବର୍ତ୍ତମାନ ବିଜେଡି ବିଧାୟକ ପ୍ରାର୍ଥୀଙ୍କର ବୈମାତୃକ ମନୋଭାବ ପାଇଁ ଦଳ ଛାଡି ଅନ୍ୟ ଦଳକୁ ଚାଲିଯାଉଥିବା ସୂଚନା ମିଳୁଛି । ରଘୁନାଥପୁର ବ୍ଲକ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତଥା ଜିଲ୍ଲା ବିଜେଡି ଉପସଭାପତି ସରୋଜ କାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ, ତାରପୁର ପୂର୍ବତନ ସରପଞ୍ଚ ସରୋଜ

କୁମାର ଦାସ, ଅଢେଇକୁଳ ସରପଞ୍ଚ ଶେଷଦେବ ସେଠୀ, ଜଗନାଥପୁର ସରପଞ୍ଚ ପୁରୁଷୋତ୍ତମ ସ୍ୱାଇଁ, ଧରାଧରପୁର ସରପଞ୍ଚଙ୍କ ସ୍ୱାମୀ ଯୁଗୋଳ କିଶୋର ମଲ୍ଲିକଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ସମର୍ଥକ ମାନଙ୍କୁ ନେଇ ବିଜେପି ମିଶ୍ରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସରୋଜ କାନ୍ତ ସ୍ୱାଇଁ ରଘୁନାଥପୁର ଠାରୁ ତାଙ୍କର ସମର୍ଥକ ମାନଙ୍କ ସହିତ ଏକ ମଟର ସାଇକେଲ ଶୋଭାଯାତ୍ରାରେ ମଣ୍ଡପ ପର୍ଯ୍ୟନ୍ତ ଆସିଥିଲେ । ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ରଞ୍ଜନ ମହାନ୍ତି, ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, ରାଜ୍ୟ କର୍ମକର୍ତ୍ତା ସଞ୍ଜୟ ଦାସ, ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସୁବାଷ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ମିଶ୍ରଣରେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଦଳରେ ସାମିଲ ହୋଇଥିବା ପ୍ରତେକ କର୍ମୀ ମୂଲ୍ୟବାନ ବୋଲି ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା ଶ୍ରୀ ମହାନ୍ତି କହିଥିଲେ । ଅପରପକ୍ଷରେ ଦଳରେ ସାମିଲ ହୋଇଥିବା କର୍ମୀମାନେ ଦଳର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାପାଇଁ କହିବା ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମିଶିଥିବା ଶ୍ରୀ ସ୍ୱାଇଁ ଓ କର୍ମୀମାନେ କହିଥିଲେ । ଏହାର ପ୍ରତିକ୍ରିୟାରେ ବିଜେଡି ବିଧାୟକ ପ୍ରାର୍ଥୀ କହିଥିଲେ ଯେ ଏହି ମିଶ୍ରଣରେ ଦଳକୁ କିଛି ପ୍ରଭାବ ପଡିବନାହିଁ । ରଘୁନାଥପୁର ବ୍ଲକ ବିଜେଡି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବୁଝାମଣା ହୋଇପାରିନଥିବାରୁ କିଛି ଲୋକ ଅନ୍ୟ ଦଳକୁ ଯାଇଛନ୍ତି । ସେଥିରେ କିଛି ପ୍ରଭାବ ପଡିବ ନାହିଁ ବୋଲି ସେ କହିଥିଲେ ।

ବିଜେଡ଼ିରେ ଯୋଗଦେଲେ ଜେଏମ୍ଏମ୍‌ର ବହୁ ନେତା ଓ କର୍ମୀ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଜେଏମ୍ଏମ୍‌ର ବହୁ ନେତା ଓ କର୍ମୀ ରବିବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡ଼ିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ନେତା ଓ କର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଜେଏମ୍ଏମ୍‌ର ନେତା ଓ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଜେଏମ୍ଏମ୍ ନେତା ସ୍ୱରୂପ କୁମାର ମହାନ୍ତ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ ଜେଏମ୍ଏମ୍ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ବିକାଶ ମହାନ୍ତ, ମୁକୁନ୍ଦ ମହାନ୍ତ, ଯାକତୁ ସୋରେନ, ରାଜା କାରୁଆ, ଶିବ ମହାନ୍ତ, ହରମୋହନ ମହାନ୍ତ, ଅସିତ୍ ମହାନ୍ତ, ରାଜକିଶୋର ମହାନ୍ତ, ସୁମନ୍ତ ଦାସ, ବଳରାମ ମୁର୍ମୁ, ତୁଷାର ମହାନ୍ତଙ୍କ ସହ ଶତାଧିକ ଜେଏମ୍ଏମ୍ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

କ୍ଲବ ଘରୁ ଯୁବକର ମୃତଦେହ ଉଦ୍ଧାର

କଟକ, ନ୍ୟୁଜ୍ ବ୍ୟୁରୋ

କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ଜଗତପୁର ଥାନା ଅଧିନସ୍ଥ ପ୍ରଧାନପଡା ଗ୍ରାମର ପରିଡ଼ା ସାହିରେ ପ୍ରେମ ଘଟଣାକୁ କେନ୍ଦ୍ର କରି ଜଣେ ଯୁବକକୁ ବିଭତ୍ସ ହତ୍ୟା କରାଯାଇଛି । ଯୁବକ ଜଣକ ହେଲେ ତାପସ ପ୍ରଧାନ । ଘଟଣା ମୁତାବକ ତାପସ ଉକ୍ତ ଗ୍ରାମର ଜଣେ ଝିଅକୁ ଭଲ ପାଉଥିଲେ । ଏ ନେଇ ଝିଅର ପରିବାର ଲୋକ ବାରମ୍ବାର ତାପସକୁ ଧମକ ଦେବା ସହ ମାରିବା ପାଇଁ ଉଦ୍ୟମ ମଧ୍ୟ କରିଥିଲେ । ପରେ ଉଭୟଙ୍କ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା । ତେବେ ଝିଅ ପରିବାର ସୁଯୋଗକୁ ଅପେକ୍ଷା କରିଥିବା ବେଳେ ରାତିରେ ତାପସ ଘର ପାଖରେ ଥିବା ପାଠାଗାରରେ ଶୋଇଥିବା ସମୟରେ ଧାରୁଆ ଅସ୍ତ୍ରରେ ଗଳା କାଟି ହତ୍ୟା କରି ଦୌଡ଼ି ପଳାଇଥିଲେ । ଘଟଣାସ୍ଥଳରେ ହିଁ ଯୁବକଙ୍କର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ଜଗତପୁର ଥାନା ଅଧିକାରୀ ଅତିରିକ୍ତ ଏସ୍‌ପି ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ପହଞ୍ଚି ସନ୍ଧାନୀ କୁକୁର ଆଣି ତଦନ୍ତ କରିବା ସହ ୩ ଜଣକୁ ଅଟକ ରଖିଛି । ପରେ ଶବଟିକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇ ତଦନ୍ତ ଜାରି ରଖିଛି ।

ଗଛରେ ବନ୍ଧା ହୋଇଥିବା ଯୁବକର ମୃତଦେହ ଉଦ୍ଧାର

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମାଉଲସିଙ୍ଗା ଗ୍ରାମର ପୋଖରୀ ହୁଡାରୁ ଗଛରେ ବନ୍ଧା ହୋଇଥିବା ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ବୌଦ୍ଧ ଥାନା ପୋଲିସ୍ । ମୃତ ଦେହଟି ବୌଦ୍ଧ ସହର ବାପୁଜୀ ନଗରର ସୁଜିତ ଦେହୁରୀଙ୍କ ବୋଲି ଚିହ୍ନଟ ହୋଇଛି । ରବିବାର ସକାଳେ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କ ମୃତଦେହ ଗଛରେ ବନ୍ଧା ହୋଇଥିବା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ । ଖବରପାଇ ମୃତ ସୁଜିତଙ୍କ ବାପା ମାଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ବୌଦ୍ଧ ପୋଲିସ୍ ମଧ୍ୟ ମୃତ ଦେହକୁ ଉଦ୍ଧାରକରି ତଦନ୍ତ ଆରମ୍ଭ କରିଛି । ମାତ୍ର ପରିବାରଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ହତ୍ୟା ନା ଆତ୍ମହତ୍ୟା ପୋଲିସ୍ ତଦନ୍ତ ଜାରି ରଖିଛି ।

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ

ବାଲେଶ୍ୱର, ନ୍ୟୁଜ୍

ସ୍ଥାନୀୟ ମିଶନ ପଡ଼ିଆ ପାଖ ଟପ ଏଣ୍ଡ ଟେଷ୍ଟି (ଫାଣ୍ଟାସି)ରେ କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସଞ୍ଜିବ ଗିରି ଅଧ୍ୟକ୍ଷତା କରିଥିଲେ । ଏଥିରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହପ୍ରଭାରୀ ସାହାନବାଜ ଚୌଧୁରୀ, ଏଆଇସିସି ବାଲେଶ୍ୱର ପ୍ରଭାରୀ ଶ୍ରୀ ଅଭୟ, ଜିଲ୍ଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ବିକାଶ କୁମାର ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପିନାଥ ପାଢ଼ୀ ପ୍ରମୁଖ ମଞ୍ଚାସୀନ ହୋଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ବିଜେଡି ସରକାର ଓ କେନ୍ଦ୍ର ମୋଦୀ ସରକାରଙ୍କ ବିଫଳତା ଏବଂ ମିଥ୍ୟା ପ୍ରତିଶ୍ରୁତିର କଡ଼ା ସମାଲୋଚନା କରିଥିଲେ । କଂଗ୍ରେସ ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କ ସାଂସଦ କାର୍ଯ୍ୟକାଳରେ ବାଲେଶ୍ୱରରେ ଅଳ୍ପ ଦିନରେ ଯେଉଁ ଉନ୍ନତି ମୂଳକ ବହୁମୁଖୀ କାର୍ଯ୍ୟ ଯଥା ସିପେଟ, ଏମ୍ସ ହସ୍ପିଟାଲ, ନୋସି ପାର୍କ, ବାଲେଶ୍ୱର ଟ୍ରମା ସେଣ୍ଟର, ରେଲଓ୍ୱେ ଲେବୁଲ କ୍ରସିଙ୍ଗ ଉଡ଼ନ୍ତା ପୋଲ ପ୍ରଭୃତି ଉନ୍ନତି ମୂଳକ କାର୍ଯ୍ୟକ୍ରମ କରିଛନ୍ତି । କିନ୍ତୁ ୧୦ ବର୍ଷର ବିଜେପି ମୋଦି ସରକାର କିଛି କରିନାହାଁନ୍ତି ଖାଲି ମିଥ୍ୟା ପ୍ରତିଶୃତି ଦେଇ ଭୋଟ୍ ନେଇ ଚାଲିଛନ୍ତି । ଓଡ଼ିଶା ଏକ ପ୍ରାକୃତିକ ସମ୍ପଦର ଗନ୍ତାଘର ହୋଇଥିବାରୁ ଏ ଦୁଇ ସରକାର ଓଡ଼ିଶାକୁ ଲୁଟି ଭାରତର ସବୁଠାରୁ ଗରିବ ରାଜ୍ୟରେ ପରିଣତ କରିଛନ୍ତି । ସେହିଭଳି ଓଡ଼ିଶାରେ ୨୫ ବର୍ଷ ସରକାର ସମୟରେ ଯେଉଁ ଚିଟ୍‌ଫଣ୍ଡ ଦୁର୍ନୀତି ହୋଇଛି ଯାହାଫଳରେ ଓଡ଼ିଶାର ବହୁ ପରିବାର ପ୍ରଭାବିତ ହୋଇଛନ୍ତି । କଂଗ୍ରେସ ଦଳ ସରକାରକୁ ଆସିଲେ ପ୍ରଭାବିତ ପରିବାରଙ୍କୁ ସହାୟତା କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ । ସେହିପରି କେନ୍ଦ୍ରର କଂଗ୍ରେସ ଓ ରାଜ୍ୟ କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ ବିଶଦ ଭାବେ ଆଲୋଚନା କରିଥିଲେ । ଏଣୁ ଏଥରର ନିର୍ବାଚନରେ ବାଲେଶ୍ୱରର ବିକାଶ ପୁରୁଷ ଶ୍ରୀକାନ୍ତ ଜେନା ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ମାନଙ୍କୁ ବିପୁଳ ସଂଖ୍ୟାରେ ହାତ ଚିହ୍ନରେ ଭୋଟ୍ ଦେବାକୁ ସହ ପ୍ରଭାରୀ ସାହାନବାଜ ଚୌଧୁରୀ ନିବେଦନ କରିଥିଲେ ।

ବିଜେଡ଼ିର ମହିଳା କର୍ମୀ ସମାବେଶ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୫ନଂ ଓ୍ୱାର୍ଡରେ ମହିଳା କର୍ମୀ ସମାବେଶ କାଉନ୍‌ସିଲର ନିରାକାର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେଡି ନଗର ସଭାନେତ୍ରୀ ସ୍ୱୟଂପ୍ରଭା କରଙ୍କ ସହ ଜ୍ୟୋତିର୍ମୟୀ ମହାପାତ୍ର, ସବିତା ରାଉତ, ଜ୍ୟୋସ୍ନାରାଣୀ ଚୌଧୁରୀ, ରଜନୀ ରାଉତ, ମାନସୀ ପରିଡା, ସୁଚିତ୍ରା ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଭାରତର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଓ ଯୁବତୀ ମାନଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ଗୁଡ଼ିକରେ ଲକ୍ଷ ଲକ୍ଷ ଲୋକ ଉପକୃତ ହେଉଛନ୍ତି । ସ୍ୱାସ୍ଥ୍ୟକାର୍ଡ ଦ୍ୱାରା ହଜାର ହଜାର ଗରିବ ପରିବାର ଲାଭବାନ ହୋଇ ନିଜର ଜୀବନ ରକ୍ଷା କରିପାରୁଥିବା ସମ୍ପର୍କରେ ଆଲୋଚନା କରୁଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ଯୋଡ଼ି ଶଙ୍ଖରେ ଭୋଟ୍‌ଦେଇ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଓ୍ୱାର୍ଡବାସୀଙ୍କୁ ନିବେଦନ କରିଥିଲେ ।

ରାସାୟନିକ କାରଖାନାରେ ବିସ୍ଫୋରଣ:୬ ଆହତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଗଞ୍ଜାମରେ ଥିବା ଏକ ରାସାୟନିକ କାରଖାନାରେ ଭୟଙ୍କର ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରେ ୬ ଜଣ ଆହତ ହୋଇଥିବା ସୂଚନା ମିଳିଛି । ସେମାନଙ୍କ ମଧ୍ୟରେ ତିନି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି ବୋଲି କୁହାଯାଉଛି । ସୂଚନାଅନୁସାରେ ଗଞ୍ଜାମର ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ରାସାୟନିକ କାରଖାନାରେ ଏହି ବିସ୍ଫୋରଣ ଘଟିଥିଲା । ଏହି କେମିକାଲ ଫ୍ୟାକ୍ଟ୍ରିକୁ ସଂଯୋଗ କରୁଥିବା କ୍ଲୋରିକ୍ ଏସିଡ୍ ପାଇପ୍ ଫାଟି ଏହି ଅଘଟଣ ଘଟିଛି । ତେବେ ଉକ୍ତ ଘଟଣାରେ ୬ ଜଣ ଆହତ ହୋଇଥିବା ବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଗୁରୁତର ଆହତମାନଙ୍କୁ ପ୍ରଥମେ ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ବ୍ରହ୍ମପୁରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଗୁରୁତର ଆହତମାନଙ୍କ ମଧ୍ୟରେ ଜଣେ ଯନ୍ତ୍ରୀ କେଶବ ସାହୁ, ଉତ୍ପାଦନ ଇଞ୍ଜିନିୟର ଶଶିକାନ୍ତ ମହାରଣା ଏବଂ ରାସାୟନିକ କାରଖାନାର ସୁପରଭାଇଜର ରାହୁଲ ଯାଦବ ଥିବା ଜଣାପଡ଼ିଛି । ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ ଜାରି ରଖିଥିଲେ । ଏଥିସହ ଫ୍ୟାକ୍ଟ୍ରିରେ ଥିବା ଅନ୍ୟ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଅନ୍ୟପଟେ କମ୍ପାନୀ ଏ ପର୍ଯ୍ୟନ୍ତ କୌଣସି ବୟାନ ଜାରି କରିନଥିବା ବେଳେ ସ୍ଥାନୀୟ ଲୋକମାନେ କାରଖାନାରେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ।

ଡବଲ ଇଞ୍ଜିନ ସରକାର ହେଲେ ଡବଲ ବିକାଶ ହେବ:ଧର୍ମେନ୍ଦ୍ର

ବାରିପଦା/ଚିତ୍ରଡ଼ା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀର ସାତଭାୟା ଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀ ସାଂସଦ ନବଚରଣ ମାଝି ଏବଂ ମୋରଡ଼ା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପାଇଁ ଭୋଟ ମାଗିଛନ୍ତି ଏବଂ ଏହି ପରିପ୍ରେକ୍ଷୀରେ ଦାନ୍ତିଆମୁହାଁ ଠାରୁ ବିଶାଳ ରାଲିରେ ରୋଡ଼ ଶୋ କରି ଶୋଭା ମଞ୍ଚକୁ ପାଛୋଟି ଆଣିଥିଲେ କର୍ମକର୍ତ୍ତାମାନେ । ଧର୍ମେନ୍ଦ୍ର ନିଜ ଅଭିଭାଷଣରେ କହିଥିଲେ ଓଡ଼ିଶାରେ ଏଥର



ବିଜେପିର ସରକାର ହେବାକୁ ଯାଉଛି ତେଣୁ ଏଥର ଡବଲ ଇଞ୍ଜିନ ସରକାର ଗଠନ କରି ଡବଲ ବିକାଶ କରିବା ପାଇଁ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ । ଓଡ଼ିଶାରେ ବିଜେପିର ସରକାର ହେଲେ ଧାନର ଏମଏସପି ମୂଲ୍ୟ ୩୧୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ତିନି ହଜାର, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ପଚଶ ହଜାର ମିଳିବ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଚରଣ ମାଝୀ, ମୋରଡା ବିଧାୟକ ପ୍ରାର୍ଥୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲା ସଭାପତି କାନ୍ଦ୍ରା ସରେନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପ୍ରବଳ ବର୍ଷା । ସତ୍ତ୍ୱେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ପରେ ପରେ ବାରିପଦା ସହରରେ ଧର୍ମେନ୍ଦ୍ର ରୋଡ଼ ଶୋ କରି ବିଜେପିର ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ ।

ରମ୍ଭା ଚନ୍ଦନ ଯାତ୍ରାରେ ବିଭିନ୍ନ କଳାକୁଞ୍ଜର ଝଲକ୍

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ଓଡ଼ିଶାର ଐତିହାସିକ ରମ୍ଭା ଚନ୍ଦନ ଯାତ୍ରା ଜାରି ରହିଛି । ଚଳିତ ବର୍ଷ ପ୍ରାରମ୍ଭରୁ ଦିନରେ ଖରା ଗୁଳୁଗୁଳି ଗରମ ସାଙ୍ଗକୁ ଅପରାହ୍ନରେ ସାମୁଦ୍ରିକ ଝଡ଼ ରେମାଲ, କାଳ ବୈଶାଖୀର ଝଡ଼ ପବନ ଓ ସାମାନ୍ୟ ବର୍ଷା ବର୍ଷୁଛି । ସହରକୁ ଉପରୋକ୍ତ ପାଗ କିଛି ସମୟ ପାଇଁ ଫିକା ପକେଇଥିବା ବେଳେ ସନ୍ଧ୍ୟା ସମୟରେ ରଙ୍ଗବେରଙ୍ଗର ଆଲୋକ ମାଳା ଚିକ୍‌ମିକ୍ କରି ଯାତ୍ରା ଦର୍ଶକଙ୍କୁ ଆକର୍ଷିତ କରୁଛି । ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହ ଙ୍କୁ ସବାରୀରେ ନିଆଯାଇ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା, ସଂକୀର୍ତ୍ତନ ମାଧ୍ୟମରେ ପହଣ୍ଡି ବିଜେ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି । ଦିନରେ ତାତି ବଢୁଥିଲେ ମଧ୍ୟ ପବନ କିଛି ମାତ୍ରାରେ ଗରମକୁ ଥଣ୍ଡା କରୁଥିବା ଓ ଦିନବେଳା ରାସ୍ତାଘାଟ ଶୂନ୍‌ଶାନ୍ ଦେଖାଯାଉଥିବା ଲକ୍ଷ୍ୟ କରାଯାଉଛି । ଯାତ୍ରାକୁ ଦୃଷ୍ଟିରେ ରଖି ରାଜପଥ ପାର୍ଶ୍ୱରେ ତଥା ସାହିବସ୍ତି ଓ ସ୍ୱର୍ଣ୍ଣ କାତର ଜାଗା ମାନଙ୍କରେ ବିଭିନ୍ନ କଳା କୁଞ୍ଜର ଭିନ୍ନ ଭିନ୍ନ ମୂର୍ତ୍ତି ସ୍ଥାପନ ହୋଇ ସନ୍ଧ୍ୟା ସମୟରେ ଚିକ୍‌ମିକ୍ ଆଲୁଅରେ ଝଲସୁଛି । ଏହି ଯାତ୍ରା ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବା ପାଇଁ ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

ଲଗ୍ନଶୁକ୍ର ୨	୧ ୨ବୁ	ରାହୁ୧୧ ଶନି୧୦
୩	୨୧ / ୧୦	ଚ୯
୪ କେତୁ୫	୬	୮ ୭

କଳିକା ପଞ୍ଜିକା : ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

ତା୨୮।୫।୨୦୨୪, ଜ୍ୟେଷ୍ଠ ଦି୧୫ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ୦୫।୮।୦୩ ଚନ୍ଦ୍ରୋଦୟ- ରାଘ ୧୦।୫୬।୧୧

ପଞ୍ଚମୀ- ଦିଘ ୩।୨୪ ପର୍ଯ୍ୟନ୍ତ । ଉତ୍ତରାଷାଢ଼ା ନକ୍ଷତ୍ର – ଦିଘ ୯।୩୩ ପର୍ଯ୍ୟନ୍ତ । ମକର ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି** – ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୩।୨୪ ପରେ ନିମ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୧୨ ଗତେ ଘ ୬।୪୯ ମଧ୍ୟେ, ଦିଘ ୯।୩୩ ଗତେ ଘ ୧୨।୧୦ ମଧ୍ୟେ। **ପର୍ବୋତ୍ସବ** – ବୀର ସାବର କର ଜୟନ୍ତୀ ।

ମେଷ: ମନରେ ଉତ୍ସାହ ଆସିବ । ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ପାଇ କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ । କର୍ମ ଚଞ୍ଚଳ ରହିବେ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଲାଭ ।



ବୃଷ: ସାଙ୍ଗ ସୁଖ ସହିତ ପଦସ୍ଥ ବ୍ୟକ୍ତିଗତ ସହଚର୍ଯ୍ୟ ଲାଭ କରିବେ । ଭକ୍ତି ମାର୍ଗରେ ପରିଚାଳିତ ହେବେ । ସେବା ପୂଜାରେ ସମୟ ଅତିବାହିତ ହେବ । ରୋଜଗାର ମଧ୍ୟମ ହେବ । ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତ ରହିବେ ।



ମିଥୁନ: ନୂତନ ଯୋଜନା ପାଇଁ ଆନୁସଙ୍ଗିକ ସହଯୋଗର ଅଭାବ ପରିଶ୍ରମକୁ ଦ୍ୱିଗୁଣିତ କରିଦେବ । ରୋଜଗାରରେ ପଥରୋଧ ସହିତ ପାରିବାରିକ ଅଡୁଆ ଦେଖାଦେବ । ଯଶସ୍ୱୀ ହେବେ । ଆଳସ୍ୟ ପରାୟଣ ହେବେ ।



କର୍କଟ: ଦୂରଯାତ୍ରା କରି ସାଫଲ୍ୟତା ଦିଗରେ ଅଗ୍ରସର ହେବେ । ଗୁରୁଜନ ମାନଙ୍କ ପ୍ରେରଣାରୁ ନିଜ ଦୁଃସାଧ କାର୍ଯ୍ୟ ସାଧନ କରିବେ । ବିଦ୍ରୋହର ସୂଚନା । କର୍ମକ୍ଷେତ୍ରରେ ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବ ।

ସିଂହ: ସବୁ ପ୍ରକାର ସୁବିଧା ଥିଲେ ମଧ୍ୟ ଆକସ୍ମିକ ସମସ୍ୟା ହଠାତ୍ ଅସୁବିଧା ସୃଷ୍ଟି କରିବ । କୌଣସି ନୂଆ କାମରେ ହାତ ଦେବେ । ଆୟର ପଥ ପରିଷ୍କାର ହେବ । ପାରିବାରିକ କଳହ ସୃଷ୍ଟି ହେବାର ସୂଚନା ।

କନ୍ୟା: ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ । ଉଦାସୀନତା ହେତୁ ଅନ୍ୟମାନଙ୍କ ସନ୍ଦେହର ଶିକାର ହେବେ । ଆୟରେ ବାଧା ଉପୁଜିବ । ପରିବାରରେ ପଥରୋଧର ଶିକାର ହୋଇପାରନ୍ତି ।

ତୁଳା: ଯାହା କିହବେ ବା ଯାହା କରିବେ ତାହା ଭଲ ଭାବରେ ବାରମ୍ବାର ଚିନ୍ତା କରି କରନ୍ତୁ । ନଚେତ୍ ଅସୁବିଧା ଉପୁଜିବ । ଅଳ୍ପ ଆୟ ଏବଂ ଖର୍ଚ୍ଚ ଅଧିକ ହେତୁ ବିରକ୍ତି ଲାଗିବ । ପରିବାରରେ କର୍ମପ୍ରାପ୍ତି ହେବ ।



ବିଛା: କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଦୂରଯାତ୍ରା କରିପାରନ୍ତି । ବନ୍ଧୁ ସହଯୋଗ ଲାଭ କରିବେ । କାର୍ଯ୍ୟ ସାଫଲ୍ୟ ଦିଗରେ ଅଗ୍ରସର ହେବେ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ଘରେ ଅଶାନ୍ତି ଦେଖାଦେବ ।



ଧନୁ: ପାରିବାରିକ ଆନନ୍ଦ ଆପଣଙ୍କୁ ଉତ୍ସାହିତ କରିବ । କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟତା ପ୍ରକାଶ ପାଇବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ସୁଖ ଶାନ୍ତି ପ୍ରାପ୍ତ ହେବାର ସୂଚନା ।



ମକର: ଆଜି ଦିନଟି ଭଲରେ କଟିବ । ଯାହାକୁ ଯାହା କହିବେ ସେ ତାହା ଗ୍ରହଣ କରିବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ବ୍ୟୟ ଯୋଗ ରହିଛି । ଘରେ ବିଶୃଙ୍ଖଳା ଦେଖାଦେବ । କୌଣସି କାମରେ ମନ ଲାଗିବ ନାହିଁ ।



କୁମ୍ଭ: ସବୁ ପ୍ରକାର ସମସ୍ୟାକୁ ସାମ୍ନା କରି ନିଜ ଦକ୍ଷତା ପ୍ରଦର୍ଶନ କରିବେ । କ୍ରମଶଃ ଜନସମ୍ପର୍କ ବୃଦ୍ଧି ପାଇବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



ମୀନ: କେତେକ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ମନରେ ଅହଂକାର ଆସିବ । ଆବଶ୍ୟକତା ପୂରଣ ପାଇଁ କରଜ କରିପାରନ୍ତି । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ବ୍ୟସ୍ତତା ରହିବ ।

ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

ତା୨୯।୫।୨୦୨୪, ଜ୍ୟେଷ୍ଠ ଦି୧୬ନ, ବୁଧବାର

ସୂର୍ଯ୍ୟୋଦୟ- ଘ୦୫।୭।୫୪ ଚନ୍ଦ୍ରୋଦୟ- ରାଘ ୧୧।୩୮।୫୭

ଷଷ୍ଠୀ- ଦିଘ ୧।୪୦ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର – ଦିଘ ୮।୩୮ ପର୍ଯ୍ୟନ୍ତ। ମକର ଚନ୍ଦ୍ର- ରାଘ ୮।୦୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି** – ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୮।୦୫ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । ରାଘ ୮।୦୫ ଗତେ ମିଥୁନ ଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୧।୪୦ ପରେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୪୮ ଗତେ ଘ ୮।୨୭ ମଧ୍ୟେ, ଦିଘ ୧।୫୫ ଗତେ ଘ ୫।୨୪ ମଧ୍ୟେ। **ପର୍ବୋତ୍ସବ** – ଶ୍ରୀକ୍ଷେତ୍ରେ ଭଉଁରୀ ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

ବିକଶିତ ଭାରତ ନକ୍ସା ପାଇଁ ମାନସମନ୍ଥନ

ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସରକାର ଏବେଠାରୁ କାମ ଆରମ୍ଭ କରିଦେଇଛନ୍ତି। ଚଳିତ ବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଅଳ୍ପ କିଛି ଦିନ ପରେ ଆଚରଣବିଧି ଲାଗୁ ହେବାର ସମ୍ଭାବନା ରହିଛି। ତା'ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନଙ୍କ ସହ ବିକଶିତ ଭାରତ ନକ୍ସା ନେଇ ଆଲୋଚନା କରିଛନ୍ତି। ମନ୍ତ୍ରୀମାନେ ଯେଉଁ ଚିନ୍ତାଧାରା ଉପସ୍ଥାପନ କରିଥିଲେ ତାହାକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ନୂଆ ସରକାର ଗଠନ ହେବାର ୧୦୦ ଦିନ ଭିତରେ ଯେଉଁ ସବୁ କାର୍ଯ୍ୟକ୍ରମଗୁଡ଼ିକ ଲାଗୁ କରାଯିବ ତାହାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା।

ବିକଶିତ ଭାରତ ନକ୍ସା ଲାଗି ଦୁଇ ବର୍ଷ ଧରି ପ୍ରସ୍ତୁତି ଚାଲିଥିଲା। ସେଥିରେ ବିଭିନ୍ନ ମନ୍ତ୍ରଣାଳୟ ସାମିଲ ଥିଲେ। ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ, ଶିଳ୍ପ ସଂଘ, ନାଗରିକ ସମାଜ ସହ ବି ବ୍ୟାପକ ଆଲୋଚନା ହୋଇଥିଲା। ବୈଜ୍ଞାନିକ ସଂଗଠନ ଓ ଯୁବବର୍ଗଙ୍କଠାରୁ ଅଭିନବ ଚିନ୍ତାଧାରା, ପରାମର୍ଶ ଓ ଇନ୍‌ପୁଟ୍ ସଂଗ୍ରହ କରାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ୨୭୦୦ରୁ ଅଧିକ ବୈଠକ ଆୟୋଜନ କରାଯାଇଥିଲା। ଯୁବବର୍ଗଙ୍କଠାରୁ ୨୦ ଲକ୍ଷରୁ ଅଧିକ ମତାମତ ସଂଗ୍ରହ କରାଯାଇଛି। ବିକଶିତ ଭାରତ ନକ୍ସାରେ ଅର୍ଥନୈତିକ ଅଭିବୃଦ୍ଧି, ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି), ସହଜ ବ୍ୟବସାୟ ବାତାବରଣ, ଉନ୍ନତ ଜୀବନଯାପନ, ଭିତ୍ତିଭୂମି ଓ ସାମାଜିକ କଲ୍ୟାଣର ପ୍ରତିଫଳନ ଦେଖିବାକୁ ମିଳିବ।

ବିଭିନ୍ନ ଦୃଷ୍ଟିକୋଣରୁ ପାଣିପାଗର ମୂଲ୍ୟାଙ୍କନ (୨)

ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଆଲେଖ୍ୟରେ ଆମେ ଭାରତରେ ଗତ କେତେ ବର୍ଷରେ ଉଚ୍ଚ ଉତ୍ତାପ ତରଙ୍ଗ (heatwave) ଉପଲବ୍ଧି କରିବାର କାରଣ ସମ୍ପର୍କରେ ବର୍ଣ୍ଣନା କରିଥିଲୁ। ସଂକ୍ଷେପରେ କହିଲେ ଏହା ମୁଖ୍ୟତଃ ପାଣିପାଗ, ଭୌଗୋଳିକ ଏବଂ ମାନବ କାରଣଗୁଡ଼ିକର ମିଶ୍ରଣ ଦ୍ୱାରା ହୋଇଥାଏ। ସାଧାରଣତଃ ମନୁଷ୍ୟକୃତ କାରଣ ଗୁଡ଼ିକୁ ଆମେ ସର୍ବାଗ୍ରେ ରଖିଥାଉ। ମାତ୍ର ପାଣିପାଗ ବିଜ୍ଞାନଜନିତ ପ୍ରକ୍ରିୟା ଯଥା ଉତ୍ତର-ପଶ୍ଚିମ ଭାରତ, ଆରବ ସାଗର ଏବଂ ବଙ୍ଗୋପସାଗରରେ ଉଚ୍ଚ ଚାପ ପ୍ରଣାଳୀ ଓ ଭୌଗୋଳିକ କାରଣ - ଇକ୍ୟୁଏଟର ନିକଟରେ ଅବସ୍ଥିତି ଇତ୍ୟାଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ମନୁଷ୍ୟକୃତ କାରଣ ଛଡା ଭାରତରେ ଉତ୍ତାପ ତରଙ୍ଗ ହେବାର ଅନ୍ୟ ଏକ ବଡ କାରଣ ହେଉଛି ପାଣିପାଗ। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଏହି ବିଜ୍ଞାନକୁ ଅଧ୍ୟୟନ କଲେ ଜଣାଯାଏ ଯେ ଉତ୍ତର-ପଶ୍ଚିମ ଭାରତ, ଆରବ ସାଗର ଏବଂ ବଙ୍ଗୋପସାଗରରେ ଉଚ୍ଚ ଚାପ ପ୍ରଣାଳୀ ଇତ୍ୟାଦି ଏକ ସ୍ଥିର ବାୟୁ ପିଣ୍ଡ ସୃଷ୍ଟି କରେ ଯାହା ଗରମ ଏବଂ ଶୁଷ୍କ ବାୟୁକୁ ଧରି ରଖେ, ଏବଂ ତାପମାତ୍ରାକୁ ବଢାଇଥାଏ। ଏଲ୍ ନିନୋ ସାଉଥ୍ ଓସିଲିଏସନ୍ (ENSO) ଏବଂ ଭାରତ ମହାସାଗର ଡାଇପୋଲ୍ (IOD) ଦ୍ୱାରା ଜଳବାୟୁ ମଧ୍ୟ ପ୍ରଭାବିତ ହୋଇପାରେ, ଯାହା ଉତ୍ତାପ ତରଙ୍ଗ ସୃଷ୍ଟି କରିବାରେ ସହାୟକ ହୋଇପାରେ । ଏଲ୍ ନିନୋ ଓ ଲା ନିନା ସମ୍ବନ୍ଧରେ ଅଧିକ ତଥ୍ୟ ପରେ ଜାଣିବା।

ଏବେ ପ୍ରଶ୍ନ ହେଉଛି ୨୦୨୪ କାହିଁକି ଏତେ ଗରମ? ଗରମ ରେକର୍ଡ ହୋଇଥିବା ବର୍ଷ, ୨୦୨୩, ଶିଳ୍ପାୟନ ପୂର୍ବର ସ୍ଥିତି (୧୮୫୦–୧୯୦୦) ହାରାହାରି ତୁଳନାରେ ୧.୪୮ ° C ଉଷ୍ମ ଥିଲା। ୧୮୫୦ – ୧୯୦୦କୁ ଭିତ୍ତିଭୂମି ବା ମୂଳଭୂମି ଭାବରେ ମନୋନୀତ କରିବାର ଦୁଇଟି ଅଛି: ପ୍ରଥମତଃ ବିଶ୍ୱରେ ଜଳବାୟୁର ବିଭିନ୍ନ ପରିମାପର ଏକ ଯୁକ୍ତିଯୁକ୍ତ ରେକର୍ଡ ସେହି ସମୟରୁ ଅଛି, ଦ୍ୱିତୀୟତଃ ବୈଜ୍ଞାନିକମାନେ ଏକ ନୂତନ ଭିତ୍ତିଭୂମି ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁଛନ୍ତି ଯେଉଁଠାରୁ ବିଶ୍ୱର ତାପମାତ୍ରା ମାପିବା ପାଇଁ ଏକ ସମୟ ନେଉଛନ୍ତି ଯେତେବେଳେ ଜୀବାଶ୍ମ-ଇନ୍ଧନ ଜଳିବା ଜଳବାୟୁରେ ପରିବର୍ତ୍ତନ ଆଣି ନଥିଲା । ଏହି ସମୟରେ, ଅନୁସନ୍ଧାନକାରୀମାନେ ୧୮୫୦–୧୯୦୦ ସମୟକୁ ବ୍ୟବହାର କରିବାକୁ ପ୍ରବୃତ୍ତି କରନ୍ତି, ଏବଂ ଏହାକୁ ପ୍ରାୟତଃ 'ପ୍ରାକ୍-

ଶିଳ୍ପାୟନ'କାଳ ଭାବରେ ବର୍ଣ୍ଣନା କରାଯାଏ। କିନ୍ତୁ ବାସ୍ତବତା ହେଉଛି ଶିଳ୍ପାୟନ ପ୍ରକ୍ରିୟା ପ୍ରକୃତରେ ଏହି ସମୟରେ ଆରମ୍ଭ ହୋଇଯାଇଥିଲା। ଜଳବାୟୁ ଉପରେ ମଣିଷର ପ୍ରଭାବ ପୂର୍ବରୁ ପଡିଥିଲା। କାରଣ ବରଫ ମଞ୍ଜରୁ ତରଳିବା ଧାରାକୁ ଆଧାର କରି ସଂଗ୍ରହ କରାଯାଉଥିବା ରେକର୍ଡକୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନର ବିଶାଳତା ବୋଲି ବିଚାର କରାଯାଉଥିଲା। ଏ କଥା ସତ୍ୟ ଯେ ୧୮୫୦-୧୯୦୦ ମସିହା ପରଠାରୁ ଏଗୁଡ଼ିକ ଏକ ଅନୁଭବ ଯୋଗ୍ୟ ବୃଦ୍ଧି ଦେଖାଯାଏ। ସେହିଭଳି ମିଥେନ ପରି ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍ ପାଇଁ ଏହା ପ୍ରଯୁଜ୍ୟ। ୨୦୨୪ ମସିହାରେ, ବିଶ୍ୱ ରେକର୍ଡରେ ସବୁଠାରୁ ଗରମ ଜାନୁଆରୀ ଅନୁଭବ କଲା । ମନରେ ଏକ ସାଧାରଣ ପ୍ରଶ୍ନ ଆସେ ଯେ ଉତ୍ତାପ ତରଙ୍ଗ (Heatwave)ର କାରଣ କ'ଣ? ବାସ୍ତବରେ ଉତ୍ତାପ ତରଙ୍ଗ ବାୟୁ କୌଣସି ସ୍ଥାନରେ ଅଟକି ଯାଇଥିବାର ଫଳ । ସାଧାରଣତଃ ବାୟୁ ପୃଥିବୀକୁ ଘେରିଥାଏ। ଯଦି କୌଣସି କାରଣରୁ ଏହା ଗୋଟିଏ ଅଞ୍ଚଳ ଉପରେ ଫସି ରହିଥାଏ ତେବେ ସୂର୍ଯ୍ୟ କିରଣ ହେତୁ ଏହାକୁ ଅଣ-ଗୁଣାତ୍ମକ ତାପମାତ୍ରାକୁ ବା ଗରମ ହେବାକୁ ଅନୁମତି ମିଳିଯାଏ। ଫସି ରହିବାର ପ୍ରାୟତଃ ମୁଖ୍ୟ କାରଣ ହେଉଛି ଉଚ୍ଚ ଚାପ ପ୍ରଣାଳୀ। ଏବେ ପରବର୍ତ୍ତୀ ପ୍ରଶ୍ନ ହେଉଛି ଭାରତରେ ଉତ୍ତାପ ତରଙ୍ଗର କାରଣ କ'ଣ? ଏହା କେବଳ ଭାରତବର୍ଷରେ ହେଉଛି ନା ପୃଥିବୀର ସବୁ ଦେଶରେ। ସତ କଥା କହିବାକୁ ଗଲେ ପୃଥିବୀର ସବୁ ଦେଶରେ ଊଣା ଅଧିକେ ଗ୍ଲୋବାଲ୍ ୱାର୍ମିଂର ପ୍ରଭାବ ଉପଲବ୍ଧି ହୁଏ। ଭାରତରେ ଉତ୍ତାପ ତରଙ୍ଗର ଏକ ମୁଖ୍ୟ କାରଣ ହେଉଛି ଗ୍ଲୋବାଲ ୱାର୍ମିଂ, ଯାହା ଜୀବାଶ୍ମ ଇନ୍ଧନ ଜାଳିବା, ଜଙ୍ଗଲ ନଷ୍ଟ କରିବା ଏବଂ ଶିଳ୍ପ କାର୍ଯ୍ୟକଳାପ ପରି ମାନବଜନିତ କାର୍ଯ୍ୟକଳାପ ହେତୁ ପୃଥିବୀର ହାରାହାରି ତାପମାତ୍ରାର ଦୀର୍ଘକାଳୀନ ବୃଦ୍ଧିକୁ ସୂଚିତ କରେ । ଚଳିତ ବର୍ଷ ଭାରତରେ ଉତ୍ତାପ ତରଙ୍ଗ ଦ୍ୱାରା କେଉଁ ରାଜ୍ୟ ପ୍ରଭାବିତ ହୋଇଛି? ଏହି ଉତ୍ତାପ ତରଙ୍ଗ ବିହାର, ଝାଡଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ, ଓଡିଶା, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଏବଂ ଦିଲ୍ଲୀ, ରାଜସ୍ଥାନ, ମହାରାଷ୍ଟ୍ର, ପଶ୍ଚିମ ମଧ୍ୟପ୍ରଦେଶ ଏବଂ ଗୁଜୁରାଟ ସମେତ ଦେଶର ବିସ୍ତୃତ ଅଞ୍ଚଳକୁ ପ୍ରଭାବିତ କରିଛି। ବୈଜ୍ଞାନିକମାନେ କହିଛନ୍ତି ଯେ ସାମୟିକ ଭାବରେ ବୃଦ୍ଧି ହୋଇଥିବା ମାନବଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱ ତାପମାତ୍ରା ଏହି ରେକର୍ଡ ଭାଙ୍ଗୁଥିବା ଉତ୍ତାପର ମୂଳ କାରଣ ଏଲ୍ ନିନୋ ଅଟେ। ଏ ସମ୍ବନ୍ଧରେ ଅଧିକ ତଥ୍ୟ ପରେ ଚର୍ଚ୍ଚା କରିବା। ୧୮୮୦ ମସିହାରୁ ଭୂତଳ ଭିତ୍ତିକ ଏବଂ ସମୁଦ୍ର ଭିତ୍ତିକ ସାଇଟ ଗୁଡ଼ିକର ଏକ ନେଟୱାର୍କରେ ଭୂପୃଷ୍ଠର ତାପମାତ୍ରା ମାପ କରାଯାଇଛି। ଗତ ଶତାବ୍ଦୀ ମଧ୍ୟରେ, ପୃଥିବୀର ହାରାହାରି ଭୂପୃଷ୍ଠର ତାପମାତ୍ରା ପ୍ରାୟ ୧ ଡିଗ୍ରୀ ଫ୍ୟାରେନହାଇଟ ବୃଦ୍ଧି ପାଇଛି । ଏହି ଶତାବ୍ଦୀର ଏଗାରଟି ଗରମ ବର୍ଷ ୧୯୮୦ ମସିହାରୁ ଘଟିଛି, ୧୯୯୫ ରେକର୍ଡରେ ସବୁଠାରୁ ଉଷ୍ମ ଅଟେ । କୋଥାୱଲେ ନାମକ ଜଣେ ବୈଜ୍ଞାନିକ ବିଶ୍ଳେଷଣ କରି ଜାଣିପାରିଛନ୍ତି ଯେ୧୯୦୧ ରୁ ୨୦୦୭ ମଧ୍ୟରେ ସମଗ୍ର ଭାରତର ମଝି ମଝିଆ ତାପମାତ୍ରା (mean temperature), ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ଯଥାକ୍ରମେ ୦.୫୧, ୦.୭୧ ଏବଂ ୦.୨୭ଡିଗ୍ରୀ ସେଣ୍ଟିଗ୍ରେଡ ବୃଦ୍ଧି ପାଇଛି।

୨୦୨୪ ମସିହାରେ ଏଲ୍ ନିନୋ ଆରମ୍ଭ ହୋଇଥିଲା, ଯାହା ଦ୍ୱାରା ପ୍ରଶାନ୍ତ ମହାସାଗରରେ ବିଷୁବ ରେଖା ଅଞ୍ଚଳ ଜଳର ଅସ୍ୱାଭାବିକ ଉତ୍ତାପ ସୃଷ୍ଟି ହୋଇଥିଲା ଏବଂ ଭାରତରେ ତୀବ୍ର ଉତ୍ତାପ ତରଙ୍ଗ ସମେତ ବିଶ୍ୱର ପାଣିପାଗ ଢାଞ୍ଚାକୁ ପ୍ରଭାବିତ କରିଥିଲା ।

ଆର ଥରକୁ ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳ ପ୍ରଶାସନର ରିପୋର୍ଟ ସହ ଅଧିକ ତଥ୍ୟ ବିଷୟରେ ଆଲୋଚନା କରିବା।

(କ୍ରମଶଃ)



ଜଳବାୟୁ ପରିବର୍ତ୍ତନ ପ୍ରଭାବ ଏବଂ ପ୍ରଭାବିତ ଅଞ୍ଚଳ
ସୌଜନ୍ୟ: ଜାତୀୟ ମହାସାଗର ଏବଂ ବାୟୁମଣ୍ଡଳ ପ୍ରଶାସନ, ଯୁକ୍ତରାଷ୍ଟ୍ର ଆମେରିକା

ମଣିଷର ପରିଚୟ ଈଶ୍ୱରଙ୍କ ଧୂଳିଖେଳର ଉପାଦାନ

ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

(ଜୀବନ ଗୋଟିଏ ସ୍ପନ୍ଦନ ମାତ୍ର। ପଲକପାତ ମାତ୍ରକେ ବୁଦ୍ ବୁଦ୍ ମିଳାଇଯିବ ସାଗର ଗର୍ଭରେ। ନିରନ୍ତର ବଦଳୁଥିବା ମଣିଷର ରୂପ, ତା'ର ପରିଚୟ... ସବୁକିଛି ଈଶ୍ୱରଙ୍କ ଧୂଳିଖେଳର ସାମାନ୍ୟତମ ଉପାଦାନ)

ଏ ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ଜଣେ ବୋଲି ସଚରାଚର ମାନବର ବିଶ୍ୱାସ। ଗ୍ରହ, ନକ୍ଷତ୍ର, ନଭୋମଣ୍ଡଳ, ଜୀବ, ଜଡ, ଅଣୁ ପରମାଣୁରେ ବି ବ୍ୟାପ୍ତ ଏହି ସର୍ଜନଶୀଳ ସୌନ୍ଦର୍ଯ୍ୟର ଅନୁପମ ସୁଷମା। ସୃଷ୍ଟି, ବିଲୟ, ଜନ୍ମମୃତ୍ୟୁ ଏ ସମସ୍ତ ସ୍ରଷ୍ଟାମାନସର ନିତ୍ୟନୂତନ କଳ୍ପନା ବିଳାସ। କେହି ଜାଣି ପରନ୍ତିନି କି ବୁଝିମଧ୍ୟ ପାରନ୍ତିନି, କାହିଁକି ସେ ଗଢେ ଆଉ କାହିଁକି ସେ ଭାଙ୍ଗେ! ଅଥଚ ତାହାହିଁ ତାକୁ ଦେଇଥାଏ ଅଫୁରନ୍ତ ଆନନ୍ଦ। ଶିଶୁଟିଏ କାନ୍ଦିଉଠେ ତାର ହାତ ତିଆରି ବାଲିଘର ଭୁଷୁଡିଗଲା ବେଳେ। କେବେ ମନମୁତାବକ ହୁଏନି ତା କଳ୍ପନାର ସୃଷ୍ଟି। ଶିଶୁଟି ନିଜର କଣ୍ଢେଇ ନେଇ କେତେବେଳେ ସେମାନଙ୍କର ବାହାଘର ରଚିଥାଏ ତ କେବେ କାଗଜ ଡଙ୍ଗା ତିଆରି କରି ବର୍ଷାରେ ଭିଜି ଖେଳୁଥାଏ। ସେ ସମୟରେ ଭୁଲି ଯାଇଥାଏ ଭୋକ ଶୋଷ। ସେହି ଖେଳ ହିଁ ତାର ଜୀବନ, ତା'ର ପୁଲକ, ତା'ର ଆନନ୍ଦ। ଲୀଳାମୟ ଈଶ୍ୱରଙ୍କର ଏ ଭଙ୍ଗାଗଢା ଖେଳ ବି ସେହିପରି, କେଡେ ସୁନ୍ଦର! ସବୁ ପୂର୍ଣ୍ଣ, ଶୂନ୍ୟତା ମଧ୍ୟରେ ପୂର୍ଣ୍ଣତା। ସେଥିପାଇଁ ତାଙ୍କ ସୃଷ୍ଟି ଚମତ୍କାର।

ତାଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ସୃଷ୍ଟି ହେଉଛି ମଣିଷ। ମଣିଷ ଏପରି ଏକ ଚିତ୍‌ଶକ୍ତିର ଅଧିକାରୀ, ଯାହା ଅନ୍ୟ କୌଣସି ଜୀବଙ୍କଠାରେ ପରିଲିକ୍ଷିତ ହୁଏନାହିଁ। କେତେବେଳେ ସେ ଆଘାତପାନ୍ତି ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷର ଅପକର୍ମ ଦେଖି, ଆଉ କେବେ ମନୁଷ୍ୟ ଭିତରେ ଦିବ୍ୟ ଜ୍ଞାନର ପ୍ରକାଶ ଦେଖି ଆନନ୍ଦିତ ହୁଅନ୍ତି। ତାଙ୍କର ପ୍ରିୟ ସନ୍ତାନ ମଣିଷ ନିଜର ପ୍ରଜ୍ଞା ଓ ସାଧନା ବଳରେ , ନିଖିଳ ବିଶ୍ୱରେ ଅନ୍ୟ କେଉଁ ଗ୍ରହ ଗ୍ରହାନ୍ତରରେ ଜୀବଜଗତର ରହସ୍ୟ ଉନ୍ମୋଚନ ପାଇଁ ଗବେଷଣା ମଗ୍ନ। ଗ୍ରହରୁ ଗ୍ରହାନ୍ତରକୁ ତାର ଯାତ୍ରା। ତା'ର ଅଦୃଶ୍ୟ ସୂକ୍ଷ୍ମାତିସୂକ୍ଷ୍ମ ମନ, ପ୍ରାଣ, ହୃଦୟ, ବୁଦ୍ଧି, ବିବେକ, ପ୍ରଜ୍ଞା ନିଜର ଅଭ୍ୟନ୍ତରକୁ ବିଶ୍ଳେଷଣ କରି ଆବିଷ୍କାର କରି ଚାଲିଛି ଅଶରିରୀ ଅସ୍ମିତାର ସତ୍ତାମାନଙ୍କର ସ୍ୱରୂପକୁ। ଦେଖିବାକୁ ଗଲେ ମନୁଷ୍ୟ ହେଉଛି ସୃଷ୍ଟିର ଏକ ବିସ୍ମୟ! ନିଜେ ମହାକାଶର ଅନନ୍ତ ମହାସ୍ରୋତରେ ଭାସମାନ କୁଟାଖଣ୍ଡେ ହେଲେବି ସେ ଖୋଜୁଛି ଈଶ୍ୱରଙ୍କୁ, ଆକଳନ କରୁଛି ସମୟ ସ୍ରୋତରେ ଗଭୀରତା ଓ ପ୍ରବାହମାନତାକୁ। ସୃଷ୍ଟି ଖୋଜୁଛି ସ୍ରଷ୍ଟାକୁ। କେତେବେଳେ ସେ ଭାବୁଛି ଈଶ୍ୱର ତା' ହୃଦୟରେ ପରମାତ୍ମା ରୂପରେ ଅଧିଷ୍ଠିତ। ସେ ପୁଣି ଭାବୁଛି ସେ ସର୍ବ ଶକ୍ତିମାନ- ସେ ଅରୂପ, ପୁଣି ରୂପବାନ। ସଗୁଣ ପୁଣି ନିର୍ଗୁଣ, ସାକାର ପୁଣି ନିରାକାର। ଏହି ଖୋଜିବା ଓ ଭାବିବାର ପ୍ରକ୍ରିୟା କେବଳ ମନୁଷ୍ୟର।

ବିଜ୍ଞାନର ଈଶ୍ୱର କଣିକା କିମ୍ବା ମଙ୍ଗଳ ଗ୍ରହକୁ ଯାତ୍ରା ବା ମହାଶୂନ୍ୟ ପରିଭ୍ରମଣ ପଛରେ ରହିଛି, ଏକ ଶାଶ୍ୱତ ଜିଜ୍ଞାସା, ସୃଷ୍ଟିର ରହସ୍ୟକୁ ଭେଦ କରିବାର ଅଭୀପ୍ସା। ଏ ସବୁ ସତ୍ତ୍ୱେ ଈଶ୍ୱରଙ୍କୁ ନେଇ ମଣିଷ ମଣିଷ ଭିତରେ କେତେ ବାଦବିସମ୍ବାଦ, କେତେ କେତେ ଯୁଦ୍ଧବିଗ୍ରହ, କେତେ ରକ୍ତପାତ, ହିଂସା- ଯେମିତି ପିଲାମାନେ ଖେଳିଲା ବେଳେ କେହି କାହାକୁ ମାରିଲା ତାକୁ ନେଇ ପରସ୍ପରର ବାପ ମା'ଙ୍କ ଭିତରେ ଲାଗିଯାଏ ଲଢେଇ। ଅଥଚ କେତୋଟି ମୁହୂର୍ତ୍ତ ଭିତରେ ଛୁଆମାନେ ଭୁଲି ଯାଇଥାନ୍ତି କିଏ କାହାକୁ ମାରିଥିଲା। ସମସ୍ତେ ଈଶ୍ୱରଙ୍କ ସନ୍ତାନ- ଏ କଥା ଭୁଲି ନିଜ ନିଜ ଇଶ୍ୱରଙ୍କ ନାମରେ କେତେ ସଂଘର୍ଷ ନଘଟୁଛି ଏ ପୃଥିବୀରେ! ଆଜି ଧରିତ୍ରୀ ଲହୁଲୁହାଣ ହୋଇ ଚାଲିଛି, ଏ ଅହଂକାରର ଦ୍ୱନ୍ଦ୍ୱ ଭିତରେ। ସେ ପୂର୍ଣ୍ଣ ବ୍ରହ୍ମଙ୍କୁ ଭଗ୍ନାଂଶରୁ ଭଗ୍ନାଂଶ କରିବାରେ ଅହରହ ଲାଗିଛି। ବଡ ଅଜବ ଏ ମଣିଷର ପ୍ରକୃତି, ମଣିଷର ସ୍ୱଭାବ। କେତେବେଳେ ସେ କହୁଛି ଈଶ୍ୱର ସର୍ବବ୍ୟାପୀ, ମଙ୍ଗଳମୟ, ସତ୍ୟସ୍ୱରୂପ, ସୁନ୍ଦର, ପ୍ରେମମୟ, ଆନନ୍ଦଘନରୂପ, ଅମୃତ ଭାସ୍ୱର, ପରମ କାରୁଣିକ। କିନ୍ତୁ ଧର୍ମକୁ ନେଇ ସଂଘର୍ଷ କଲାବେଳେ ଈଶ୍ୱରଙ୍କ ସଂଜ୍ଞାକୁ ସେ ବଦଳାଇ ଦେଇଥାଏ, ସଂକୁଚିତ ହୋଇଯାଏ ତା'ର ଦୃଷ୍ଟିରେ ଦିଗ୍‌ବଳୟ, ନିଷ୍ପ୍ରଭ ହୋଇଯାଏ ଦିବ୍ୟ ଅର୍ଥବୋଧ। ନିଜ ବୁଦ୍ଧି ଓ ବିଚାରର ମାନଦଣ୍ଡରେ ସେ ଈଶ୍ୱରଙ୍କ ସର୍ବବ୍ୟାପୀ ସତ୍ତାକୁ କ୍ଷୁଦ୍ରାତିକ୍ଷୁଦ୍ର କରି ସ୍ଥାପନ କରେ ମନ୍ଦିରରେ, ଗୀର୍ଜାରେ, ମସଜିଦ୍‌ରେ। ନିଜ ମନ ମୁତାବକ ସେ ରୂପରେଖ ଦିଏ ପରମବ୍ରହ୍ମଙ୍କୁ।

ଏକ ପକ୍ଷରେ ମଣିଷ ଈଶ୍ୱରଙ୍କୁ ଖୋଜୁଛି ସକଳ ଘଟରେ। ପୁଣି ତା'ର ଉପାସନା ପୀଠମାନଙ୍କରେ, ଗ୍ରହଗ୍ରହାନ୍ତରରେ, ଅଥଚ ତା' ସମ୍ମୁଖରେ ବିଦ୍ୟମାନ ଥିବା ଈଶ୍ୱରଙ୍କୁ ସେ ଚିହ୍ନି ପାରୁନି। ଦେଶ ଦେଶ ଭିତରେ ଲଢେଇ, କୂଟନୀତି, ଚକ୍ରାନ୍ତ, କେତେ କେତେ ପ୍ରସ୍ତୁତି ନିଜ ନିଜର ଅହଂକାର ଓ ସ୍ପର୍ଦ୍ଧାର ବିଜୟ ପାଇଁ। ନ ଦେଖିଥିବା ଈଶ୍ୱରଙ୍କୁ 'ମୋ ଈଶ୍ୱର' ତୋ 'ଈଶ୍ୱର' କହି ରକ୍ତ ନଦୀ ବୁହାଇ ଦେଲାବେଳେ ବିଚରା ଈଶ୍ୱର କେତେ ଦୁଃଖ ପାଉଥିବେ ଏ ସଂଘର୍ଷକୁ ଦେଖି। ମଣିଷ ଏ କଥା ଭୁଲିଯାଇଥାଏ ଯେ ମାଟିରେ ମିଶିଗଲା ପରେ ହଜି ଯାଇଥାଏ ତାର ଅହଂକାର, ତା'ର ଆତ୍ମବଡିମା, ତା'ର ପରିଚୟ, ଧର୍ମର ବିଚାର ବିଭେଦ, କ୍ଷମତା ପ୍ରତିପତ୍ତି ସବୁକିଛି। ଗୋଟିଏ ଶ୍ମଶାନ ଭୂମିରେ, କବର ସ୍ଥାନରେ ସର୍ବୋପରି ମାଟିରେ ସମସ୍ତେ ଏକାକାର ହୋଇଯାନ୍ତି। "ଜୀବନ ଗୋଟିଏ ସ୍ପନ୍ଦନ ମାତ୍ର। ପଲକପାତ ମାତ୍ରକେ ବୁଦ୍ ବୁଦ୍ ହୋଇ ମିଳାଇଯିବ ସମୟ/ସଂସାର ସାଗର ଗର୍ଭରେ। ନିରନ୍ତର ବଦଳୁଥିବା ମଣିଷର ରୂପ, ତା'ର ପରିଚୟ... ସବୁକିଛି ଈଶ୍ୱରଙ୍କ ଧୂଳିଖେଳର ସାମାନ୍ୟତମ ଉପାଦାନ" ଯାହା ଆଜି ଅଛି, କାଲି ନାହିଁ! କଥାରେ ଅଛି ' ନିଶ୍ୱାସେ ନୈବ ବିଶ୍ୱାସମ୍' କଦାରୁଦ୍ଧ ଭବିଷ୍ୟତ? ଏ କଥା ମଣିଷ ବୁଝିଗଲେ ଜୀବନ ସହଜ ହୋଇଯାନ୍ତା।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ହେ ଭଗବାନ

ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
ଭଗବାନ

ଶ୍ରୀ ଅଭିରାମ ସରସ୍ୱତୀ

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସ୍ତା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତେ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

ଶୂନ୍ୟପ୍ରଦୂଷଣ ପୃଥ୍ୱୀର ଆତ୍ମ ଚିନ୍ତନ (୧)

ଡ.ଇଂ.ସଞ୍ଜୟ କୁମାର ପଣ୍ଡା
ଅତିଥି ଅଧ୍ୟାପକ, ପରିବେଶ ବିଜ୍ଞାନ
ସରକାରୀ ବହୁବୃତ୍ତି ଅନୁଷ୍ଠାନ, ବୌଦ୍ଧ
Email-drsanjayaeducationist@gmail.com

ଆଧୁନିକ ସମାଜରେ ବୈଜ୍ଞାନିକ ଚିନ୍ତା ଚେତନାକୁ ବିବର୍ଦ୍ଧିତ କରି ମାନବ ନୂତନ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ଯେତିକି ଉଦ୍ଦାମତା ପ୍ରକାଶ କରୁଛି, ତାର ଅଜ୍ଞାତ କିମ୍ବା ପରୋକ୍ଷ ଜ୍ଞାତସାରରେ ବିକାଶ ନାମରେ ବିନାଶର ଗତିକୁ ସମଭାବେ କ୍ଷୀପ୍ରତର କରୁଛି। ବ୍ରହ୍ମାଣ୍ଡରେ ଉପଲବ୍ଧ ପ୍ରାକୃତିକ ସମ୍ପଦକୁ ପୂର୍ଣ୍ଣମାତ୍ରାରେ ବିନିଯୋଗ କରି ନିଜକୁ ଜ୍ଞାନୀ ଓ ବିକାଶ ପୁରୁଷ ମନେ କରୁଥିବା ବେଳେ ପ୍ରକୃତିକୁ ଅଣଦେଖା କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଚିନ୍ତାର ବିଷୟ। ବୈଜ୍ଞାନିକ ଧୀମତ୍ତାକୁ କେବଳ ବିକାଶ ସର୍ବସ୍ୱ ଚିନ୍ତାକରି ପଞ୍ଚଭୂତକୁ ଅସନ୍ତୁଳିତ କରିବାର ପରିଣାମ କ୍ରମଶଃ ସମାଜରେ ଅନୁଭୂତ ହେବାର ପ୍ରାରମ୍ଭିକ ପର୍ବ ଦୃଶ୍ୟମାନ ହେଲାଣି। ସ୍ଥିତି ନିୟନ୍ତ୍ରଣର ବାହ୍ୟ ପରିବେଶକୁ ଅତିକ୍ରାନ୍ତ କରିଗଲେ ପ୍ରଳୟ ସୁନିଶ୍ଚିତ। ପ୍ରକୃତିର ସମ୍ଭାର ସର୍ବଦା ଅକ୍ଷୟ ହୋଇ ନ ପାରେ। ଅକ୍ଷୟ ଶକ୍ତି ବ୍ୟତିରେକ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଆଗାମୀ କିଛି ଦଶନ୍ଧିରେ ବିଲୁପ୍ତ ହୋଇଯିବ, ଯାହାକି ଆଧୁନିକ ସମାଜକୁ ସଂଗ୍ରାମର ପରିବେଶ ପ୍ରଦାନ କରିବ। ପ୍ରକୃତିର ସଦୁପଯୋଗ, ସନ୍ତୁଳିତ ବ୍ୟବହାର ଓ ଆଗାମୀ ପିଢି ପାଇଁ ସଂରକ୍ଷଣ ସାମ୍ପ୍ରତିକ ପରିସ୍ଥିତିରେ ଏକ ବୃହତ ଆହ୍ୱାନ ରୂପେ ପ୍ରତୀୟମାନ ହେଉଛି।

ପ୍ରକୃତିର ସ୍ୱେଚ୍ଛାନୁସାରେ ଅପବ୍ୟବହାର ସୀମିତ ସମ୍ବଳକୁ କ୍ଷୟ କରିବା ସହ ପରିବେଶ ପ୍ରଦୁଷଣକୁ ଆମନ୍ତ୍ରଣ କରୁଛି। ଆଧୁନିକ ବିକାଶ ପରମ୍ପରା ହେତୁ ବର୍ଜ୍ୟବସ୍ତୁ ନିଷ୍କାସନ ଏକ ଅବଶ୍ୟମ୍ଭାବୀ ପ୍ରକ୍ରିୟା। କିନ୍ତୁ ଏହାର ସଫଳ ପରିଚାଳନାର ଅଭାବରେ ପୃଥିବୀ, ଜଳ, ବାୟୁ ଯଥେଷ୍ଟ ମାତ୍ରାରେ ପ୍ରଦୂଷିତ, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ। ସମଗ୍ର ପୃଥିବୀରେ ଅଧୁନା ପ୍ରତିବର୍ଷ ୨.୧ ବିଲିୟନ୍ ଟନ୍ ସହରୀ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ ହେଉଥିବା ବେଳେ ଏହି ଧାରାରେ ୨୦୫୦ମସିହା ସୁଦ୍ଧା ପ୍ରାୟତଃ ୭୫ପ୍ରତିଶତ ବୃଦ୍ଧି ହୋଇ ୩.୮ ବିଲିୟନ୍ ଟନ୍‌ରେ ପହଂଚିବ। ସାରା ବିଶ୍ୱରେ ସାମଗ୍ରିକ ବର୍ଜ୍ୟବସ୍ତୁ ୧୧.୨ ବିଲିୟନ ଟନ୍ ଆଦାୟ ହେଉଥିବା ବେଳେ ଏହା ସମଗ୍ର ଗ୍ରୀନ୍ ହାଉସ୍ ପ୍ରଦୂଷଣର ୫ ପ୍ରତିଶତର ଭାଗିଦାରୀ ଅଟେ। ସମଗ୍ର ଭାରତର ୬୨ ମିଲିୟନ ଟନ୍ ପ୍ରତିବର୍ଷ ଉତ୍ପାଦନ ହେଉଥିବା ସ୍ଥଳେ କେବଳ ୪୩ ମିଲିୟନ ସଂଗ୍ରହ ଓ ପରିଚାଳନା ହେଉଅଛି ଓ ଅବଶିଷ୍ଟ ୩୦ପ୍ରତିଶତ ଅର୍ଥାତ୍ ୩୧ ମିଲିୟନ୍ ଟନ୍ ବର୍ଜ୍ୟବସ୍ତୁ ଭୂପତିତ ହେଉଛି। ଆକଳନ ଅନୁଯାୟୀ ଏହା ୨୦୫୦ ମସିହା ସୁଦ୍ଧା ୪୩୬ ମିଲିୟନ୍ ଟନ୍‌ରେ ପହଞ୍ଚିବ ଯାହାକି ଅତ୍ୟନ୍ତ ଚିନ୍ତାଜନକ ତଥ୍ୟ ଅଟେ।

କଠିନ ବର୍ଜ୍ୟବସ୍ତୁର ଅସଫଳ ପରିଚାଳନା ହେତୁ ମୃତ୍ତିକା ପ୍ରଦୂଷଣ ହେବା ସହ ଉର୍ବରତା କ୍ରମଶଃ ହ୍ରାସପାଏ। ପ୍ରଦୂଷିତ ଦୁର୍ଗନ୍ଧମୟ ପରିବେଶ ବାୟୁ ପ୍ରଦୁଷଣ କରିବା ସହ ମଶା, ମାଛି ବୃଦ୍ଧିକରେ ଯାହା ମହାମାରୀ କାରଣ ହୁଏ। ଜଳସ୍ତର ପ୍ରଦୁଷଣ ହେତୁ ବିଭିନ୍ନ ରୋଗ, ପାନୀୟ ଜଳ, କୃଷିକର୍ମ ବ୍ୟାଘାତ ହେବ। ଅଙ୍ଗାରକାମ୍ଳ ବାଷ୍ପ ନିର୍ଗତ ହେତୁ ଗ୍ରୀନ୍ ହାଉସ୍ ଗ୍ୟାସର ମାତ୍ରା ବୃଦ୍ଧି ପାଇବ ଯାହାକି ପରିବେଶ ଉତ୍ତପ୍ତ ପାଇଁ ସର୍ବାଗ୍ରେ ଦାୟୀ। ପ୍ଲାଷ୍ଟିକ ପଦାର୍ଥର ନିଷ୍କାସନ ହେତୁ ଏହା ମୃତ୍ତିକାରେ ବିଗଳିତ ନ ହୋଇ ପୃଥିବୀ ପୃଷ୍ଠରେ ଚାପ ପ୍ରୟୋଗ କରିବ। ଯାହାକି ଭୂମିକମ୍ପ ମଧ୍ୟ କରିପାରେ। ପଶୁ ସମ୍ପଦ ପ୍ଲାଷ୍ଟିକ ଭକ୍ଷଣ କରୁଥିବାରୁ ରୋଗଗ୍ରସ୍ତ ହେବା ସହ ମୃତ୍ୟୁମୁଖରେ ପଡିଥାନ୍ତି।

ପ୍ଲାଷ୍ଟିକ ମୃତ୍ତିକାରେ ପଚି ସଢି ମିଶ୍ରିତ ହୋଇ ପାରୁ ନ ଥିବାରୁ ଏଥିରୁ ନିର୍ଗତ 'ଡାଇଥାଇଲ୍ ହାଇଡ୍ରୋକ୍ସିଲାମିନ୍' ନାମକ ରାସାୟନିକ ପଦାର୍ଥ ଯକୃତ ରୋଗ, ଓଜନ ହ୍ରାସ, ପ୍ରଜନନ କ୍ଷମତା, କର୍କଟ ରୋଗ ଆଦି ସୃଷ୍ଟି କରେ। ମୁକ୍ତ ପ୍ରାଙ୍ଗଣରେ ବର୍ଜ୍ୟବସ୍ତୁ ଜ୍ୱଳନ ହେତୁ ଏଥିରୁ ନିର୍ଗତ ପ୍ରଦୂଷିତ ବାଷ୍ପ ବାୟୁ ପ୍ରଦୂଷଣ କରିବା ସହ ବିଭିନ୍ନ ରୋଗ ସୃଷ୍ଟି କରେ। ବର୍ଷା ହେଲେ ମୁକ୍ତ ବର୍ଜ୍ୟବସ୍ତୁ ଦ୍ୱାରା ନିର୍ଗତ ଗ୍ୟାସଦ୍ୱାରା ଅମ୍ଳବର୍ଷା ହୁଏ, ଯାହା ପୃଥିବୀର ଉଦ୍ଭିଦ ଓ ପ୍ରାଣୀ ଜଗତକୁ ବିପଦ ସୃଷ୍ଟି କରେ। ଏଥିପାଇଁ ପ୍ରକୃଷ୍ଟ ବର୍ଜ୍ୟବସ୍ତୁ ପରିଚାଳନା କରିବା ପାଇଁ ୫-ଆର୍ ପଦ୍ଧତି ଅବଲମ୍ବନ ବିଧେୟ। ଯଥା ରିଫ୍ୟୁଜ୍ (ବାରଣ କରିବା), ରିଡ୍ୟୁସ୍ (କମ୍ ବ୍ୟବହାର), ରିୟୁଜ୍ (ପୁନଃ ବ୍ୟବହାର), ରିସାଇକେଲ୍ (ପୁନଃ ପ୍ରକ୍ରିୟାକରଣ), ରିକଭର (ସଂରକ୍ଷଣ)। ଅର୍ଥାତ୍ ଯେଉଁ ବସ୍ତୁ ପ୍ରଦୂଷଣର କାରଣ ହୋଇଥାଏ, ସେହି ବସ୍ତୁର ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରିବା କିମ୍ବା କମ୍ ବ୍ୟବହାର, ପୁନଃ ବ୍ୟବହାର, ପୁନଃ ପ୍ରକ୍ରିୟା ଓ ସଂରକ୍ଷଣ କରିପାରିଲେ ପ୍ରଦୁଷଣର ମାତ୍ରା ଅନେକାଂଶରେ ହ୍ରାସ ପାଇବ। ପ୍ରତ୍ୟେକ ଗୃହରେ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ବର୍ଗୀକରଣ କରି ସଫଳ ନିଷ୍କାସନ ପ୍ରକ୍ରିୟାରେ ସରକାରଙ୍କୁ ସହଯୋଗ କରିବା ବିଧେୟ। ପ୍ରତ୍ୟେକ ଗୃହରେ ଜୈବିକ ବର୍ଜ୍ୟବସ୍ତୁକୁ ପରିଚାଳନା କରି ଭର୍ମି କମ୍ପୋଷ୍ଟିଙ୍ଗ୍ ମାଧ୍ୟମରେ ଜୈବିକ ସାର ପ୍ରସ୍ତୁତ କଲେ କ୍ଷୁଦ୍ର ଉଦ୍ୟାନରେ ବ୍ୟବହାର ହେବ ଓ ପ୍ରଦୂଷଣ ମାତ୍ରା ହ୍ରାସ ପାଇବ। ସରକାରୀ ସବସିଡ଼ି, ସାଧାରଣ ଜନତା ଜାଗରଣ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପ୍ରଦୂଷଣ ମୁକ୍ତି ସଂଗ୍ରାମ ପାଇଁ ଅନିର୍ବାଯ୍ୟ। ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଜିପିଏସ୍ ଓ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଏହି ଆହ୍ୱାନରୁ ନିସ୍ତାର ଦେବ।

ବ୍ରହ୍ମାଣ୍ଡରେ ସମୁଦାୟ ଜଳର ୯୭.୩ ପ୍ରତିଶତ ସମୁଦ୍ର ଜଳ ଭାବେ ଉପଲବ୍ଧ ଥିବାବେଳେ ୨.୭ ପ୍ରତିଶତ କେବଳ ମଧୁର ଜଳ ପୃଥିବୀରେ ରହିଛି ଯେଉଁଥିରେ ହିମାଚଂଳ ଅନ୍ତର୍ଭୁକ୍ତ। ଏହି ମଧୁର ଜଳର ୨.୯ ପ୍ରତିଶତ ପାନୀୟ ଜଳ ଭାବେ ନଦୀ, ହ୍ରଦ, ନାଳ ଓ ଭୂତଳ ଜଳ ଆଦି ରୂପରେ ଆମ ପାଖରେ ଉପଲବ୍ଧ। ଏତେ ଅଳ୍ପମାତ୍ରାର ପାନୀୟ ଜଳ ଆମକୁ ଅମୃତ ସମ ପ୍ରତିପୋଷଣ କରୁଥିବା ହେତୁ ଏହାକୁ ପ୍ରଦୂଷଣ ମୁକ୍ତ ରଖିବା ଏକ ନୈତିକ କର୍ତ୍ତବ୍ୟ। ଭାରତରେ ଆନୁମାନିକ ୭୦ ପ୍ରତିଶତ ଭୂପୃଷ୍ଠ ଜଳ ପ୍ରଦୂଷିତ ହେବା ସହ ପାନୀୟ ଅଯୋଗ୍ୟ ଥାଏ। ପ୍ରତ୍ୟେକ ଦିନ ଅନ୍ୟୁନ୍ୟ ୪୦ ମିଲିୟନ ଲିଟର ପ୍ରଦୂଷିତ ଜଳ ନଦୀ, ନାଳ, ପୋଖରୀ, ହ୍ରଦ ଆଦିରେ ପ୍ରବେଶ କରୁଥିବାରୁ ଏହା ମଧ୍ୟମ ବର୍ଗ ପରିବାର ପାଇଁ ଏକ ବିପଦ। ଦେଶର ସାମଗ୍ରିକ ଘରୋଇ ବିକାଶ ହାର ଏହା ହେତୁ ପ୍ରାୟତଃ ୫୦ ପ୍ରତିଶତ ପ୍ରଭାବିତ ହୁଏ। ଏହା ସହିତ ଅନ୍ୟୁନ୍ୟ ୧୬ ପ୍ରତିଶତ କୃଷି ହାର ହ୍ରାସ ପାଇଥାଏ। ବିଶ୍ୱରେ ୧୨୨ଟି ପ୍ରଦୂଷିତ ଦେଶ ମଧ୍ୟରେ ଭାରତ ୧୨୦ତମ ସ୍ଥାନରେ ରହିବା ଏକ ଲଜ୍ଜାଜନକ ବିଷୟ।

ଅତଏବ ଜଳ ବିଶୋଧନ ବ୍ୟବସ୍ଥା ଏକ ମାତ୍ର ବିକଳ୍ପ। କାରଖାନା ଜଳ ଓ ମଳ ପାଣିକୁ ବିଶୋଧନ କରାଯିବା ସହ ଏହାକୁ କୃଷି କ୍ଷେତ୍ରରେ ଓ ପୁନଃ ଶିଳ୍ପରେ ବ୍ୟବହାର କରାଯିବା ଉଚିତ୍। ଧର୍ମୀୟ ଭାବନା ସହିତ ଜଡିତ ଗଙ୍ଗା, ଯମୁନା, ମହାନଦୀ ଆଦିଙ୍କୁ ସର୍ବଦା ଜନଜାଗରଣ ମାଧ୍ୟମରେ ପରିଷ୍କାର ରଖାଯିବା ବିଧେୟ। ଗ୍ରାମୀଣ ଜଳ ଭଣ୍ଡାରରେ ୟୁଟ୍ରିଫିକେସନ୍ ହେତୁ ସୃଷ୍ଟି ହେଉଥିବା ଜଳ ପ୍ରଦୂଷଣରୁ ମୁକ୍ତି ପାଇଁ ଜଳରୁ ଉଦ୍ଭିଦକୁ ମୂଳୋତ୍ପାଟନ କରିବା ସହ ବିଶୋଧନ ବିଧେୟ। (କ୍ରମଶଃ)

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମଇ ୨୦୨୪ ମଙ୍ଗଳବାର

ଆସିକାରେ ବେଆଇନ୍ ପାଥୋଲାବ:ସ୍ୱାସ୍ଥ୍ୟ ବିଭାଗ ନିରବ

ଆସିକା/ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଛତୁ ଫୁଟିଲା ଭଳି ପାଥୋଲାବ୍ କେନ୍ଦ୍ର ଗଢ଼ିଉଠିଛି । ସେଗୁଡିକ ମଧ୍ୟରୁ ବହୁ ପାଥୋଲାବ୍ ବିନା ପଞ୍ଜିକରଣରେ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ନେଇ ଅଭିଯୋଗ ହୋଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏ ଦିଗରେ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ବେଆଇନ୍ ଭାବେ ଚାଲିଥିବା ପାଥୋଲୋଜି କେନ୍ଦ୍ରଗୁଡ଼ିକୁ ବନ୍ଦ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି । ପ୍ରକାଶଥାଉକି, ଦିନକୁ ଦିନ ଆସିକା ଅଞ୍ଚଳରେ ବେଆଇନ୍ ପାଥୋଲାବ୍ କ୍ଲିନିକ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସରକାରୀ ନୀତି ନିୟମ ଉଲ୍ଲଂଘନ କରି ବହୁ ଅନଭିଜ୍ଞ ବ୍ୟକ୍ତି ପାଥୋଲାବ୍ ଖୋଲି ବିଭିନ୍ନ ପ୍ରକାର ପରୀକ୍ଷା କରୁଥିବା ଚର୍ଚ୍ଚା ହେଉଛି । ହେଲେ ଅଭିଜ୍ଞତା ନଥିବା ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିବା ଏହି ପାଥୋଲୋବ୍ ପରୀକ୍ଷା କେନ୍ଦ୍ରର ରିପୋର୍ଟରେ ତାଳମେଳ ରହୁନଥିବା ଆଲୋଚିତ ହେଉଛି । ଫଳରେ ଅନେକ ସମୟରେ ରୋଗୀମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସରକାରଙ୍କ ନିୟମ ଅନୁସାରେ ପାଥୋଲାବ୍ ଖୋଲିବା ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତିନିୟମ ଅନୁସାରେ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି । ପାଥୋଲାବ୍ ପାଇଁ ଜଣେ ଏମ୍‌ବିବିଏସ୍ ଡ଼ିଗ୍ରୀଧାରୀ କନ୍‌ସଲଟାଣ୍ଟ ରହିବା ସହ

ପାଥୋଲାବ୍‌ରେ ୩ଟି ଘର, ୩ ଜଣ ଟେକ୍‌ନିସିଆନ୍ ରହିବା କଥା । ଏହାସହ ପାଥୋଲାବ୍ ପାଇଁ ପାଥାଲୋଜି, ବାୟୋକେମିଷ୍ଟି ମାଇକ୍ରୋବାୟୋଲୋଜି ତାଲିମ୍‌ଧାରୀ ପାଥୋଲୋଜିଷ୍ଟମାନେ କାର୍ଯ୍ୟ କରିବାର ନିୟମ ମଧ୍ୟ ରହିଛି । ସେହିପରି କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ଏଆଇସଟଇ ଦ୍ୱାରା ଅନୁମୋଦିତ ପାଇଥିବା ସଂସ୍ଥାରୁ ଲାବୋରେଟୋରୀ ଟେକ୍‌ନିସିଆନ୍ ଦକ୍ଷତା ଓ ପ୍ରମାଣପତ୍ର ହାସଲ ପରେ ପାଥୋଲାବ୍‌ର କାର୍ଯ୍ୟ କରିବାର ନିୟମ ରହିଛି । କିନ୍ତୁ ଆସିକା ଅଞ୍ଚଳରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଆସିକା ଅଞ୍ଚଳରେ ଥିବା ଶତାଧିକ ପାଥୋଲୋଜି କେନ୍ଦ୍ର ଗୁଡ଼ିକ ମଧ୍ୟରୁ ମାତ୍ର ହାତଗଣତି କିଛି ପାଥୋଲୋଜି କେନ୍ଦ୍ର ସରକାରୀ ନୀତିନିୟମ ଅନୁଯାୟୀ ପରିଚାଳିତ ହେଉଥିବା ବେଳେ ପ୍ରାୟ ୮୦ ପ୍ରତିଶତ ପାଥୋଲୋଜି କେନ୍ଦ୍ର ଅନଭିଜ୍ଞ ବେକାର ଯୁବକ ଯୁବତୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି । ଏହି ବେଆଇନ୍ ଭାବେ ଚାଲିଥିବା ପାଥୋଲୋଜି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ଯୁବକମାନେ କୌଣସି ସଂସ୍ଥାରୁ ତାଲିମ୍ ପାଇବା ତ ଦୂରର କଥା ସେମାନଙ୍କର ରକ୍ତ, ମଳ, ମୂତ୍ର, ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା କରିବା ସମ୍ପର୍କରେ ସାଧାରଣ ଜ୍ଞାନ ମଧ୍ୟ ନଥିବା ଜଣାପଡ଼ିଛି । ଗ୍ରାମାଞ୍ଚଳର ଅଶିକ୍ଷିତ ରୋଗୀମାନେ ଏହି ଅନଭିଜ୍ଞ, ବେକାର ଯୁବକ ଯୁବତୀମାନଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ଆଧାର କରି ଔଷଧ ଖାଉଥିବା ମଧ୍ୟ ଜଣାପଡ଼ିଛି । ଫଳରେ ରୋଗୀଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ ହେଉଛି । ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

||||||||| ଏରସମାରେ ବିଜୟ ସଂକଳ୍ପ ସମାବେଶ |||||||||

ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ରାଷ୍ଟ୍ରୀୟ ଅଧ୍ୟକ୍ଷ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଏରସମା–ବାଲିକୁଦା ନିର୍ବାଚନ ମଣ୍ଡଳରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଯେ. ପି. ନଡ୍ଡା ଗସ୍ତରେ ଆସି ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ ଓ ବିଧାୟକ ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତିଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ । ଜଣକୁ ଦିଲ୍ଲୀ ଓ ଜଣକୁ ଭୁବନେଶ୍ୱର ପଠାଇବା ଆପଣମାନଙ୍କର ଦାୟିତ୍ୱ ବୋଲି କହିଥିଲେ । ଦଶ ବର୍ଷ ହେଲା ଦେଶକୁ ଏକ ମଜ୍‌ବୁତ୍ ସରକାର ମିଳିଛି । କୋଭିଡ ପରେ ଅନେକ ଦେଶ ଅର୍ଥନୀତିରେ ଦୁର୍ବଳ ହୋଇପଡିଥିବା ବେଳେ ଭାରତ ପ୍ରଗତି କରିଛି । ଏଥର ବିଜେପି ସରକାର ଆସିଲେ ଭାରତ ବିଶ୍ୱର ତୃତୀୟ ଅର୍ଥନୀତି ଦେଶ ଭାବରେ ପରିଣତ ହେବ ବୋଲି ଜଗତସିଂହପୁର ଜିଲ୍ଲା ବାଲିକୁଦା–ଏରସାମ ନିର୍ବାଚନ ମଣ୍ଡଳୀର ଏରସମା ଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ବକ୍ତବ୍ୟ ରଖିଛନ୍ତି । ଏଥିସହିତ ସୁଭଦ୍ରା ଯୋଜନାରେ ମହିଳାମାନେ ବିଶେଷ ଉପକୃତ ହୋଇପାରିବେ । ବିଜେପି ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ ଓ ବିଧାୟକ ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତିଙ୍କ ସପକ୍ଷରେ ଡବଲ ପଦ୍ମ ଫୁଲରେ ମୋହର ଦେଇ ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ ଦେଇଥିଲେ । କଂଗ୍ରେସ ଉପରେ ବର୍ଷିବା ସହିତ ଓଡ଼ିଶାରୁ ଅଣଓଡ଼ିଆ ଶାସନ ହଟାଇବା ପାଇଁ କର୍ମୀ ଆହ୍ୱାନ ଦେଇଥିଲେ । ମୋଦି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ବାବଦରେ ଉପସ୍ଥିତ ଜନତାଙ୍କୁ ସୂଚନା ଦେବା ସହ ତେଲ, ଡାଲି ତଥା କୃଷି ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମ ନିର୍ଭରଶୀଳ ଦେଶ ହେବ ବୋଲି କହିଥିଲେ । ଓଡ଼ିଶାରେ ବିଜେପି ସରକାର ଆସିଲେ ଓଡ଼ିଆ ପୁଅ ମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରତିଶ୍ରୁତି ଦେବା ସହ ନବୀନ ବାବୁ ଅବସର ନେଇ ଆରାମ କରିବାକୁ କଟାକ୍ଷ କରିଥିଲେ ଶ୍ରୀ ନଡ୍ଡା । ଏହି ସମାବେଶରେ ସାଂସଦ ପ୍ରାର୍ଥୀ ବିଭୁପ୍ରସାଦ ତରାଇ, ବିଧାୟକ ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି, ଜିଲ୍ଲା ଉପସଭାପତି ମୋହିତ ମହାନ୍ତି, ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ମହିଳା ଅମିତା ଦାସ, କ୍ରିଷ୍ଣା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ ।

ମାଟ୍ରିକ୍‌ରେ ବାଲିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତ ପ୍ରତିଶତ ସଫଳତା

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ଦଶମ ମାଟ୍ରିକ ପରୀକ୍ଷା ଫଳାଫଳ ରବିବାର ପ୍ରକାଶ ପାଇଛି । ଚଳିତ ବର୍ଷର ପାସ୍ ହାର ୯୬.୦୭ ପ୍ରତିଶତ ରହିଥିବା ବେଳେ ସମଗ୍ର କନ୍ଧମାଳ ଜିଲ୍ଲାରେ ୯୬.୬% ରହିଛି । ଏଥିରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀରେ ଅଧ୍ୟୟନରତ ସମସ୍ତ ୧୬ ଜଣ ଛାତ୍ରଛାତ୍ରୀଙ୍କ ଫଳାଫଳ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ସେଥିମଧ୍ୟରୁ ଗ୍ରେଡ଼–ଏ–୧ରେ ସ୍ୱର୍ଗତ ଦିଲ୍ଲୀପ କୁମାର ସାହୁ ଓ ଶିକ୍ଷୟିତ୍ରୀ ବବିତା ସାହୁଙ୍କ ପୁତ୍ର ଓମ୍ ପ୍ରସାଦ ସାହୁ ୫୫୨ ନମ୍ବର ରଖି ୯୨% ହାସଲ କରିଥିବା ବେଳେ ଶିକ୍ଷକ ରବିନ୍ଦ୍ର କୁମାର ମଲ୍ଲିକ ଓ ଗୋଲାପ ମଲ୍ଲିକଙ୍କ ଝିଅ ଅଭିପ୍ସା ମଲ୍ଲିକ ୫୪୦ ନମ୍ବର ରଖି ୯୦% ହାସଲ କରିଥିବା ଜଣାପଡିଛି । ତାଙ୍କର ଏହି ସଫଳତା ପଛରେ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମା ତଥା ପିତା ମାତାଙ୍କୁ ଶ୍ରେୟ ମଣିଛନ୍ତି । ଏ ନେଇ ଶିଶୁମନ୍ଦିର ତରଫରୁ ସମସ୍ତ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଘର ଘର ବୁଲି ପ୍ରଚାର କଲେ କର୍ମୀ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ପାଇଁ ପ୍ରଚାର କଲେ ବଳରାମପୁର ପଞ୍ଚାୟତର କର୍ମୀ । ବଳରାମପୁର ପଞ୍ଚାୟତର ୧୨, ୧୫ ଓ ୧୬ ନମ୍ବର ୱାର୍ଡରେ କୁବେର ମୋହନ ଦାସଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ପାଇଁ ମହିଳା, ଯୁବକମାନେ ଘର ଘର ବୁଲି ପୁସିଂ କାର୍ଡ, ଯୋଜନା କାର୍ଡ ଆଦି ବାଣ୍ଟିବା ସହିତ ଯୋଡ଼ି ଶଙ୍ଖରେ ଭୋଟ୍ ଦେବାପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ

ଓଡ଼ିଶାବାସୀଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ସଫଳତା ସହିତ ଜୁଲାଇ ପରଠାରୁ ମାଗଣା ବିଦ୍ୟୁତ ଯୋଗାଣ ଉପରେ ଅବଗତ କରାଇଥିଲେ । ଏହି ପ୍ରଚାର କାର୍ଯ୍ୟକ୍ରମରେ ପ୍ରିୟତମା ଚୌଧୁରୀ, ବେବିନା ମହାପାତ୍ର, ସରୋଜିନୀ ମହାପାତ୍ର, ବେବିନା ଚୌଧୁରୀ, ସରସ୍ୱତୀ ଚୌଧୁରୀ, ପ୍ରୀତି ମହାପାତ୍ର, ଜାନକୀ ବଲ୍ଲଭ ମହାରଣା, ଜୟନ୍ତ ସାହୁ, ଅମିତ ମହାନ୍ତି, ନାରାୟଣ ନାୟକ, ବିଶ୍ୱଜିତ ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ରବି ରାଉତ, ରାଜେନ୍ଦ୍ର ପ୍ରଧାନ, ଲିଙ୍ଗରାଜ ମହାନ୍ତି, କାଳନ୍ଦୀ ଖୁଣ୍ଟିଆ, ଦୀପା ଜେନା, ଆନନ୍ଦ ଜେନାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ପ୍ରଚାର କରିଥିଲେ । ସାଂସଦ ପ୍ରାର୍ଥୀ ଡ଼ଃ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କୁ ଯୋଡ଼ା ଶଙ୍ଖରେ ଭୋଟ୍ ଦେଇ ଜୟଯୁକ୍ତ କରିବାପାଇଁ ଆହ୍ୱାନ ଦେଇଥିଲେ ।

ମାଟ୍ରିକ୍ ପରୀକ୍ଷା:ସ୍ୱରାଜ ନନ୍ଦ ନିଶ୍ଚିନ୍ତକୋଇଲି ବ୍ଲକ ଟପ୍ପର

ନିଶ୍ଚିନ୍ତକୋଇଲି, ନ୍ୟୁଜ୍

ମାଟ୍ରିକ ପରୀକ୍ଷାରେ ନିଶ୍ଚିନ୍ତକୋଇଲି ବ୍ଲକରେ ସ୍ୱରାଜ କୁମାର ନନ୍ଦ ଟପ୍ପର ହୋଇଛନ୍ତି । ସେ ଦେମାଣ୍ଡୋ ଚନ୍ଦ୍ରଶେଖର ହାଇସ୍କୁଲର ଜଣେ ମେଧାବୀ ଛାତ୍ର ଅଟନ୍ତି । ସେ ୬୦୦ ନମ୍ବରରୁ ୫୬୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ବ୍ଲକ ଟପ୍ପର ହୋଇଛନ୍ତି । ସ୍ୱରାଜ, କଳମିଶ୍ରି ପଞ୍ଚାୟତ ଲେଣ୍ଡୁରା ଭଗବାନପୁର ଗ୍ରାମର ରଞ୍ଜନ କୁମାର ନନ୍ଦ ଓ ସୁଜାତା ନନ୍ଦଙ୍କ ପୁତ୍ର ଅଟନ୍ତି । ସ୍ୱରାଜଙ୍କ ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପିତା ମାତାଙ୍କ ସମେତ ପରିବାର ଆତ୍ମୀୟ ସ୍ୱଜନ ଓ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି ।

ଜଗତସିଂହପୁରରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ଜୋର୍‌ଦାର୍ ପ୍ରଚାର

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶ ପଞ୍ଚାୟତରେ ବିଜେପି ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ର ଦାସ ଜୋର୍‌ଦାର ପ୍ରଚାର କରିଛନ୍ତି । ଅପରାହ୍ନରେ ଏହି କାର୍ଯ୍ୟକ୍ରମ ବେଲଦଣ୍ଡା ନିକଟରୁ ଓଡ଼ିଶ ପଞ୍ଚାୟତର ବିଜେପି କର୍ମୀମାନେ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଅମରେନ୍ଦ୍ରଙ୍କୁ ପାଛୋଟି ନେଇଥିଲେ । ପରେ ଓଡ଼ିଶ ପଞ୍ଚାୟତର ସାମନ୍ତରାପୁର, ଓଡ଼ିଶ, ବାଲିକୁଦ, ବଣିଆସାହି, ଇଟାପଡା, ସାନ୍ତୋଳ, ପାକନପୁର, ତ୍ରିପାଠୀ ସାହି, ଆଦି ଗାଁ ବାଇକ୍ ଶୋଭାଯାତ୍ରାରେ ଯାଇ ଭୋଟ୍ ଭିକ୍ଷା କରି ଆଶୀର୍ବାଦ

ଲୋଡୁଥିବା ବେଳେ ପ୍ରତ୍ୟେକ ଗାଁରେ ମା'ମାନେ ଅରୁଆ ଚାଉଳ ଦୀପ ଲଗାଇ ହୁଳହୁଳି ଦେଇ ସମ୍ବର୍ଦ୍ଧନା କରୁଥିବା ଦେଖାଯାଇଥିଲା । ସେହିପରି ପଲ୍ଲୀ ପଞ୍ଚାୟତର ପୋଥପଡା ଲଙ୍କେଶ୍ୱର ମହାଦେବ ମନ୍ଦିର ନିକଟରୁ ବିଜେପି ବିଧାୟକ ପ୍ରାର୍ଥୀ ଅମରେନ୍ଦ୍ରଙ୍କ କ୍ୟାମ୍ପେନ ଆରମ୍ଭ ହୋଇଥିଲା । ଏହା ପଲ୍ଲୀ, ସିଙ୍ଗିପୁର, ବଡ଼ ଦେଢ଼ିଲୋ, କାଟେସିଂଗିପୁର, ମହାକାଳେଶ୍ୱର, ବରୁଣା, ହାବେଳୀ, ବାଜପୁର, ପଦ୍ମପୁର, ଅନଗଡ଼ରେ ବିଜେପିର କ୍ୟାମ୍ପେନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଉପେନ୍ଦ୍ର କୁମାର ସାହୁ, ନିଗମାନନ୍ଦ ସିଂ, ଅବିନାଶ ସାହୁ, ସ୍ମୃତି ରଞ୍ଜନ ମିଶ୍ର, ମାନସ ମହାରଣା, ସୁଧାଂଶୁ ସିଂ, ରଞ୍ଜନ ଦାସଙ୍କ ସମେତ ଶହ ଶହ ସଂଖ୍ୟାରେ ବିଜେପି କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଜିଲ୍ଲା ସ୍ତରୀୟବୁଦ୍ଧ ଜୟନ୍ତୀ ଓ ସିଦ୍ଧାର୍ଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ମହାନଦୀ ଆଳତୀ ଘାଟରେ ଜିଲ୍ଲାସ୍ତରୀୟ ବୁଦ୍ଧ ଜୟନ୍ତୀ ଉତ୍ସବ ସହିତ ସିଦ୍ଧାର୍ଥ ସାହିତ୍ୟ ସଂସଦ, ବୌଦ୍ଧର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଅତିଥି ଭାବରେ ଚିତ୍ତରଞ୍ଜନ ଦାଶ, ଯୁଗଳ କିଶୋର, ବିଶିକେଶନ ପ୍ରଧାନ, ଦେବାଶିଷ ପୁରୋହିତ, ତୃପ୍ତି ରଞ୍ଜନ ଦାନୀ, ମିନୁ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ପ୍ରବକ୍ତା ବ୍ରହ୍ମଚାରୀ ଆଦିତ୍ୟ ଦାସ, ସଂସଦର ଆବାହକ ଅଭିନବ ପଟ୍ଟନାୟକ ଓ ସମ୍ପାଦକ କୃତ୍ତିବାସ

ପଳିଆ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା । ଜିଲ୍ଲାସ୍ତରୀୟ ବୁଦ୍ଧଜୟନ୍ତୀ ସମନ୍ୱୟ କମିଟି ଓ ସିଦ୍ଧାର୍ଥ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଆସନ୍ତା ବର୍ଷ ଠାରୁ ପ୍ରତ୍ୟେକ ବର୍ଷ ବୌଦ୍ଧରେ ବୁଦ୍ଧ ମହୋତ୍ସବ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା ।

ଭୋଟିଂ ବେଳେ ଡାକବାଜି ଯନ୍ତ୍ର ଯୋଗେ ଭୋଟ୍ ପ୍ରଚାର

ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ବିଚିତ୍ର ବ୍ଲକ ରୂପେ ପରିଚିତ ନିଶ୍ଚିନ୍ତକୋଇଲି ବ୍ଲକରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି । ଏହି ବ୍ଲକ ଅଞ୍ଚଳରେ ଏକ ପକ୍ଷରେ ମତଦାନ ଚାଲିଥିଲା ବେଳେ ଅନ୍ୟପକ୍ଷରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ନିର୍ବାଚନ ପ୍ରଚାର କରାଯିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ନିଶ୍ଚିନ୍ତକୋଇଲି ବ୍ଲକର ୧୪ଟି ଗ୍ରାମପଞ୍ଚାୟତର ୬୦ଟି ବୁଥ୍‌ରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଭୋଟ୍ ଗ୍ରହଣ କରାଯାଉଥିଲା । ଏହି ବ୍ଲକର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ୨୭ଟି ଗ୍ରାମପଞ୍ଚାୟତ ରହିଛି । ଏହି ୨୭ଟି ଗ୍ରାମପଞ୍ଚାୟତର ଭୋଟରମାନେ ଆସନ୍ତା ଜୁନ୍ ୧ ତାରିଖ ଦିନ ଚତୁର୍ଥ ପର୍ଯ୍ୟାୟରେ ମତଦାନ ସାବ୍ୟସ୍ତ କରିବେ । ଏଥିନିମନ୍ତେ ଏହି ୨୭ଟି ପଞ୍ଚାୟତରେ କଂଗ୍ରେସ, ବିଜେପି, ବିଜେଡି, ଅନ୍ୟାନ୍ୟ ଜାତୀୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀଙ୍କ ଦ୍ୱାରା ଡାକବାଜି ଯନ୍ତ୍ରରେ ପ୍ରଚାର ଜୋରଦାର ଚାଲୁ ରହିଛି । ଏହି ବ୍ଲକର ବାଲିଆପଦା ଗ୍ରାମପଞ୍ଚାୟତର ବହୁ ଅଂଶ କଟକ ସଦର ନିର୍ବାଚନ ମଣ୍ଡଳୀରେ ଯାଉଥିବା ତିଳକଣା ପଞ୍ଚାୟତ ମଝିରେ ଓ ନଗସପୁର ଗ୍ରାମପଞ୍ଚାୟତର ବହୁ ଅଞ୍ଚଳ ବାବୁଜଙ୍ଗ ଗ୍ରାମପଞ୍ଚାୟତ ମଝିରେ ରହିଯାଇଛି । ତେବେ ଏହି ଅଞ୍ଚଳରେ ମତଦାନ ଜୋର୍‌ଦାର ଚାଲିଥିଲା ବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ଦଳ ତରଫରୁ ପ୍ରଚାର ଜୋରଦାର ହେଉଥିବାର ଦେଖିବାକୁ ମିଳିଥିଲା । ଯାହାକି ଭୋଟରଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥିବାର ଦେଖିବାକୁ ମିଳିଥିଲା ।

୨୦୦୦ ବ୍ୟାଚ୍ ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗ୍ରାମ ପଞ୍ଚାୟତର ଶ୍ରୀ ଶ୍ରୀ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ଅଲଣାର ୨୦୦୦ ବ୍ୟାଚ୍ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ତୁରୁଖା ବନଦୁର୍ଗେଇ ଠାକୁରାଣୀଙ୍କ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନ ଉତ୍ସବରେ ସ୍ୱର୍ଗଗାମୀ ହେଇଥିବା ବନ୍ଧୁ ମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହିତ ସେମାନଙ୍କର ସ୍ମୃତିଚାରଣ କରିଥିଲେ । ଏହାପରେ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟରେ

ପଢୁଥିବା ସମୟର ଅନୁଭୂତି ବଖାଣିବା ସହିତ ଦୀର୍ଘବର୍ଷ ପରେ ସମସ୍ତେ ଏକାଠି ହୋଇଥିବାରୁ ବେଶ୍ ଖୁସି ପ୍ରକାଶ କରିଥିଲେ । ଏହା ସହିତ ଆଗାମୀ ବନ୍ଧୁମିଳନ ପଢିଥିବା ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଗ୍ରହଣରେ ପାଳନ କରିବେ ବୋଲି ସମସ୍ତ ଛାତ୍ରଛାତ୍ରୀ ମତବ୍ୟକ୍ତ କରିଥିଲେ । ଏହି ବନ୍ଧୁ ମିଳନ ଉତ୍ସବକୁ ରାଧାକାନ୍ତ ସାହୁ, ରୋଦ ସ୍ୱାଇଁ, ଶଶିଭୂଷଣ ପାଳ, ପ୍ରକାଶ ସ୍ୱାଇଁ, ପ୍ରଶାନ୍ତ ପରିଡ଼ା, ଲିଲିବାଳା ପାତ୍ର, ରିନା ବିଶ୍ୱାଳ ପ୍ରମୁଖ ଆୟୋଜନ କରିଥିଲେ । ଶେଷରେ ଛାତ୍ର ଜ୍ୟୋତିରଞ୍ଜନ ପଣ୍ଡା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୋଟିଂ ବେଳେ ଉତ୍ତେଜନା:୪ ଆହତ

କଟକ, ନ୍ୟୁଜ୍ ବ୍ୟୁରୋ

ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୧୧୫ନଂ ବୁଥ୍ ରାଧାଗୋବିନ୍ଦପୁର ଗ୍ରାମରେ ଭୋଟ୍ ଦେବା ସମୟରେ ଉତ୍ତେଜନା ଘଟିଛି । ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଥମେ ହାତାହାତି ଏବଂ ପରେ ଚେୟାରରେ ଆକ୍ରମଣରେ ଉଭୟ ଗୋଷ୍ଠୀରୁ ୪ ଜଣ ଆହତ ହୋଇଛନ୍ତି । ଆହାତଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭୋଟ ଦେବା ପାଇଁ ଧାଡ଼ିରେ ଛିଡା ହୋଇଥିବା ବେଳେ କିଛି ଯୁବକ ମନ୍ତ୍ରୀଙ୍କ ହାତ ଟାଣିଥିଲେ । ତାଙ୍କୁ ବାହାରକୁ ବାହାର କରିବାକୁ ଚେଷ୍ଟା କରିଥିଲେ । ଏହାକୁ ବିରୋଧ କରି କିଛି ସ୍ଥାନୀୟ ଲୋକେ ଅଟକାଇବାକୁ ଚେଷ୍ଟା କରିଥିଲେ । ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ପରେ ଶୃଙ୍ଖଳିତ ଭାବରେ ମତଦାନ ଚାଲୁ ରହିଥିଲା ।

କାଳ ବୈଶାଖୀ ରମ୍ଭା ଚନ୍ଦନ ଯାତ୍ରାକୁ ଫିଙ୍କା କରିଦେଲା

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରାକୁ ଉପଭୋଗ କରିବା ପାଇଁ ବହୁ ଉଚ୍ଚତା ସମ୍ପନ୍ନ ତୋରଣ ସାଙ୍ଗକୁ କଳା କୁଞ୍ଜର ନିର୍ମାଣ ରାସ୍ତା ପାର୍ଶ୍ୱରେ ଚିକ୍‌ମିକ୍ ଆଲୋକରେ ଝଲସି ଉଠୁଥିବା ବେଳେ ଭକ୍ତ, ବାଟୋଇ, ଆରୋହୀ କିଛି ସମୟ ଉପରୋକ୍ତ ସ୍ଥାନରେ ଅଟକି ରହି ଦର୍ଶନ କରୁଥିବା ଲକ୍ଷ୍ୟ କରାଯାଇଛି । ଏତଦ୍ ବ୍ୟତୀତ ରାସ୍ତା ପାର୍ଶ୍ୱରେ ମନୋହର ସାମାନ, ରଙ୍ଗ ବେରଙ୍ଗର ଖାଦ୍ୟ ସାମଗ୍ରୀ ଓ ଛୋଟ ପିଲାଙ୍କ ଖେଳ ସାମଗ୍ରୀ ବିକ୍ରିବଟା ଚାଲୁ ରହିଛି । ଦିନରେ ଖରା ଗୁଳୁଗୁଳି ଗରମ ହେଉଥିବା ବେଳେ ଅପରାହ୍ନରେ କାଳ ବୈଶାଖୀ ସାମୁଦ୍ରିକ ଝଡ଼ ରେମାଲ ରବିବାର ରାତ୍ର ସୁଦ୍ଧା ଅବପାତ ହୋଇ ଉତ୍ତର ଓଡ଼ିଶାରେ ପ୍ରବଳ ଭିଜାଇବ ବୋଲି ପାଣିପାଗ ପକ୍ଷରୁ ସୂଚନା ମିଳିଛି । କିନ୍ତୁ ତାର ପରିଣାମ ଉପରୋକ୍ତ ଅଞ୍ଚଳରେ ସମୟ ସମୟରେ ଝିପ୍‌ଝିପ୍ ବର୍ଷା ପକାଇ ଗରମ ଓ ଗୁଳୁଗୁଳିକୁ ଘନୀଭୂତ କରୁଛି ପୋଖରୀ ଓ କୂଅ ମାନଙ୍କରେ ଜଳ ସଙ୍କଟ ଦେଖାଦେଇଛି । ମଦନ ମୋହନଙ୍କୁ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା ଦ୍ୱାରା ପହଣ୍ଡି ବିଜେ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି । ଯାତ୍ରାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପକ୍ଷରୁ ପାଟ୍ରୋଲିଙ୍ଗ କଡାକଡି କରାଯାଇଛି ।

ସୁବର୍ଣ୍ଣପୁର ପୋଲିସ ପକ୍ଷରୁ ଗଞ୍ଜେଇ ଜବତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ରବିବାର ଅପରାହ୍ନ ୪ଟା ବେଳେ ସୋନପୁର ପୋଲିସର ପାଟ୍ରୋଲିଂ ବେଳେ କୌଣସି ସୂତ୍ରରୁ ଖବରପାଇ ଏକ ଟାଟା କମ୍ପାନୀର କଣ୍ଟେନର ଟ୍ରକ୍‌କୁ ଯାଞ୍ଚ କରି ସେଥିରୁ ୩ କ୍ୱିଣ୍ଟାଲ ୭୫ କେଜି ଗଞ୍ଜେଇ ଜବତ କରିଛି । ଯାହାର ମୂଲ୍ୟ ୩୦ ଲକ୍ଷରୁ ଅଧିକ ବୋଲି ସୂଚନା ମିଳିଛି ଏବଂ ସୋନପୁର ପୋଲିସ ଟିମ୍‌ର ଏହା ଏକ ବଡ ସଫଳତା ମଧ୍ୟ ନିଶ୍ଚିତ । ସୁବର୍ଣ୍ଣପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ସୋନପୁର ଥାନା ଭାରପ୍ରାପ୍ତ ଅଧିକାରୀ ଲୋକନାଥ ସାହୁଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କ୍ୱାର୍ଡ କଣ୍ଟେନର ଟ୍ରକ୍ ସହ ଗଞ୍ଜେଇ ଜବତ କରି ଅଭିଯୁକ୍ତ ମଧ୍ୟପ୍ରଦେଶ ଶାହାଡୋଲ ଜିଲ୍ଲାର ଟ୍ରକ୍ ଡ୍ରାଇଭର ବିନୋଦ ମାଝୀ (୪୫) ଓ ଏମ ପି ରାଜ୍ୟର ଗାଡ଼ି ହେଲ୍ପର ବିଜୟ ଗାଭେଲ (୨୪) ଙ୍କୁ ସୋନପୁର ପି

ଏସ କେଶ ନମ୍ବର ୧୭୬ ତାରିଖ ୨୬–୦୫–୨୪ (୨୦) ୨୫/୨୯ ଏନଡିପିଏସ ଧାରାରେ ଗିରଫ କରିଛି । ଏ ଘଟଣା ନେଇ ସୋନପୁର ପୋଲିସ ଷ୍ଟେସନ୍‌ରେ ସୁବର୍ଣ୍ଣପୁର ଏସପି ଯସ୍ ପ୍ରତାପ ଶ୍ରୀମାଲଙ୍କ ନେତୃତ୍ୱରେ ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ଆଇଆଇସି ଲୋକନାଥ ସାହୁଙ୍କ ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଅୟୋଜନ କରାଯାଇ ଏସପି ଶ୍ରୀମାଲ ସମସ୍ତ ସୂଚନା ଦେଇଛନ୍ତି ଏବଂ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଏହା ଚାଲାଣ ହେଉଥିବା ଖବର ମିଳିଛି । ନୂତନ ଏସପି ଶ୍ରୀ ଶ୍ରୀମାଲଙ୍କ ତତ୍ତ୍ୱାବଧାନରେ ଏସଡିପିଓ ଶ୍ରୀ ତ୍ରିପାଠୀ ଏବଂ ଥାନା ଅଧିକାରୀ ଶ୍ରୀ ସାହୁଙ୍କ ସ୍ପେସାଲ ସ୍କ୍ୱାର୍ଡଙ୍କ ଉଦ୍ୟମରେ ଜିଲ୍ଲା ପୋଲିସକୁ ଏବେ ଗଞ୍ଜେଇ ଚୋରା ଚାଲାଣକୁ ରୋକିବାରେ ଖୁବ୍ ସଫଳତା ମିଳିଥିବାରୁ ସହରବାସୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି । ବୌଦ୍ଧ ଜିଲ୍ଲାରୁ ଚୋରା ଚାଲାଣ କାରୀମାନେ ସୋନପୁର ବାଟ ଦେଇ ହିଁ ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ ଅଞ୍ଚଳକୁ ସବୁବେଳେ ଗଞ୍ଜେଇ ଚୋରା ଚାଲାଣ କରୁଥିବାରୁ ଏ କ୍ଷେତ୍ରରେ ସୋନପୁର ଜିଲ୍ଲାର ନାଁଟା ଆଗେ ଫୋକୋସ୍ ହେଉଥିବା ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ । ଏସପି ଶ୍ରୀମଲ ଓ ବୌଦ୍ଧ ଅଞ୍ଚଳର ଗଞ୍ଜେଇ ସପ୍ଲାୟର ମାନଙ୍କୁ ଠାବ କରିବାକୁ ପଡ଼ୋଶୀ ଜିଲ୍ଲା ଏସପିଙ୍କ ସହିତ ଉଦ୍ୟମ କରୁଛୁ ବୋଲି କହିଛନ୍ତି । ନିକଟରେ ବଲାଙ୍ଗିରରେ ହୋଇଥିବା ସୋନପୁର ପୋଲିସ କନେଷ୍ଟବଳଙ୍କ ଜଘନ୍ୟ ହତ୍ୟାକାଣ୍ଡ ଉପରେ ବଲାଙ୍ଗିର ପୋଲିସ ସହ ଯୋଗସୂତ୍ରର ସବୁ ପ୍ରକାର ସହଯୋଗ ସୋନପୁର ପୋଲିସ ଜାରି ରଖିଛି ଓ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଶ୍ରୀ ଶ୍ରୀମାଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ।

ପ୍ରବଳ ବର୍ଷାରେ ଚାଲିଲା ମୋଟରସାଇକେଲ ରାଲି

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ତୁହାକୁ ତୁହା ବର୍ଷା କୋରୁଥିଲା । କର୍ମୀଙ୍କ ବର୍ଷାକୁ ଖାତିର ନଥିଲା । ପ୍ରବଳ ବର୍ଷାରେ ବି ରାସ୍ତାରେ ବହୁ ସଂଖ୍ୟାରେ ମୋଟରସାଇକେଲ ଶୋଭାଯାତ୍ରା ଚାଲିଥିଲା । କର୍ମୀ ଓ ନେତା ମଧ୍ୟରେ ଥିବା ଆନ୍ତରିକତାପୂର୍ଣ୍ଣ ଆବେଗିକ ସମ୍ପର୍କର ଝଲକ ରବିବାର ଯାଜପୁର ଜିଲ୍ଲାର ଧର୍ମଶାଳା ବିଧାନସଭା କ୍ଷେତ୍ରରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସତୀଶ ବିଶ୍ୱାଳଙ୍କ 'ବଂଶୀ' ଚିହ୍ନର ମୋଟରସାଇକେଲ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା । ଧର୍ମଶାଳାରେ ସତୀଶଙ୍କ ସମର୍ଥନରେ ଅନୁଷ୍ଠିତ ହେଉଥିବା ଏହି ସ୍ୱାଭିମାନ ଯାତ୍ରାକୁ ଆରମ୍ଭ ହେବା ପୂର୍ବରୁ ତୁହାକୁତୁହା ବର୍ଷା କୋରୁଥିଲା । ଶେଷକୁ କର୍ମୀମାନେ ବର୍ଷାରେ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରିଥିଲେ । ପୁରାଦିନ ପ୍ରବଳ ବର୍ଷା ସତ୍ତ୍ୱେ କର୍ମୀମାନେ ମୋଟରସାଇକେଲ ଶୋଭାଯାତ୍ରା କରିଥିଲେ । ସକାଳୁ ସଂଜ ଯାଏ ରାଲି ଚାଲିବା ସମ୍ଭବ ହେଉ ନଥିଲେ ମଧ୍ୟ ଏହି ରାଲି ବର୍ଷାରେ ବି ସକାଳୁ ସଞ୍ଜ ଯାଏ ଚାଲିଥିଲା । ଏହି ଦୃଶ୍ୟ ରାଜନୈତିକ ମହଲରେ ମୁଖ୍ୟ ଆଲୋଚ୍ୟର ବିଷୟ ହୋଇଛି ।

ପଞ୍ଚ ମହଲା ପେକ୍ସରେ ଧାନ କିଣା ଆରମ୍ଭ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସକାଳୁ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚ ମହଲା ପେକ୍ସରେ ଧାନ କିଣା ଆରମ୍ଭ ହୋଇଛି । ପ୍ରଥମେ ପାରମ୍ପରିକ ପୂଜାର୍ଚ୍ଚନା ପରେ ପଞ୍ଚମହଲା ଏସସିଏସ ତରଫରୁ ଧାନ କିଣାର ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ପେକ୍ସ ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଏଆରସିଏସ ଗିରିଶ ଚନ୍ଦ୍ର ପୁରୋହିତ, ପୂର୍ବତନ ସଭାପତି ତଥା ରାଜ୍ୟ ଗୃହ ନିର୍ମାଣ ନିଗମ ନିର୍ଦ୍ଦେଶକ ରାଜକୁମାର ମିଶ୍ର, ଏସିଆର ଦୀପ ବାବୁ, ଡିଇଓ ସନ୍ତୋଷ ମେହେର, ଚାଷୀ ନେତା ବାବୁଲା ମିଶ୍ର ଓ ବଡ଼ ପାଣ୍ଡିଆଙ୍କ ସହ ଅନେକ ଚାଷୀ ତଥା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ ।

ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ୨୫ ଲକ୍ଷ ଦେବାକୁ ଘୋଷଣା କଲା ବିସିସିଆଇ

ନୂଆଦିଲ୍ଲୀ

କୋଲକାତା ନାଇଟ ରାଇଡର୍ସ ପୁଣି ଥରେ ଆଇପିଏଲ ଟାଇଟଲ ଜିତିଛି । ଦଳ ତୃତୀୟ ଥର ପାଇଁ ଚାମ୍ପିୟନ ହୋଇଛି । ଆଇପିଏଲ ୨୦୨୪ର ବିଜେତା ଦଳ ପୁରସ୍କାର ରାଶି ଭାବରେ ୨୦ କୋଟି ଟଙ୍କା ପାଇଛି । ଭାରତରେ କ୍ରିକେଟ ବୋର୍ଡ ଅଫ କଣ୍ଟ୍ରୋଲ ଖେଳାଳିଙ୍କ ପାଇଁ ଗ୍ରାଉଣ୍ଡ ଷ୍ଟାଫ୍ ଏବଂ କ୍ୟୁରେଟରଙ୍କ ପାଇଁ ଟ୍ରେଜେରୀ ଖୋଲିଛି । ବିସିସିଆଇ ସଚିବ ଜୟ ଶାହା ଗ୍ରାଉଣ୍ଡ କର୍ମଚାରୀଙ୍କୁ ପ୍ରତ୍ୟେକଙ୍କୁ ୨୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ଏହା ୧୦ଟି ଗ୍ରାଉଣ୍ଡର କର୍ମଚାରୀଙ୍କ ପାଇଁ ଉପଲବ୍ଧ ହେବ । ଏଥି ସହିତ ତିନୋଟି ଅତିରିକ୍ତ ଗ୍ରାଉଣ୍ଡର କର୍ମଚାରୀମାନେ ମଧ୍ୟ ବିପୁଳ ପରିମାଣର ଅର୍ଥ ପାଇବେ ।

ଜୟ ଶାହା ଏକ୍ସରେ ଏକ ପୋଷ୍ଟ ଶେୟାର କରିଛନ୍ତି । ଏହି ପୋଷ୍ଟ ମାଧ୍ୟମରେ ସେ ଗ୍ରାଉଣ୍ଡ ଷ୍ଟାଫ ଏବଂ କ୍ୟୁରେଟରମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି ଜୟ ଶାହା । ଲେଖିଛନ୍ତି, ଆମର ସଫଳ ଟି-୨୦ ସିଜନ (ଆଇପିଏଲ ୨୦୨୪) ପଛରେ ଗ୍ରାଉଣ୍ଡ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଖରାପ ପାଗ ପରିସ୍ଥିତିରେ ମଧ୍ୟ ସେ ଏକ ଭଲ ପିଚ୍ ପ୍ରସ୍ତୁତ କରିଥିଲେ । ୧୦ଟି ନିୟମିତ ଆଇପିଏଲ ଗ୍ରାଉଣ୍ଡର ଗ୍ରାଉଣ୍ଡମ୍ୟାନ ଏବଂ କ୍ୟୁରେଟର ପ୍ରତ୍ୟେକଙ୍କୁ ୨୫ ଲକ୍ଷ ଟଙ୍କା ପାଇବେ । ୩ଟି ଅତିରିକ୍ତ ଗ୍ରାଉଣ୍ଡର କର୍ମଚାରୀ ପ୍ରତ୍ୟେକଙ୍କୁ ୧୦ ଲକ୍ଷ ଟଙ୍କା ପାଇବେ । ଆପଣଙ୍କ ଉତ୍ସର୍ଗ ଏବଂ ପରିଶ୍ରମ ପାଇଁ ଧନ୍ୟବାଦ ।

ଆଇପିଏଲ ଟାଇଟଲ ଜିତି ନୂଆ ରେକର୍ଡ଼ କଲେ ଗମ୍ଭୀର

ଚେନ୍ନାଇ



ଯେଉଁ ଆଶା ସହିତ ଶାହାରୁଖ ଖାନ ଗୌତମ ଗମ୍ଭୀରଙ୍କୁ କୋଲକାତା ନାଇଟ ରାଇଡର୍ସକୁ ନିମନ୍ତ୍ରଣ କରିଥିଲେ, ଶେଷରେ ତାହା ପୂରଣ ହୋଇଛି । ଶାହାରୁଖଙ୍କ ୧୦ ବର୍ଷର ସ୍ୱପ୍ନକୁ ପୂରଣ କରିଛନ୍ତି ଗମ୍ଭୀର । କୋଲକାତା ନାଇଟ ରାଇଡର୍ସ ଆଇପିଏଲ-୨୦୨୪ ଟାଇଟଲ ଜିତି ସେମାନଙ୍କ ଅପେକ୍ଷା ଶେଷ କରିଥିଲେ । ଏହି ବିଜୟରେ ଅନେକ ତାରକା ଥିଲେ । କିନ୍ତୁ ଦଳରେ ଚାମ୍ପିଅନସିପ୍ ଜିତିବାର ଉତ୍ସାହ ଗୌତମ ଗମ୍ଭୀରଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିଲା । ଏହା ସହିତ ଗମ୍ଭୀର ମଧ୍ୟ କିଛି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଥିଲେ, ଯାହା ଆଇପିଏଲ ଇତିହାସରେ ତ ଆଉ କେହି କରିପାରି ନାହାନ୍ତି ।

ଚେନ୍ନାଇରେ ଅନୁଷ୍ଠିତ ଫାଇନାଲରେ କୋଲକାତା ନାଇଟ ରାଇଡର୍ସ ଏକପାଖିଆ ଢଙ୍ଗରେ ସନରାଇଜର୍ସ ହାଇଦ୍ରାବାଦକୁ ୮ ୱିକେଟରେ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ବାଛିଥିଲା ଏବଂ ତଥାପି ପୂରା ଦଳ ମାତ୍ର ୧୧୩ ରନ ସ୍କୋର କରିପାରିଥିଲା । କୋଲକାତାର ଦ୍ରୁତ ବୋଲରମାନେ ହାଇଦ୍ରାବାଦର ଶକ୍ତିଶାଳୀ ବ୍ୟାଟିଂକୁ ନଷ୍ଟ କରି ବିଜୟର ମୂଳଦୁଆ ପକାଇଲେ । ଏହା ପରେ ଭେଙ୍କଟେଶ ଆୟର ୫୨ ରନର ବିସ୍ଫୋରକ ଇନିଂସ ଖେଳି କାର୍ଯ୍ୟ ସମାପ୍ତ କରିଥିଲେ ଏବଂ କୋଲକାତା ମାତ୍ର ୧୦.୩ ଓଭରରେ ଫାଇନାଲରେ ଜିତି ଟାଇଟଲ ଜିତିଥିଲା ।

ଏହା ହେଉଛି କୋଲକାତାର ତୃତୀୟ ଆଇପିଏଲ ଟାଇଟଲ । ଏହାପୂର୍ବରୁ ସେ ୨୦୧୨ରେ ପ୍ରଥମ ଥର ପାଇଁ ଆଇପିଏଲ ଜିତିଥିଲେ । ତା'ପରେ ୨୦୧୪ରେ କୋଲକାତା ଦ୍ୱିତୀୟ ଥର ପାଇଁ ଟାଇଟଲ ଜିତିଲା । ଗୌତମ ଗମ୍ଭୀରଙ୍କ ଅଧିନାୟକତ୍ୱରେ କୋଲକାତା ଏହି ଦୁଇଟି ସଫଳତା ପାଇଥିଲା । ବର୍ତ୍ତମାନ ୧୦ ବର୍ଷ ପରେ ଗମ୍ଭୀର ଜଣେ ପରାମର୍ଶଦାତା ଭାବରେ କୋଲକାତା ଫେରି ଦଳ ଚାମ୍ପିୟନ ହୋଇଥିଲେ । ଏହା ସହିତ ଗୌତମ ଗମ୍ଭୀର ପ୍ରଥମ ବ୍ୟକ୍ତି ଭାବରେ ଅଧିନାୟକ ତଥା ପରାମର୍ଶଦାତା କିମ୍ବା କୋଚ୍ ଭାବରେ ଆଇପିଏଲ ଟାଇଟଲ ଜିତିଥିଲେ ।

କେବଳ ଏତିକି ନୁହେଁ ଚେନ୍ନାଇର ଚେପକ ଷ୍ଟାଡ଼ିୟମରେ କୋଲକାତା ଆଇପିଏଲ ଜିତିବାର ରେକର୍ଡ ମଧ୍ୟ କରିଛି । ଚେପକରେ ଏହା ତୃତୀୟ ଆଇପିଏଲ ଫାଇନାଲ ଥିଲା । ଏହାପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ କୋଲକାତା ଥରେ ଟାଇଟଲ ଜିତିଥିଲେ । ୨୦୧୨ ସିଜନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରି କୋଲକାତା ଚାମ୍ପିୟନସିପ ଜିତିଥିଲା । ଏବେ କୋଲକାତା ପୁଣି ଥରେ ଚେନ୍ନାଇକୁ ଛାଡ଼ି ଦ୍ୱିତୀୟ ଥର ପାଇଁ ଟାଇଟଲ ଜିତିଲା ।

ପାକିସ୍ତାନ କ୍ରିକେଟ ବନ୍ଦ ହୋଇଯିବା ଉଚିତ : ପାକିସ୍ତାନୀ ବିଶେଷଜ୍ଞ

ନୂଆଦିଲ୍ଲୀ

ପାକିସ୍ତାନର କ୍ରିକେଟରମାନେ ଟି-୨୦ ମ୍ୟାଚ୍ ଖେଳୁଛନ୍ତି । ଇତିମଧ୍ୟରେ ପାକିସ୍ତାନ ଟିମ୍‌କୁ ଆୟର୍ଲାଣ୍ଡ ଠାରୁ ଆରମ୍ଭ କରି ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡଠୁ ପରାସ୍ତ ହେବାକୁ ପଡ଼ିଛି । ପାକିସ୍ତାନୀ କ୍ରିକେଟରଙ୍କ ଏଭଳି ପରାଜୟକୁ ନେଇ ଚିନ୍ତିତ ଥିବା ପାକିସ୍ତାନର ବିଶେଷଜ୍ଞ କମର ଚିମା କହିଛନ୍ତି, ଆୟର୍ଲାଣ୍ଡ ଠାରୁ ଆରମ୍ଭ କରି ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡଠୁ ପାକିସ୍ତାନ ଦଳ ପରାସ୍ତ ହେଉଛି । ଏହା ସବୁଠାରୁ ଚିନ୍ତାର କାରଣ । ଟିମ୍‌ରେ ଭଲଭଲ ଖେଳାଳି ଅଛନ୍ତି କିନ୍ତୁ ପରିଚାଳନା ସଠିକ୍ ଭାବେ ହୋଇପାରୁ ନାହିଁ ।

ବର୍ତ୍ତମାନ ପାକିସ୍ତାନ କ୍ରିକେଟରେ ରାଜନୀତି ପ୍ରବେଶ କରିଯାଇଛି । ଟିମ୍‌ର ଖେଳାଳିଙ୍କର ବଡ଼ବଡ଼ ନେତାଙ୍କ ସହ ହାତ ଅଛି । ଏହି କାରଣରୁ ଯେଉଁ ଖେଳାଳିମାନେ ଭଲ ଖେଳୁ ନାହାନ୍ତି । ସେମାନଙ୍କୁ ଚେଷ୍ଟା କରି ବି ପାକିସ୍ତାନ କ୍ରିକେଟ ବୋର୍ଡ ଦଳରୁ ବାହାର କରି ପାରୁ ନାହିଁ । ଏଭଳି ପରିସ୍ଥିତିରେ ନୂତନ ଖେଳାଳିଙ୍କୁ ବି ସୁଯୋଗ ମିଳୁନାହିଁ । ସମଗ୍ର ଦଳରେ କେବଳ ରାଜନୀତି ଚାଲିଛି, ଯେଉଁ କାରଣରୁ ପାକିସ୍ତାନ ଦଳ ନଷ୍ଟ ହୋଇହୋଇ ଚାଲିଛି । ଏଭଳି ପରିସ୍ଥିତିରେ ପାକିସ୍ତାନ ପାଇଁ କୌଣସି ମ୍ୟାଚ୍ ଜିତିବା କଷ୍ଟକର ହୋଇଯାଇଛି । ମୁଁ ଜାଣିଛି ଆଗକୁ ବି ଏଥିରେ କୌଣସି ସୁଧାର ଅଣାଯାଇ ପାରିବ ନାହିଁ ତେଣୁ ଏହାକୁ ବନ୍ଦ କରିଦେବା ଭଲ ହେବ ।

ପାକିସ୍ତାନକୁ ଜୁନ ୯ରେ ଭାରତ ବିପକ୍ଷରେ ଖେଳିବାକୁ ପଡ଼ିବ । ଏପରି ଦୁର୍ବଳ ଦଳ ଭାରତ ସହିତ କିପରି ପ୍ରତିଦ୍ୱନ୍ଦ୍ୱିତା କରିବ ତାହା ଚିନ୍ତାର ବିଷୟ ପାଲଟିଛି ।

ରିଙ୍କୁ ସିଂଙ୍କୁ ଡେଟ୍ କରୁଛନ୍ତି ଶାହାରୁଖଙ୍କ ଝିଅ !

ଚେନ୍ନାଇ

କୋଲକାତା ନାଇଟ ରାଇଡର୍ସ (କେକେଆର) ମାଲିକ ଶାହାରୁଖ ଖାନ ତାଙ୍କ ଦଳର ଆଇପିଏଲ-୨୦୨୪ ଚାମ୍ପିଅନ ହୋଇଥିବାର ଦେଖି ବେଶ୍ ଖୁସି ଅଛନ୍ତି । କିଙ୍ଗ ଖାନ୍‌ଙ୍କ ଝିଅ ସୁହାନା ଖାନ ମଧ୍ୟ କେକେଆର ଟ୍ରଫି ଜିତିବାର ଏକ ଅଂଶ ହୋଇଥିଲେ ଏବଂ ସେ ତାଙ୍କ ପିତାଙ୍କୁ ଆଲିଙ୍ଗନ କରିବା ପରେ ଭାବପ୍ରବଣ ହୋଇଥିଲେ । ଶାହାରୁଖଙ୍କୁ ଆଲିଙ୍ଗନ କରିବାର ଭିଡିଓ ଭାଇରାଲ ହେବାରେ ଲାଗିଛି । କିନ୍ତୁ ଏବେ ଚର୍ଚ୍ଚା ହେଉଛି, ସୁହାନା କେକେଆରର ବ୍ୟାଟ୍ସମ୍ୟାନ ରିଙ୍କୁ ସିଂଙ୍କୁ ଡେଟ୍ କରୁଛନ୍ତି । ଗତ ବର୍ଷ ମଧ୍ୟ ରିଙ୍କୁ ଏବଂ ସୁହାନାଙ୍କ ସମ୍ପର୍କ ବିଷୟରେ ଗୁଜବ ସାମ୍ନାକୁ ଆସିଥିଲା । ବର୍ତ୍ତମାନ ପୁଣି ଥରେ ରିଙ୍କୁ-ସୁହାନା ଡେଟ୍ ଖବରକୁ ନେଇ ପୁଣି ଗୁଜବ ଉଠିଛି ।

କିଛି ଦିନ ପୂର୍ବରୁ ସୁହାନା ଭେଟେରାନ ଅଭିନେତା ଅମିତାଭ ବଚ୍ଚନଙ୍କ ନାତି ଅଗସ୍ତ୍ୟ ନନ୍ଦାଙ୍କୁ ଡେଟିଂ କରୁଥିବା ଚର୍ଚ୍ଚା ହେଉଥିଲା ।

ଟ୍ରଫି ଧରି ସ୍ତ୍ରୀ ଗୌରୀଙ୍କ ସହ ୧୦ ବର୍ଷ ପୁରୁଣା ପୋଜ୍ ରିକ୍ରିଏଟ୍ କଲେ

ନୂଆଦିଲ୍ଲୀ

କୋଲକାତା ନାଇଟ ରାଇଡର୍ସ (କେକେଆର୍) ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଆଇପିଏଲ ୨୦୨୪ ଟ୍ରଫି ଜିତିଛି । ଦଳର ଏହି ଐତିହାସିକ ବିଜୟ ପରେ ବଲିଉଡ୍‌ର କିଙ୍ଗ ଖାନ ଅର୍ଥାତ୍ ଶାହାରୁଖ ଖାନ କ୍ଲାଉଡ୍ ନଅରେ ଅଛନ୍ତି । ଚେନ୍ନାଇରେ ଏହି ବିଜୟ ଉତ୍ସବ ପାଳନ କରିବାକୁ ଶାହାରୁଖଙ୍କୁ କେକେଆର ଖେଳାଳିଙ୍କ ସହ ପଡ଼ିଆରେ ଦେଖିବାକୁ ମିଳିଥିଲା । ଭାଇରାଲ ହୋଇଥିବା ଫଟୋଗୁଡ଼ିକରେ ଶାହାରୁଖ ଖାନ ଟ୍ରଫି ଧରିଥିବା କେକେଆର ଖେଳାଳିଙ୍କ ସହ ପୋଜ୍ ଦେଉଥିବା ନଜର ଆସିଛନ୍ତି । ସମ୍ପ୍ରତି ଉତ୍ତାପ ଏବଂ ଡିହାଇଡ୍ରେସନ କାରଣରୁ ଶାହାରୁଖ ଖାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା । ଡାକ୍ତରଖାନାରୁ ଡିସଚାର୍ଜ ହେବା ପରେ କିଙ୍ଗ ଖାନ୍ ପ୍ରଥମ ଥର ଆନନ୍ଦରେ ନାଚୁଥିବାର ନଜର ଆସିଥିଲେ ।

କେକେଆର୍ ଅଧିନାୟକ ଶ୍ରେୟସ ଆୟର ଏବଂ ଅନ୍ୟ ସଦସ୍ୟମାନଙ୍କ ସହିତ ଫଟୋ କ୍ଲିକ କରିବା ପରେ, ଶାହାରୁଖ ୧୦ ବର୍ଷ ପୂର୍ବେ କେକେଆର ଜିତିବା ପରେ କ୍ଲିକ୍ କରିଥିବା ଫଟୋକୁ ରିକ୍ରିଏଟ କରିଥିଲେ । ଏକ ଫ୍ୟାନ୍ କ୍ଲବ କହିଛି ଯେ ୧୦ ବର୍ଷ ପୂର୍ବେ ଶାହାରୁଖ ଏବଂ ଗୌରୀ ଏକାଠି ହୋଇ ଆଇପିଏଲ ବିଜେତା କପ୍ ସହିତ ପୋଜ୍ କରିଥିଲେ ।

ଅବସର ନେଇ ସଙ୍କେତ ଦେଲେ ମିଚେଲ ଷ୍ଟାର୍କ

ଚେନ୍ନାଇ

ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୪ର କ୍ୱାଲିଫାୟାର ଏବଂ ଫାଇନାଲ ମୁକାବିଲାରେ ପ୍ରାରମ୍ଭିକ ଓଭରରେ ସନରାଇଜର୍ସ ହାଇଦ୍ରାବାଦ ଟିମ୍‌ର ମେରୁଦଣ୍ଡ ଭାଙ୍ଗି କୋଲକାତା ନାଇଟ ରାଇଡର୍ସ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ । ନିଲାମୀରେ ମିଚେଲ ଷ୍ଟାର୍କଙ୍କୁ ଆଇପିଏଲ ଇତିହାସର ସର୍ବାଧିକ ୨୪.୭୫ କୋଟି ଟଙ୍କାରେ କିଣିବା ପରେ ଅନେକ ସମାଲୋଚନାର ଶିକାର ହୋଇଥିବା କେକେଆରର ଟଙ୍କାର ସମ୍ପୂର୍ଣ୍ଣ ମୂଲ୍ୟ ରଖିଛନ୍ତି ମିଚେଲ ଷ୍ଟାର୍କ । ତେବେ ଅଷ୍ଟ୍ରେଲିଆ



ଫାଷ୍ଟ ବୋଲର ଏବଂ କେକେଆରର ହିରୋ ମିଚେଲ ଷ୍ଟାର୍କ ଅଧିକ ଫ୍ରାଞ୍ଚାଇଜ କ୍ରିକେଟ ଖେଳିବା ପାଇଁ ଦିନିକିଆ କ୍ରିକେଟରୁ ଅବସର ନେବା ପାଇଁ ସଂକେତ ଦେଇଛନ୍ତି ।

ଆଇପିଏଲ ଜିତିବା ପରେ ମ୍ୟାଚ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଷ୍ଟାର୍କ କହିଛନ୍ତି ଯେ ସେ ଆସନ୍ତା ବର୍ଷ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଫେରିବେ । ଦ୍ରୁତ ବୋଲର କହିଛନ୍ତି ଯେ ସେ ତାଙ୍କ ଜୀବନର ଶେଷ ୯ ବର୍ଷରେ ଅଷ୍ଟ୍ରେଲିଆକୁ ପ୍ରାଥମିକତା ଦେଇଥିଲେ । କିନ୍ତୁ ସେ କ୍ୟାରିୟରର ଶେଷ ହେବାକୁ ଯାଉଥିବାରୁ ସାମାନ୍ୟ ପରିବର୍ତ୍ତନ କରିବାକୁ ଯାଉଛନ୍ତି ।

୨୦୨୪ ନିଲାମରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସରେ ସର୍ବାଧିକ ପରିମାଣର ଟଙ୍କା ପାଇଁ କିଣାଯାଇଥିବା ଷ୍ଟାର୍କ, ୨୦୧୫ ପରେ ପ୍ରଥମ ଥର ପାଇଁ ଆଇପିଏଲ ଖେଳିବାକୁ ଫେରିଥିଲେ ।

ତେବେ ଆସନ୍ତା ବର୍ଷ ଆଇପିଏଲ ପାଇଁ ସମସ୍ତ ଖେଳାଳିଙ୍କ ନିଲାମୀ ହେବାକୁ ଯାଉଥିଲା ବେଳେ କେକେଆର କେଉଁ କେଉଁ ଖେଳାଳିଙ୍କୁ ରିଟେନ କରିବ ତାହାକୁ ନେଇ ଦ୍ୱନ୍ଦରେ ପଡ଼ିପାରେ । କାରଣ ଦଳରେ ଏବେ ରିଙ୍କୁ ସିଂ, ଶ୍ରେୟସ ଆୟର, ଆଣ୍ଡ୍ରେ ରସେଲ, ସୁନୀଲ ନାରିନ, ଫିଲ ସଲ୍ଟ, ହର୍ଷିତ ରାଣା ଏବଂ ମିଚେଲ ଷ୍ଟାର୍କଙ୍କ ଭଳି ଦମ୍‌ଦାର ଖେଳାଳି ରହିଛନ୍ତି । ଏମାନଙ୍କ ମଧ୍ୟରୁ ଦଳ କାହାକୁ ରଖିବ କାହାକୁ ଛାଡ଼ିବ ତାହା ଦେଖିବା ବାକି ରହିଲା ।

ଦଳ ହାରିବା ପରେ କାନ୍ଦି ପକାଇଲେ କାବ୍ୟା

ନୂଆଦିଲ୍ଲୀ

ଗୌତମ ଗମ୍ଭୀରଙ୍କ ପ୍ରତ୍ୟାବର୍ତ୍ତନ ସହିତ କେକେଆର ୧୦ ବର୍ଷ ପରେ ପୁଣି ଥରେ ଆଇପିଏଲ ମୁକୁଟ ଜିତିବାର ଗୌରବ ଅର୍ଜନ କରିଛି । ରବିବାରର ଏକପାଖିଆ ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦକୁ ମାତ୍ର ୧୧୩ ରନ୍‌ରେ ସୀମିତ ରଖିବା ପରେ କେକେଆର୍ ମ୍ୟାଚ୍‌କୁ ୮ ୱିକେଟ୍‌ରେ ଜିତିଯାଇଥିଲା । ଚତୁର୍ଥ ଥର ପାଇଁ କେକେଆର୍ ଆଇପିଏଲ୍ ଫାଇନାଲ୍‌ରେ ପ୍ରବେଶ କରିଥିବା ବେଳେ ଗୌତମ ଗମ୍ଭୀରଙ୍କ ଉପସ୍ଥିତି ପୁଣି ଥରେ ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା । ପୂର୍ବରୁ ୨୦୧୨ ଓ ୨୦୧୪ରେ ଗମ୍ଭୀରଙ୍କ ନେତୃତ୍ୱରେ କେକେଆର୍ ବିଜେତା ହୋଇଥିଲା ଏବଂ ୨୦୨୧ରେ ଉପବିଜେତାରେ ସନ୍ତୁଷ୍ଟ ଥିଲା । ଏଥର ରାଜନୀତି ଛାଡ଼ି କ୍ରିକେଟ୍ ପଡ଼ିଆକୁ ଫେରିଥିବା ଗମ୍ଭୀର ପୁଣି ଥରେ ନିଜ ସଫଳ ଯୋଜନାର ଛାପ ଛାଡ଼ିଛନ୍ତି ।

ତେବେ ଗୋଟାଏ ପଟେ କେକେଆର୍ ଖୋଲି ଉତ୍ସବ ମନାଉଥିବା ବେଳେ ଅନ୍ୟପଟେ ସନରାଇଜର୍ସ ହାଇଦ୍ରାବାଦର ସିଇଓ କାବ୍ୟା ମାରନ କାନ୍ଦୁଥିଲେ ବୋଲି ଦେଖାଯାଇଛି । ଦଳ ହାରିବା ପରେ ସେ ନିଜ ଆଖିର ଲୁହକୁ ଚାପି ରଖପାରିନଥିଲେ । କେକେଆର୍ ପାଇଁ ତାଳି ମାରୁଥିବା ବେଳେ କାବ୍ୟା କାନ୍ଦି ପକାଇଥିବା ଭାଇରାଲ ଭିଡିଓରେ ଦେଖାଯାଇଛି । ତାଙ୍କର ଏହି ଭିଡିଓ ଏବେ ସମସ୍ତଙ୍କୁ ଭାବବିହ୍ୱଳ କରିଛି ।

ଉଲ୍ଲେଖଯୋଗ୍ୟ, ବିଜେତା କେକେଆର୍‌କୁ ଟ୍ରଫି ସହ ୨୦ କୋଟି ଓ ଉପବିଜେତା ହାଇଦ୍ରାବାଦ୍‌କୁ ୧୩ କୋଟି ଟଙ୍କା ପୁରସ୍କାର ଦିଆଯାଇଛି । ସେହିପରି ଚଳିତ ସଂସ୍କରଣରେ ସର୍ବାଧିକ ରନ୍ କରିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିରାଟ କୋହଲି (୧୫ମ୍ୟାଚ୍, ୭୪୧ ରନ୍) ନାରଙ୍ଗୀ ଟୋପି ଓ ସର୍ବାଧିକ ୱିକେଟ୍ ନେଇଥିବା ପଞ୍ଜାବ କିଙ୍ଗ୍ସର ହର୍ଷଲ ପଟେଲ୍ (୧୪ମ୍ୟାଚ୍, ୨୪ ୱିକେଟ୍) ବାଇଗଣୀ ଟୋପି ପାଇଛନ୍ତି । ଉଭୟଙ୍କୁ ୧୫ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ମିଳିଛି ।

ଇମୋଶନାଲ୍ ହେଲେ ବିରାଟ କୋହଲି

ନୂଆଦିଲ୍ଲୀ

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଏଲିମିନେଟରରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହି ପରାଜୟ ପରେ ଫାଫ ଡୁ ପ୍ଲେସିସ୍‌ଙ୍କ ନେତୃତ୍ୱରେ ଆରସିବିର ସିଜିନ୍ ସମାପ୍ତ ହୋଇଥିଲା । ଏଥି ସହିତ ଚଳିତ ସିଜନରେ ଫାଇନାଲରେ କୋଲକାତା ନାଇଟ ରାଇଡର୍ସ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ତୃତୀୟ ଥର ପାଇଁ ଟାଇଟଲ ଜିତିଛି । କିନ୍ତୁ ଏହି ସିଜନରେ ବିରାଟ କୋହଲି ସର୍ବାଧିକ ରନ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନ ତାଲିକାରେ ଶୀର୍ଷରେ ରହିଛନ୍ତି । ବିରାଟ କୋହଲି ୧୫ଟି ମ୍ୟାଚ୍‌ରେ ହାରାହାରି ୬୧.୭୫ରେ ୭୪୧ ରନ ସଂଗ୍ରହ କରିଥିଲେ । ଏହା ପରେ ଋତୁରାଜ ଗାଇକ୍ୱାଡ ୧୪ଟି ମ୍ୟାଚ୍‌ରେ ହାରାହାରି ୫୩.୦୦ରେ ୫୮୩ ରନ ସଂଗ୍ରହ କରିଥିଲେ ।

ବ୍ୟାଟିଂ ତାଲିକାର ଶୀର୍ଷରେ ଥିବାରୁ ବିରାଟ କୋହଲି ଅରେଞ୍ଜ୍ କ୍ୟାପର ବିଜେତା ହୋଇଥିଲେ । ଅରେଞ୍ଜ୍ କ୍ୟାପ୍ ଜିତିବା ପରେ ବିରାଟ କୋହଲି ଭାବପ୍ରବଣ ହୋଇପଡିଛନ୍ତି । ବିରାଟ କୋହଲି କହିଛନ୍ତି, ଅରେଞ୍ଜ୍ କ୍ୟାପ ଜିତିବା ଗୌରବର ବିଷୟ । ଏହି ସିଜିନ୍‌ର ଯାତ୍ରା ଆମ ପାଇଁ ଉତ୍ସାହରେ ପରିପୂର୍ଣ୍ଣ ଥିଲା । କିନ୍ତୁ ମୁଁ ମୋ ଦଳରେ ଯୋଗଦାନ ଦେଇଥିବାରୁ ମୁଁ ବହୁତ ଖୁସି । ବିଶେଷକରି ଏହି ସିଜିନ୍‌ର ଦ୍ୱିତୀୟାର୍ଦ୍ଧ ପ୍ରଥମାର୍ଦ୍ଧରେ ଆମ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା । କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଆମେ ଏକ ଚମତ୍କାର ଖେଳ ଉପସ୍ଥାପନ କରିଥିଲୁ । ଆପଣଙ୍କର ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ । ବିରାଟ କୋହଲିଙ୍କ ସ୍ଥାନରେ କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଶ୍ରେୟସ ଆୟର ଅରେଞ୍ଜ୍ କ୍ୟାପ ନେଇଥିଲେ ।

ଠିକାଦାରଙ୍କ ଦୁହାଁଳିଆ ଗାଈ ସାଜିଛି ମନରେଗା ଯୋଜନା

ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ଏବେ ମନରେଗା ଯୋଜନା ଠିକାଦାରଙ୍କ ଦୁହାଳିଆ ଗାଈ ସାଜିଛି । ଏହି ଯୋଜନାରେ କୌଣସି କଟକଣା ନ ଥିବା ଯୋଗୁଁ କାମ ନ କରିଥିବା ଲୋକଙ୍କ ନାମରେ ଟଙ୍କା ପକାଇ ଅଧିକାରୀ, ଯନ୍ତ୍ରୀ, ଯୋଗାଣ ସହାୟକ ଓ ଗାଁସାଥିଠୁ ଆରମ୍ଭ କରି ଠିକାଦାର ସମସ୍ତେ ଲୁଟତରାଜ କରୁଛନ୍ତି । ଲୋକଙ୍କ ରାସ୍ତା ହେଲେ କେତେ ନ ହେଲେ କେତେ ଏଭଳି ଘଟଣା ଦେଖିବାକୁ ମିଳିଛି ଟିଙ୍ଗିପଦର ଗାଁ ର ପିଠାପଡ଼ା ରାସ୍ତାରେ । ଏହି ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ଆସିଥିବା ଟଙ୍କାକୁ କମ୍ ଲୋକଙ୍କୁ କାମ କରାଇ କାମ ନ କରିଥିବା ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପକାଯାଇ ହଡ଼ପ କରିବାକୁ ଉଦ୍ୟମ କରାଯାଇଥିଲା । ଏହି ଘଟଣା ବର୍ତ୍ତମାନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାତାରାତି ଜେସିବି ମାଧ୍ୟମରେ କାମ କରି ରାସ୍ତା ତିଆରି କରାଯାଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ପଞ୍ଚାୟତର ପିଠାପଡ଼ା ଠାରୁ ଟିଙ୍ଗିପଦର ଆରଡ଼ି ରାସ୍ତାରେ ସଂଯୋଗ ହେଉଥିବା ରାସ୍ତା କାମଟି ବ୍ଲକ ସମିତି ପାଣ୍ଠି ମନରେଗା ଯୋଜନାରେ ହେଉଥିବା ବେଳେ ବିନା ସୂଚନା ଫଳକରେ କାମ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । କାମଟି ମନରେଗା ଯୋଜନାରେ ମାଟି, ମୋରମ ଓ ମେଟାଲ ଥିବା ଇଣ୍ଟରନେଟ ଜରିଆରେ ବାହାର କରଯାଇଥିବା ତଥ୍ୟରେ ଦର୍ଶାଯାଇଛି । ହେଲେ ପ୍ରଥମରେ ମାଟି କାମ କରାଯାଇଥିବା ବେଳେ ୩୦ ଖୁଣ୍ଟି ମାଟି କାମକରି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଶ୍ରମିକ ମାନଙ୍କ ବ୍ୟାଙ୍କ ଖାତାରେ ପୈଠ କରି ଆତ୍ମସାତ କରାଯାଇଥିବା ଗାଁଲୋକଙ୍କଠାରୁ ପ୍ରକାଶ ପାଇଛି । ଗ୍ରାମର ବିପିନ ପ୍ରଧାନ, ହନ ବାଗ, ମୁଦିଆ ବାଗ, ଅକ୍ଷୟ ପ୍ରଧାନୀ ଏହି ଚାରି ଜଣ ଶ୍ରମିକ ମାଟି କାମ କରିଥିବା ବେଳେ ତାଙ୍କ ବ୍ୟାଙ୍କ ଖାତାରେ ଟଙ୍କା ନ ପଡ଼ି ମାଟି କାମ କରୁ ନ ଥିବା ଲୋକଙ୍କ ଖାତାରେ ଟଙ୍କା ପୈଠ କରି ଆତ୍ମସାତ କରାଯାଇଥିବା ଲୋକେ କହିଛନ୍ତି । ଗାଁ ସାଥିଙ୍କ ଆତ୍ମୀୟ ଲୋକଙ୍କ ନାରେ ଟଙ୍କା ପକାଇ ହରିଲୁଟ କରିବା ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।

ବିଜେଡ଼ି ପ୍ରାର୍ଥୀ ସଞ୍ଜୟ ଦାସଙ୍କ ପାଇଁ ତିନି ପୂର୍ବତନ ବିଧାୟକଙ୍କ ପ୍ରଚାର

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଧାମନଗର ବିଧାନସଭା ଆସନ ପାଇଁ ଏଥର ତିନି ଜଣ ଯୁବ ଚେହେରା ନିର୍ବାଚନ ମଇଦାନକୁ ଆସିଛନ୍ତି । କଂଗ୍ରେସର ରଞ୍ଜନ ବେହେରା ଓ ବିଜେଡ଼ିର ଡା. ସଞ୍ଜୟ ଦାସ ନବାଗତ ହୋଇଥିବା ବେଳେ ବିଜେପିର ସୂର୍ଯ୍ୟବଂଶୀ ସୁରଜ ଯୁବ ଚେହେରା ହେଲେବି ବାପା ବିଷ୍ଣୁ ସେଠୀଙ୍କ ଦେହାନ୍ତ ପରେ ସୂର୍ଯ୍ୟବଂଶୀ ୧୫ ମାସ ବିଧାନ ସଭାକୁ ଯାଇ ପୁଣି ଦ୍ୱିତୀୟ ଥର ବିଜେପିରୁ ପ୍ରାର୍ଥୀ ହୋଇ ନିର୍ବାଚନ ମଇଦାନ ଆସି ପ୍ରଚାରକୁ ଜୋରଦାର କରିଛନ୍ତି । ମାତ୍ର ବିଜେଡ଼ିର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସଙ୍କ ପାଇ ତାଙ୍କ ନିଜ ଗ୍ରାମାଞ୍ଚଳର ଦୁଇ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଓ ବିଜୟ ନାୟକ ଏବଂ ମୁକ୍ତିକାନ୍ତ ମଣ୍ଡଳ ପ୍ରଚାରର ମଙ୍ଗ ଧରିଛନ୍ତି । ଏହି ତିନି ପୂର୍ବତନ ବିଧାୟକଙ୍କ ଉଦ୍ୟମରେ ଶହ ଶହ ଅନ୍ୟ ଦଳର କର୍ମୀ ଦଳ ତ୍ୟାଗକରି ବିଜେଡିରେ ସାମିଲ ହେଉଛନ୍ତି । ରାଜ୍ୟ ରାଜନୀତିରେ ପ୍ରମୁଖ ଆସନ ମଧ୍ୟରେ ଏହି ଧାମନଗର ଆସନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ

କରୁଛି । ପ୍ରକାଶ ଥାଉ କି ବିରୋଧି ଦଳର ବରିଷ୍ଠ ନେତା ସ୍ୱର୍ଗତ ବିଷ୍ଣୁ ସେଠୀ ପୁଅ ସୂର୍ଯ୍ୟବଂଶୀ ସୂରଜ ବିଜେପିରୁ ଲଢୁଛନ୍ତି । ସେ ଗତ ୨୦୨୨ ମସିହା ଉପନିର୍ବାଚନରେ ଜିତିଥିଲେ ଏବଂ ଏଥର ଫୁଲ ଦମ୍‌ରେ ଲାଗି ପଡିଛନ୍ତି । ତାଙ୍କ ବିଜୟର ବାନା ବାନ୍ଧିବା ଲାଗି ବାହାର ରାଜ୍ୟର ବିଧାୟକ, କେନ୍ଦ୍ରମନ୍ତ୍ରୀ, ରାଷ୍ଟ୍ରୀୟ ଅଧକ୍ଷ ପ୍ରମୁଖ ଧାମନଗରରେ ପ୍ରଚାର କରୁଛନ୍ତି । ତେବେ ତୃଣମୂଳ ସ୍ତରରେ ବିଜେଡିର ଭୋଟ ଅଛି ଏବଂ ସଂଗଠନ ମଧ୍ୟ ଅଛି ଯାହାକୁ ପାଥେୟ କରି ପ୍ରାର୍ଥୀ ସଞ୍ଜୟ ଦାସ ନିର୍ବାଚନୀ ବୈତରଣୀ ପାର ହେବେ ବୋଲି ସଞ୍ଜୟ ବି ଆଶା ରଖିଛନ୍ତି । ଦଳର ପ୍ରମୁଖ ସମ୍ମାନ ଥିବା କାରଣରୁ ଏହି ଆସନରୁ ଡାକ୍ତର ସଞ୍ଜୟ ଦାସଙ୍କ ବିଜୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ତିନିଜଣ ପ୍ରାକ୍ତନ ବିଧାୟକଙ୍କ ସହିତ ଦୁଇଟି ବ୍ଲକ ଓ ପୌରାଞ୍ଚଳର ନେତା, ଛାମୁଆ ନେତା ଓ ଟାଣୁଆ କର୍ମୀମାନେ ଦୈନିକ ପ୍ରଚାରରେ ଲାଗି ପଡ଼ିଛନ୍ତି । ୨୦୦୯ ମସିହାରେ ଏହି ଆସନରୁ ବିଜେଡି ପ୍ରାର୍ଥି ରାଜେନ୍ଦ୍ର କୁମାର ଦାସ ୪୮, ୪୨୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ବିଷ୍ଣୁ ସେଠୀ ୪୩, ୪୮୦ ଖଣ୍ଡ ଏବଂ କଂଗ୍ରେସରୁ ତେତ୍ରାନନ୍ଦ ମଳିକ ମାତ୍ର ୨୯, ୮୪୪ ଖଣ୍ଡ ଭୋଟ ପାଇଥିଲେ । ୨୦୧୪ ମସିହାରେ ବିଜେଡି ପ୍ରାର୍ଥୀ ମୁକ୍ତି କାନ୍ତ ମଣ୍ଡଳ ୭୧, ୫୩୮ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ବିଷ୍ଣୁ ସେଠୀ ୬୨, ୩୪୬ ଖଣ୍ଡ ଏବଂ କଂଗ୍ରେସରୁ ହୃଦାନନ୍ଦ ସେଠୀ ମାତ୍ର ୧୨, ୦୪୬ ଖଣ୍ଡ ଭୋଟ ପାଇଥିଲେ । ତେବେ ୨୦୧୯ ମସିହାରେ ସ୍ଥିତି ବଦଳିଗଲା । ବିଜେପି ପ୍ରାଥ ବିଷ୍ଣୁ ସେଠୀ ୮୦, ୧୧୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର କୁମାର ଦାସ ୭୫,୪୮୬ ଖଣ୍ଡ ଏବଂ କଂଗ୍ରେସରୁ ବିଦ୍ୟାଧର ସେଠୀ ମାତ୍ର ୭,୩୦୩ ଖଣ୍ଡ ଭୋଟ ପାଇଥିଲେ । ତେବେ ଦୁଇଥର ପରାଜୟ କରିବା ପରେ ବିଷ୍ଣୁ ଧାମନଗର ବିଧାନ ସଭା ଗାଦି ମାଡ଼ି ବସିଥିଲେ । ତେବେ ୨୦୨୨ ମସିହାରେ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନରେ ତାଙ୍କ ପୁତ୍ର ସୂର୍ଯ୍ୟବଂଶୀ ସୂରଜ ବିଜୟ ହାସଲ କରିଥିଲେ । ବିଜେଡିର ଦୁର୍ବଳ ପ୍ରାର୍ଥୀ ଏବଂ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ ଦଳୀୟ ପ୍ରାର୍ଥିତ୍ୱରୁ ବଞ୍ଚିତ ହେବାପରେ ସ୍ୱାଧୀନ ଭାବେ ନିର୍ବାଚନ ମୈଦାନକୁ ଆସିବା ପରେ ବିଜେଡିର ଅବନ୍ତୀ ଦାସଙ୍କୁ ହାରିବାକୁ ପଡ଼ିଥିଲା । ତେବେ ଚଳିତ ନିର୍ବାଚନରେ ଯେପରି ବି ହେଉ ଧାମନଗର ଆସନଟି ଏଥର ବିଜେଡ଼ି ଅକ୍ତିଆରକୁ ନେବା ପାଇଁ ଦଳ ଆପ୍ରାଣ ଉଦ୍ୟମ କରିଛି । କାରଣ ଧାମନଗର ବିଧାନସଭା ଆସନଟି ତିହିଡ଼ି ଓ ଧାମନଗର ବ୍ଲକ୍ ଅଧୀନରେ ଏଠାରେ ଧାମନଗର ଓ ତିହିଡ଼ି ବ୍ଲକରେ ପଞ୍ଚାୟତ ସମିତିର ଅଧକ୍ଷା ଓ ଧାମନଗର ଏନଏସିର ଅଧକ୍ଷା ବିଜେଡ଼ି ହାତରେ ରହିଛି । କଂଗ୍ରେସ ସରକାର ପତନ ପରେ ଲଗାତାର ବିଜେଡ଼ି ହାତରେ ବିଧାୟକ ପଦବୀ ରହିଆସୁଥିଲା । ପରବର୍ତ୍ତୀ ସମୟରେ ବିଜେଡ଼ିର ଦଳୀୟ କନ୍ଦଳ ପାଇଁ ପାଞ୍ଚ ବର୍ଷ ବିଜେପି ହାତରେ ବିଧାୟକ ପଦବୀ ରହିଥିଲେ । ତେବେ ଏଥର ଧାମନଗରରେ ବିଜେଡ଼ିର କର୍ମୀ ଠାରୁ ନେତା ପର୍ଯ୍ୟନ୍ତ ସବୁ ଏକଜୁଟ୍ ହୋଇଛନ୍ତି । ଏପରିକି ବିଜେଡ଼ିର ତିନି ପୂର୍ବତନ ବିଧାୟକ ମାନେ ସଞ୍ଜୟଙ୍କ ପାଇଁ ପ୍ରଚାର କରୁଛନ୍ତି । ସଞ୍ଜୟ ବି ଏବେ ଦିନ ରାତି ଏକ କରି ଘରେ ଘରେ ବୁଲି ଭୋଟ ଭିକ୍ଷା କରି ଭୋଟରଙ୍କ ସମର୍ଥନ ଲୋଡୁଛନ୍ତି ।

ଏମ୍‌କେସିଜିରୁ ଦୂର ହେବ ବିଦ୍ୟୁତ୍ କାଟ ସମସ୍ୟା

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ଏମ୍‌କେସିଜି ମେଡ଼ିକାଲ୍ ଓ ହସ୍ପିଟାଲ୍‌ରେ ବିଦ୍ୟୁତ୍ କାଟ ସମସ୍ୟା ଦୂର ହେବ । ଏଣିକି ରୋଗୀଙ୍କୁ ଅନ୍ଧାରରେ ଚିକିତ୍ସା କରାଯିବ ନାହିଁ କିମ୍ବା ରୋଗୀ ଓ କର୍ମଚାରୀଙ୍କୁ ଗରମରେ ଛଟପଟ ହେବାକୁ ପଡ଼ିବ ନାହିଁ । ସେହିପରି ଖୁଣ୍ଟିରେ ଖଞ୍ଜା ଯାଇଥିବା ବିଦ୍ୟୁତ୍ ତାର ଜନିତ ବିପଦ ମଧ୍ୟ ରହିବ ନାହିଁ । ଏଥିପାଇଁ ଏମ୍‌କେସିଜି ପରିସରରେ ଭୂତଳ ବିଦ୍ୟୁତ୍ ତାର ବିଛା କାର୍ଯ୍ୟ ଆରମ୍ଭ ହୋଇଯାଇଛ । ଏମ୍‌କେସିଜି ମେଡ଼ିକାଲରେ ରୋଗୀ, ଡ଼ାକ୍ତର, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ମାଳମାଳ କୋଠା, ହଷ୍ଟେଲ୍ ଓ କ୍ୱାର୍ଟର ରହିଛି । ଏହି କୋଠାଗୁଡ଼ିକୁ ଖୁଣ୍ଟ ଦ୍ୱାରା ତାର ଟାଣି ବିଦ୍ୟୁତ୍ ସଂଯୋଗ କରାଯାଇଛି । ବର୍ଷା, ପବନ କିମ୍ବା କାଳବୈଶାଖୀ ହେଲେ ବିଦ୍ୟୁତ୍ ତାର ଛିଣ୍ଡିବା ଭୟରେ କିମ୍ବା ଖୁଣ୍ଟ ଉପୁଜିଯିବା ଭୟରେ ଏମ୍‌କେସିଜିରେ ବିଦ୍ୟୁତ କାଟ ହୋଇଥାଏ । ବିଦ୍ୟୁତ୍ କାଟ ହେବା ପରେ ଅଧିକାଂଶ କୋଠାରେ ଜେନେରେଟର ଦ୍ୱାରା ବିଦ୍ୟୁତ୍ ଯୋଗାଣ ହେଉଥିଲେ ମଧ୍ୟ କିଛି କୋଠାରେ ସେଭଳି ବ୍ୟବସ୍ଥା ନଥିବାରୁ କୋଠାଗୁଡ଼ିକ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥାଏ । ଯେଉଁଥିପାଇଁ

କିଛି ସ୍ଥାନରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ରୋଗୀ ସେବା ବ୍ୟାହତ ହୋଇଥାଏ । ଯେଉଁ କୋଠାରେ ଜେନେରେଟର ଖରାପ ଥାଏ ସେଠାରେ ଅନ୍ଧାରରେ ମଧ୍ୟ ଚିକିତ୍ସା କରାଯାଇଥାଏ । ପୂର୍ବରୁ ଏମ୍‌କେସିଜିରେ ଅନ୍ଧାରରେ ରୋଗୀ ଚିକିତ୍ସାର ଏକାଧିକ ଘଟଣା ସାମ୍ନାକୁ ଆସିସାରିଛି । ସେହିପରି ବିଦ୍ୟୁତ୍ କାଟ ହେବା ପରେ ଡ଼ାକ୍ତର ଓ କର୍ମଚାରୀଙ୍କ କ୍ୱାର୍ଟର ଅନ୍ଧାର ଘେରକୁ ଚାଲିଯାଇଥାଏ । ଅନ୍ୟପକ୍ଷରେ ଖୁଂଟ ଦ୍ୱାରା ବିଦ୍ୟୁତ୍ ତାର ବିଛା ଯାଇଥିବାରୁ ବିଦ୍ୟୁତ୍ ତାରଗୁଡ଼ିକ ଗଛରେ ଗୁଡ଼େଇ ହୋଇ ରହୁଛି । ଯାହା ବିଦ୍ୟୁତ୍ ଯୋଗାଣରେ ବେଳେବେଳେ ସମସ୍ୟା ସୃଷ୍ଟି କରୁଛି। ବର୍ଷା ଦିନ ପୂର୍ବରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସେହି ଗଛ ଡ଼ାଳଗୁଡ଼ିକ କାଟି ଲଣ୍ଡା କରି ଦିଆଯାଉଛି । ବର୍ଷ ବର୍ଷ ଧରି ବଢ଼ିଥିବା ଗଛର ଡ଼ାଳ କାଟିଦେବା ଯୋଗୁଁ ଏମ୍‌କେସିଜି ପରିସରରେ ଗରମ ଓ ଗୁଳୁଗୁଳି ମଧ୍ୟ ହେଉଛି । ଗଛ ଛାଇ ନ ପାଇ ରୋଗୀ ଓ ସମ୍ପର୍କୀୟମାନେ ଅସୁବିଧା ଭୋଗୁଛନ୍ତି । ଏହି ସବୁ ସମସ୍ୟାଗୁଡ଼ିକ ଦୂର କରିବା ପାଇଁ କିଛି ଦିନ ତେଳେ ଏମ୍‌କେସିଜିରେ ଭୂତଳ ବିଦ୍ୟୁତ୍ ତାର ବିଛାଇବାକୁ ଯୋଜନା ହୋଇଥିଲା । ଏଥିପାଇଁ ୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ତାର ବିଛାଇବା ପାଇଁ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା ଟେଣ୍ଡର ନେଇଛି । ସଂସ୍ଥା ପକ୍ଷରୁ ତାର ବିଛାଇବା ପାଇଁ ଏମ୍‌କେସିଜି ପରିସରରେ ଖୋଳା ଖୋଳି ଆରମ୍ଭ ହୋଇ ସାରିଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ମଇ ୨୦୨୪ ମଙ୍ଗଳବାର

ଓଡ଼ିଶାରେ ବିଜୁଳି ଦର ଅଧିକ ବୋଲି ବିଜେପିର ଦାବିକୁ ବିଜେଡିର ଦୃଢ଼ ଖଣ୍ଡନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ମୁଖପାତ୍ର ଡ଼ଃ ସଂତୃପ୍ତ ମିଶ୍ର ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଓଡ଼ିଶାରୁ ତାମିଲନାଡୁକୁ ଶସ୍ତାରେ ବିଜୁଳି ଯୋଗାଣର ଅଭିଯୋଗକୁ ଦୃଢ଼ ଖଣ୍ଡନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶାର ବିଜୁଳି ଦର ବିଜେପି ଶାସିତ ରାଜ୍ୟ ମାନଙ୍କ ବିଜୁଳି ଦର ଠାରୁ କମ ବୋଲି କହିବା ସହିତ ଡଃ ସଂତୃପ୍ତ ମିଶ୍ର ବିଭିନ୍ନ ରାଜ୍ୟର ତୁଳନାତ୍ମକ ବିଜୁଳି ଦର ପ୍ରଦାନ କରିଥିଲେ । ବିଜେପିର ଶୀର୍ଷ ନେତୃତ୍ୱ ଏହି ମିଥ୍ୟା ତଥ୍ୟ ଉଦ୍ଦେଶ୍ୟମୂଳକ ଭାବେ ପରିବେଷଣ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ କିଛି ଭୋଟ ହାତେଇବାକୁ ପ୍ରୟାସ କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଥିଲେ । ଡଃ ମିଶ୍ର କହିଥିଲେ, ଓଡ଼ିଶାରେ ବିଜୁଳି ଉତ୍ପାଦନ ମୁଖ୍ୟତଃ ପବ୍ଲିକ ସେକ୍ଟର ଅଣ୍ଡରଟେକିଙ୍ଗ ସଂସ୍ଥା ଯଥା ଏନଟିପିସି ଦ୍ୱାରା କରାଯାଇଥାଏ । ଭାରତ ସରକାରଙ୍କ ନିୟମ ଅନୁଯାୟୀ

ରାଜ୍ୟରେ ଉତ୍ପାଦିତ ହେଉଥିବା ବିଜୁଳି ମଧ୍ୟରୁ ବଳକା ବିଜୁଳି ଜାତୀୟ ଗ୍ରୀଡ଼କୁ ପ୍ରଦାନ କରା ଯାଇଥାଏ ଓ ସେଣ୍ଟ୍ରାଲ ଇଲେକଟ୍ରିସିଟି ରେଗୁଲେଟରୀ କମିସନ (ସି.ଇ.ଆର.ସି) ଏହାକୁ ବିଭିନ୍ନ ବିଦ୍ୟୁତ ନିଅଣ୍ଟ ରାଜ୍ୟକୁ ସେମାନଙ୍କ ଚାହିଦା ଅନୁଯାୟୀ ପ୍ରଦାନ କରିଥାଏ । ଏହି ସଂସ୍ଥା ଦ୍ୱାରା ବିଦ୍ୟୁତ ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରା ଯାଇଥାଏ । ଓଡ଼ିଶାରେ ଏନଟିପିସି ମାଧ୍ୟମରେ ପ୍ରାୟ ୪୬୦୦ ୟୁନିଟ ବିଜୁଳି ଉତ୍ପାଦନ ହେଉଥିବା ବେଳେ, ଓଡ଼ିଶାକୁ ମାତ୍ର ୧୩୫୮ ୟୁନିଟ ବିଜୁଳି ମିଳିଥାଏ ଓ ବଳକା ବିଜୁଳି ସିଇଆରସି ମାଧ୍ୟମରେ ଅନ୍ୟ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥାଏ । କେଉଁ ରାଜ୍ୟକୁ କେତେ ବିଜୁଳି ଦିଆଯିବ ଓ ଏହାର ୟୁନିଟ ପିଛା ମୂଲ୍ୟ କେତେ ରହିବ ତାହା ସିଇଆରସି ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ, ବିଜେପିର ଶୀର୍ଷ ନେତୃତ୍ୱଙ୍କ କରାଯାଇଥିବା ଅଭିଯୋଗ ଯଥା, ଓଡ଼ିଶା ଦ୍ୱାରା ତାମିଲନାଡୁକୁ ଶସ୍ତା ଦରରେ ବିଜୁଳି ଯୋଗାଣ, କେବଳ ମିଥ୍ୟା ଓ କପୋଳକଳ୍ପିତ ନୁହେଁ ବରଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ । ଜାଣି ଶୁଣି ନିର୍ବାଚନୀ ସଭାରେ ଏପରି ମିଥ୍ୟା ତଥ୍ୟ ପ୍ରଦାନ କରି କିଛି ଭୋଟ ହାତେଇବାର ସେମାନଙ୍କର ଉଦ୍ଦେଶ୍ୟ ବୋଲି ଏଥିରୁ ସ୍ପଷ୍ଟ ଅନୁମେୟ । ଡଃ ମିଶ୍ର ଆହୁରି କହିଥିଲେ ଯେ, ଓଡ଼ିଶାରେ ଲାଗୁ ହୋଇଥିବା ବିଜୁଳି ଦର ବିଜେପି ଶାସିତ ରାଜ୍ୟମାନଙ୍କ ତୁଳନାରେ କମ । ଓଡ଼ିଶାରେ ପ୍ରତି ୟୁନିଟ ବିଜୁଳି ୪ ଟଙ୍କା ୬୨ ପଇସାରେ ମିଳୁଥିବା ବେଳେ ମଧ୍ୟପ୍ରଦେଶରେ ଏହା ୫ ଟଙ୍କା ୭୩ ପଇସାରେ, ଆସାମରେ ଏହା ୭ ଟଙ୍କା ୮୦ ପଇସାରେ, ରାଜସ୍ଥାନରେ ଏହା ୮ ଟଙ୍କା ୩୮ ପଇସାରେ, ବିହାରରେ ଏହା ୯ ଟଙ୍କା ୮୭ ପଇସାରେ, ମହାରାଷ୍ଟ୍ରରେ ଏହା ୬ ଟଙ୍କା ୭୪ ପଇସାରେ ଓ ଉତ୍ତରପ୍ରଦେଶରେ ଏହା ୯ ଟଙ୍କା ୮୮ ପଇସାରେ ମିଳୁଛି । ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାରେ ଦ୍ରୁତ ଗତିରେ ଶିଳ୍ପାୟନ ହେଉଥିବାରୁ ଓଡ଼ିଶାର ବିଜୁଳି ଆବଶ୍ୟକତା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ବର୍ଦ୍ଧିତ ବିଜୁଳି ଆବଶ୍ୟକତାକୁ ପୂରଣ କରିବା ପାଇଁ ଓଡ଼ିଶା ସରକାର କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ନିକଟରେ ଦାବି ଜଣାଇ ଆସୁଛନ୍ତି । ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଉତ୍ପାଦିତ ହେଉଥିବା ବିଜୁଳି ଓ ଏଥିରେ ବ୍ୟବହାର ହେଉଥିବା କୋଇଲା ଉତ୍ପାଦନ ସମୟରେ ଓଡ଼ିଶାର ପରିବେଶ ପ୍ରଦୂଷିତ ହେଉଥିବାରୁ, ଉତ୍ପାଦିତ ହେଉଥିବା ବିଜୁଳି ଉପରେ ଓଡ଼ିଶାର ଅଧିକାର ରହିଛି ବୋଲି କେନ୍ଦ୍ରକୁ ଦିଆଯାଇଥିବା ଚିଠିରେ ଓଡ଼ିଶା ତରଫରୁ ଉଲ୍ଲେଖ କରାଯାଇଛି ।

ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ସନ୍ଧ୍ୟା ଓ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଶିଷ୍ଟ ନାଟ୍ୟକାର, କଳାକାର, ନିର୍ଦ୍ଦେଶକ ଓ ସଂଗଠକ ଓ ସୃଜନୀ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ତୃତୀୟ ପୁଣ୍ୟତିଥି ଅବସରରେ ସ୍ମୃତି ସନ୍ଧ୍ୟା ଓ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଅଛି । ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଭୁପିନ୍ଦର୍ ସିଂ ଯୋଗଦେଇ କଳା ଓ ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ପ୍ରଶଂସନୀୟ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଲେଖକ ରାଧା ମୋହନ ମହାପାତ୍ର ଯୋଗଦେଇ ସଂସ୍କୃତି କ୍ଷେତ୍ରରେ ତାଙ୍କର ଅସାଧାରଣ ନିଷ୍ଠା, ସାଧନା, ସଂକଳ୍ପ ସମ୍ପର୍କରେ କହିଥିଲେ । ସୃଜନୀର ଉପସଭାପତି ନୃସିଂହ ମହାପାତ୍ର, ପ୍ରସନ୍ନ ରଥ, ପଞ୍ଚମ ବେଦର ସଭାପତି ହରେନ୍ ସାହୁ, ବିଶିଷ୍ଟ ନାଟ୍ୟକାର ଡଃ. ଉପେନ୍ଦ୍ର ନାୟକଙ୍କ ସହ ରାଧାନାରାୟଣ ଫାଉଣ୍ଡେସନ୍‌ର ସଭାପତି ମାନସ

ରଞ୍ଜନ ରାୟ ମହାପାତ୍ର ଓ ତପସ୍ୟା ଫାଉଣ୍ଡେସନ୍‌ର ସଭାପତି ତପନ କୁମାର ପଣ୍ଡା ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ, ନାଟ୍ୟକଳାକାର ଓ ନାଟ୍ୟ ନିର୍ଦ୍ଦେଶକମାନେ ଯୋଗଦେବା ସହିତ ସ୍ରଷ୍ଟାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ସନ୍ଧ୍ୟାରେ ଯୋଗଦେଇଥିବା ବ୍ୟକ୍ତିବିଶେଷଙ୍କୁ ଶ୍ରୀ ରାୟମହାପାତ୍ରଙ୍କ ଲିଖିତ ପୁସ୍ତକ ବଣ୍ଟନ ହେବା ସହିତ ସର୍ଗତ ସ୍ରଷ୍ଟାଙ୍କ ଜୀବନୀ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ରାଧାନାରାୟଣ ଫାଉଣ୍ଡେସନ୍ ତରଫରୁ ନାରାୟଣ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ବିଶିଷ୍ଟ ସ୍ତମ୍ଭକାର ଲେଖକ ସିଦ୍ଧାର୍ଥ କାନୁନ୍‌ଗୋ ଓ ବିଶିଷ୍ଟ ଭାଷାବିତ୍ ତଥା କବି ଓ ଲେଖକ ଡଃ ଦେବାଶିଷ୍ ମହାପାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା । ଟ୍ରଷ୍ଟର ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ର 'ରାଧା-ନାରାୟଣ ଫାଉଣ୍ଡେସନ୍'ର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିବରଣୀ ଦେବା ସହିତ ଟ୍ରଷ୍ଟର ଅଗ୍ରଗତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଟ୍ରଷ୍ଟର ଉପଦେଷ୍ଟା ଜୟାଶିଷ ରାୟ ଓ ସୂର୍ଯ୍ୟନାରାୟଣ ଦାସ ସ୍ରଷ୍ଟାଙ୍କ ଜୀବନୀ ଉପରେ ଆଲୋଚନା କରିବା ସହିତ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରଶ୍ମି ମହାନ୍ତି, ରେଖା ମହାନ୍ତି, ଦୀପ୍ତି ଦାସ, ତୃପ୍ତି ମହାନ୍ତିଙ୍କ ସହ ଶଶିପ୍ରଭା ଦାସ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଅନିଲ୍ କୁମାର ପଣ୍ଡା ଓ ଅରୁଣ ମଲ୍ଲିକ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରାଧାନାରାୟଣ ଫାଉଣ୍ଡେସନ୍ ଓ ସୃଜନୀର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଭୋଟ୍

ଜୟଦେବରେ ସର୍ବାଧିକ ୮୦.୭୭% ମତଦାନ

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୬୪.୪୯ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିବା ଜଣାପଡ଼ିଛି । ଏହି ସଂସଦୀୟ କ୍ଷେତ୍ର ଅଧିନରେ ଥିବା ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଜୟଦେବରେ ସର୍ବାଧିକ ୮୦.୭୭ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ଼ କରାଯାଇଛି । ସେହିପରି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ୫୧.୨୩%, ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ୫୩.୯୩%, ଏକାମ୍ର-ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ୫୬.୪୨%, ଜଟଣୀ ନିର୍ବାଚନ ମଣ୍ଡଳୀରେ ୭୦.୧୯%, ବେଗୁନିଆ ନିର୍ବାଚନ ମଣ୍ଡଳୀରେ ୭୧.୯୬% ଏବଂ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ୭୨.୭୫ ପ୍ରତିଶତ ମତଦାନ ହୋଇଛି । ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସୂତ୍ରରୁ ଏହି ସୂଚନା ମିଳିଛି ।

ଭୁବନେଶ୍ୱର : ଭଞ୍ଜକଳା ମଣ୍ଡପରେ ସାଂସ୍କୃତିକ ସନ୍ଧ୍ୟା ନୃତ୍ୟ ବିଳାସରେ ଶ୍ରୀ ଡ୍ୟାନ୍ସ ଏକାଡ଼େମୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ । (ଫଟୋ : ସମ୍ବାଦ କଳିକା)

ନିଆଳିରେ ପ୍ରଭୁ ଶିବଙ୍କ ମନ୍ଦିରର ଶିଳାନ୍ୟାସ

ନିଆଳି, ନ୍ୟୁଜ୍‌ବ୍ୟୁରୋ

ନିଆଳି ଅଲଣା ପଞ୍ଚାୟତ ଅଫିସ ପାଖ ନଦୀକୂଳରେ ଏକ ବୃହତ୍ ଶିବମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଅନନ୍ତ ସେବା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଦ୍ଧ ପୁରୁଷ ବାବା ଅଭିରାମ ସରସ୍ୱତୀ ଯୋଗ ଦେଇ ଶିଳାନ୍ୟାସ କରିବା ସହ ଏଠାରେ ଏକଲକ୍ଷ ଏକହଜାର ଶହେ ଆଠ ଶିବଲିଙ୍ଗ ସ୍ଥାପନ କରିବା ସହ ଏକଲକ୍ଷ ଏକହଜାର ଶହେ ଆଠ ବେଲ ବୃକ୍ଷ ରୋପଣ କରିବେ ବୋଲି ଜଣାଯାଇଛି । ଏଠାରେ ଏକ ସ୍କୁଲ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲାପାଳ କିଶୋର ମହାନ୍ତି, ସ୍ଥାନୀୟ ନେତା ପ୍ରଭାତ ଭୂୟାଁ, କୈଳାଶ ଚନ୍ଦ୍ର ଦାଶ, ଅନିରୁଦ୍ଧ ରାଉତ, ସୁକାନ୍ତ ଦାସ, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ । ସିଦ୍ଧ ପୁରୁଷ ବାବା ଅଭିରାମ ସରସ୍ୱତୀ କହିଥିଲେ- ଆଜି

ଆମର ଏଇଠି ଅକ୍ଷିତୃତୀୟାରେ ଭୂମିପୂଜନ କରାଗଲା । ଭୂମିପୂଜନ କରିବାର ମହତ୍ ଉଦ୍ଦେଶ୍ୟ ହେଉଛି ପ୍ରାଚୀ ନଦୀକୁ ସୁରକ୍ଷା ଦେବାପାଇଁ ଆମେ ସମସ୍ତେ ଗ୍ରାମବାସବୃନ୍ଦ ଅଣ୍ଟା ଭିଡ଼ିଛୁ । ଆମର ଅଲଣା ପଞ୍ଚାୟତ, ଅଡ଼ଙ୍ଗା, ଅପୂଜା, ବିଳାସପୁର, ମହଙ୍ଗ, ବାହାରଣା ଏବଂ ଆଖପାଖରୁ ଆହୁରି ଅନେକ ଗ୍ରାମର ଜନସାଧାରଣ ମିଶି ଏହି କାର୍ଯ୍ୟ କରିବାକୁ ଯାଉଛୁ । ତେବେ ଆଗକୁ ଈଶ୍ୱରଙ୍କ ଇଚ୍ଛା । ଆମେ ତ ନିମିତ୍ତମାତ୍ର । ଏହି ଅଞ୍ଚଳରେ ଆମେ ଲକ୍ଷାଧିକ ବେଲ ଗଛ, ବଉଳ ଗଛ, ରୁଦ୍ରାକ୍ଷ ଗଛ ଲଗାଇବୁ । ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତକୁ ଗ୍ରୀନ୍ ଏରିଆ କରିବୁ । ଗ୍ରାମଗୁଡ଼ିକର ଶ୍ମଶାନ ପାଖରେ ମଧ ପାଞ୍ଚ ହଜାର ଲେଖାଏଁ ଗଛ ଲଗାଇବୁ । ପ୍ରକୃତିର ସୁରକ୍ଷା ସହ ଲୋକମାନଙ୍କ ମଧ୍ୟରେ ଆଧାତ୍ମିକତାର ବିକାଶ ପାଇଁ ସବୁପ୍ରକାର ଚେଷ୍ଟା ଜାରି ରହିବ ବୋଲି ବାବା ଅଭିରାମ ସରସ୍ୱତୀ କହିଥିଲେ । ଏପରି ଏକ ମହତ୍ କାର୍ଯ୍ୟକୁ ସାଧାରଣ ଜନତା ପ୍ରବଳ ଉତ୍ସାହର ସହିତ ସ୍ୱାଗତ କରୁଥିବାର ଜଣାଯାଇଛି ।

ବୌଦ୍ଧରେ ଚନ୍ଦନ ଯାତ୍ରା ଅନୁଷ୍ଠିତ

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ପବିତ୍ରବୈଶାଖ ପୂର୍ଣ୍ଣିମା ଅବସରରେ ବୌଦ୍ଧ ସହରରେ ଗୁରୁବାର ସନ୍ଧ୍ୟାରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଡ଼ଠାକୁର ଶ୍ରୀଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମାକୁ ସ୍ୱତନ୍ତ୍ର ବିମାନ ଯୋଗେ ଗୁରୁବାର ସନ୍ଧ୍ୟାରେ ସହର ପରିକ୍ରମା କରାଯାଇ ଥିଲା । ଏହା ପରେ ମହାନଦୀର ଜଳରେ ଚାପଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ସହିତ ହରିଗୁଡ଼ି, ମଦନ ମୋହନ ଠାକୁରଙ୍କ ବିଜେ ପ୍ରତିମାକୁ କାନ୍ଧରେ ଧରି ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ବିମାନରେ ସହର ପରିକ୍ରମା କରିଥିଲେ । ଏହାପରେ ଶ୍ରଦ୍ଧାଳୁମାନେ ମହାନଦୀରେ ପ୍ରଭୁଙ୍କୁ ଚାପ ଖେଳାଇ ଥିଲେ । ପୂର୍ଣ୍ଣିମୀ ଥିବାରୁ ଜହ୍ନ ଆଲୁଅରେ ପ୍ରଭୁଙ୍କ ଚାପ ଖେଳ ମନୋମୁଗ୍ଧକର ହୋଇଥିଲା । ଏହି ଚାପଖେଳକୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରି ପ୍ରଭୁକୃପା ଲାଭ କରିଥିଲେ ।

ସମ୍ ହସ୍ପିଟାଲରେ ୨୧ ମାସର ବ୍ରେନ୍‌ଡେଡ୍ ଶିଶୁର ଅଙ୍ଗ ପ୍ରତ୍ୟାରୋପଣ ପାଇଁ ପଠାଗଲା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ନିଜର ୨୧ ମାସର ଶିଶୁ ପୁତ୍ର ବ୍ରେନ୍‌ଡେଡ୍ ଘୋଷଣା ହେବା ପରେ ମହାନତା ଦେଖାଇଛନ୍ତି ତା'ର ପିତା ମାତା । ଦୁଃଖରେ ଭାଙ୍ଗିପଡ଼ିଛନ୍ତି ସତ, କିନ୍ତୁ ନିଜ ପୁଅର ଅଙ୍ଗ ପ୍ରଦାନ କରି ଅନ୍ୟ କାହାର ଜୀବନ ରକ୍ଷା କରିବାର ଉଦାରତା ଦେଖିବାକୁ ମିଳିଛି ଏହି ଦୁଃଖୀ ପିତାମାତାଙ୍କ ପାଖରେ । ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲରେ ବ୍ରେନ୍‌ଡେଡ୍ ହୋଇଥିବା ଏହି ଶିଶୁର ଅଙ୍ଗଦାନର ନିଷ୍ପତ୍ତି ନେଇ ଅନ୍ୟ ଦୁଇ ଜଣଙ୍କର ଜୀବନ ରକ୍ଷା କରାଯାଇ ପାରିଛି । ୨୦୨୨ ମସିହା ଜୁଲାଇ ମାସରେ ଜନ୍ମହୋଇଥିବା ଶିଶୁଟିର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବା ସହ ସେ ଅସୁସ୍ଥ ହୋଇପଡ଼ିଥିଲା । ସେ ଅନେକ ଥର ହସ୍ପିଟାଲ୍ ଆସିବା ସହ ଚିକିତ୍ସିତ ହୋଇ ପୁଣି ଘରକୁ ଫେରୁଥିଲା ବୋଲି ସମ୍ ହସ୍ପିଟାଲର ଶିଶୁ ରୋଗ ବିଭାଗର ପ୍ରଫେସର ଡାକ୍ତର ଦେବସ୍ମିତା ରଥ କହିଛନ୍ତି । ଶିଶୁଟି ୧୫ ଦିନ ତଳେ ମେନିନ୍‌ଜାଇଟିସ୍‌ରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲା । ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ଦିନ ସେପ୍ଟିକ୍ ସକ୍ ହେବା ପରେ ଶିଶୁଟିକୁ ବ୍ରେନ୍‌ଡେଡ୍ ଘୋଷଣା କରାଯାଇଥିଲା । ଶିଶୁଟି ବ୍ରେନ୍‌ଡେଡ୍ ହୋଇଯିବା ପରେ ତା'ର ଚିତ୍ରକର ପିତାମାତା ଗୌରୀଶଙ୍କର ପାଣିଗ୍ରାହୀ ଓ ଶର୍ମିଷ୍ଠା ପାଣିଗ୍ରାହୀ ତା'ର ଅଙ୍ଗଗୁଡ଼ିକୁ ପ୍ରତ୍ୟାରୋପଣ ପାଇଁ ଅପେକ୍ଷାରତ ଥିବା ଅନ୍ୟ ରୋଗୀମାନଙ୍କୁ ପ୍ରଦାନ କରି ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ)କୁ ଏହି ସୂଚନା ଦେବା ସହ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନ୍ୟାସନାଲ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ନୋଟୋ)କୁ ଯୋଗାଯୋଗ କରିଥିଲେ । ଶିଶୁଟିର ଲିଭରକୁ ନୂଆଦିଲ୍ଲୀ ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ ଲିଭର ଆଣ୍ଡ ବିଲିଆରି ସାଇନସେସ୍ (ଆଇଏଲବିଏସ)ରେ ଚିକିତ୍ସିତ ହେଉଥିବା ଜଣେ ଶିଶୁର ଶରୀରରେ ପ୍ରତ୍ୟାରୋପଣ ପାଇଁ ପଠାଯାଇଥିବା ବେଳେ ଦୁଇଟି କିଡ୍‌ନୀକୁ ରାଜଧାନୀର ଏକ ହସ୍ପିଟାଲ୍‌ରେ ଆଉ ଜଣେ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯିବ । ଭୁବନେଶ୍ୱର ଏମ୍ସର ଏକ ଡାକ୍ତରୀ ଟିମ୍ ଶିଶୁଟିର ଶରୀରରୁ ଲିଭରଟିକୁ କାଢ଼ି ଥିବାବେଳେ ଏଥି ନିମନ୍ତେ ପୋଲିସ୍ ହସ୍ପିଟାଲରୁ ବିମାନବନ୍ଦର ଯିବା ରାସ୍ତାରେ ଏକ ଗ୍ରୀନ କରିଡର ପ୍ରସ୍ତୁତ କରିଥିଲା । ଆଇଏମଏସ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ (ଇନଚାର୍ଜ) ପ୍ରଫେସର (ଡାକ୍ତର) ରଚିତା ଷଡ଼ଙ୍ଗୀ କହିଛନ୍ତି ଯେ ଓଡ଼ିଶାରେ ପ୍ରଥମ ଥର ପାଇଁ ଏତେ ଛୋଟ୍ ଶିଶୁର ଅଙ୍ଗ କଢ଼ାଯାଇ ଅନ୍ୟ କାହାର ଜୀବନ ବଞ୍ଚାଇବା ନିମନ୍ତେ ପ୍ରତ୍ୟାରୋପଣ ପାଇଁ ପଠାଯାଇଛି । ଦୁଃଖରେ ଭାଙ୍ଗିପଡ଼ିଥିବା ଶିଶୁର ମାଆ ଶର୍ମିଷ୍ଠା କହିଛନ୍ତି ଯେ ଯଦିଓ ତାଙ୍କ ପୁଅ ତାଙ୍କ କୋଳରେ ନାହିଁ, କିନ୍ତୁ ଅନ୍ୟ କାହାର ଶରୀରରେ ତାଙ୍କ ପୁଅର ଅଙ୍ଗ ପ୍ରତ୍ୟାରୋପଣ କରାଗଲେ ଶିଶୁଟିକୁ ସେମାନେ ବଞ୍ଚିଥିବାର ଦେଖିପାରିବେ । ଆଇଏମଏସ ଆଣ୍ଡ ସମ୍ ହସ୍ପିଟାଲରେ ୨୦୨୨ ପରଠାରୁ ତୃତୀୟ ଥର ପାଇଁ ବ୍ରେନ୍‌ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗ କଢ଼ାଯାଇ ପ୍ରତ୍ୟାରୋପଣ ପାଇଁ ବାହାରକୁ ପଠାଯାଇଥିବା ବେଳେ ଗତ ଏକ ବର୍ଷ ମଧ୍ୟରେ ସମ୍ ଅଲ୍ଟିମେଟ୍ ମେଡିକେୟାରରେ ମଧ୍ୟ ଦୁଇ ଜଣ ବ୍ରେନ୍‌ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗ କଢ଼ାଯାଇ ଅନ୍ୟ ସହର ଗୁଡ଼ିକରେ ପ୍ରତ୍ୟାରୋପଣ ପାଇଁ ପଠାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କେନ୍ଦ୍ରାପଡ଼ା ଓ ଜଗତସିଂହପୁର...

ଦଳ ବାହାରୁ ବହୁତ ନେତା ଆଣୁଛନ୍ତି, ବଡ଼ ବଡ଼ ନେତା ଆଣୁଛନ୍ତି । ଯେତେ ବଡ଼ ବଡ଼ ନେତା ବାହାରୁ ଆଣିଲେ ମଧ୍ୟ କେନ୍ଦ୍ରାପଡ଼ାରେ କିଛି ପ୍ରଭାବ ପଡ଼ିବନାହିଁ ବୋଲି ସେ ଦୃଢ଼ ସ୍ୱରରେ କହିଥିଲେ । କେନ୍ଦ୍ରାପଡ଼ା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଓ ପରିଶ୍ରମ ବିଷୟରେ ବର୍ଣ୍ଣନା କରି ସେ କହିଲେ ଯେ, କେନ୍ଦ୍ରାପଡ଼ା ପାଇଁ ମୁଖ୍ୟମନ୍ତ୍ରୀ ଭାରତବର୍ଷର ସବୁଠୁ ଅଧିକ ବିଦେଶୀ ପୁଞ୍ଜିନିବେଶ ଆଣିଛନ୍ତି । ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିଛନ୍ତି । ବହୁତ କଠିନ ପରିଶ୍ରମ କରି ଆଣିଛନ୍ତି । ଏଥିପାଇଁ ଜାପାନର 'ନିପନ' କମ୍ପାନୀ ସହ କଥାବାର୍ତ୍ତା କରିବାକୁ ଯିବା ସମୟରେ ମୁଖ୍ୟମନ୍ତ୍ରୀ ବହୁତ କଷ୍ଟ ସ୍ୱୀକାର କରିଥିଲେ । ସିଙ୍ଗାପୁରରୁ ଜାପାନ ଯିବା ସମୟରେ ଭଲ ସିଟ୍ ମିଳି ନ ଥିଲା ବିମାନରେ, ପରେ ଯିବା ପାଇଁ କହିଥିଲୁ । କିନ୍ତୁ ମୁଖ୍ୟମନ୍ତ୍ରୀ ରାଜି ହୋଇନଥିଲେ । ଯେହେତୁ 'ନିପନ' ଗ୍ରୁପ୍ ସହିତ ଭେଟହେବାର ଥିଲା, ଅସୁବିଧା ସତ୍ତ୍ୱେ ୮ ଘଣ୍ଟା ଗୋଡ଼ଜାକି କରି ଯାଇଥିଲେ । ଜାପାନରେ ୩-୪ ଦିନ ଭିତରେ ପ୍ରାୟ ୧୦୦ ଥର କେନ୍ଦ୍ରାପଡ଼ା କଥା ଉଠାଇଥିଲେ ମୁଖ୍ୟମନ୍ତ୍ରୀ । ଏଥିରୁ ଆପଣ ଜାଣନ୍ତୁ କେନ୍ଦ୍ରାପଡ଼ା ପ୍ରତି ତାଙ୍କର କେତେ ପ୍ରତିବଦ୍ଧତା । ପୂର୍ବତନ ସାଂସଦଙ୍କୁ କଡ଼ା ଜବାବ ସେ କହିଲେ ଯେ, ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାର ବିଜେପି ସାଂସଦ ପ୍ରାର୍ଥୀଙ୍କୁ ୨ ଥର ଲୋକସଭା ଓ ଥରେ ରାଜ୍ୟସଭାକୁ ପଠାଇଥିଲେ । ସାଂସଦ ହେବା ଆଗରୁ ତାଙ୍କର ପାରିବାରିକ କମ୍ପାନୀର ସ୍ଥିତି କ'ଣ ଥିଲା ? ସାଂସଦ ହେବା ପରେ ତାଙ୍କ କମ୍ପାନୀର ବହୁତ ଲାଭ ହୋଇଛି । ସାଂସଦ ହେବା ପରେ ସେ ନିଜ ପାଇଁ ଲାଗିଲେ ଓ ନିଜ କମ୍ପାନୀର ଲାଭ ପାଇଁ ଲାଗିଲେ । କମ୍ପାନୀ ପାଇଁ ରେଲୱେ ସାଇଡ଼ିଂ ଆଣିଲେ । କିନ୍ତୁ କେନ୍ଦ୍ରାପଡ଼ାକୁ ରେଲୱେ ଆଣିବାକୁ ଭୁଲିଗଲେ । ଫାଇନାନ୍ସ କମିଟିର ସଦସ୍ୟ ଭାବେ ନିଜ କମ୍ପାନୀର ଲୋନ ଛାଡ଼୍ କଲେ । ସେ ଚାହୁଁଥିଲେ ଫାଇନାନ୍ସ କମିଟିର ଅଧ୍ୟକ୍ଷ ହେବାପାଇଁ । କିନ୍ତୁ ମୁଖ୍ୟମନ୍ତ୍ରୀ ଅନୁଭବ କଲେ ସେ ତାଙ୍କ ନିଜସ୍ୱ ଲାଭ ପାଇଁ ଏହା ଚାହୁଁଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେହି ଦିନଠାରୁ ମୁଖ୍ୟମନ୍ତ୍ରୀଙ୍କ ଉପରେ କ୍ରୋଧାନ୍ୱିତ ହୋଇ ବିଭିନ୍ନ ଗୁଜବ ସୃଷ୍ଟି କଲେ । ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ସୃଷ୍ଟି କଲେ । ଏପରିକି ବିଭିନ୍ନ କେନ୍ଦ୍ରମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ତାଙ୍କ ଦେହ ଖରାପ ବିଷୟରେ ପଚାରିଥିଲେ । ସମସ୍ତେ କହିଥିଲେ ଯେ ଆମକୁ କେନ୍ଦ୍ରାପଡାର ଜନୈକ ପୂର୍ବତନ ସାଂସଦ ଆପଣଙ୍କ ଦେହ ଖରାପ ବିଷୟରେ କହିଛନ୍ତି । ସେ ମଧ୍ୟ ତାଙ୍କ ନିଜସ୍ୱ ଚ୍ୟାନେଲରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଗୁଜବ ପ୍ରସାରଣ କଲେ । ତାଙ୍କର ଲୋଭ ଥିଲା ମୁଖ୍ୟମନ୍ତ୍ରୀ ସିଟ୍ । ଏଥିରୁ ଜାଣନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସେ କିଭଳି ବିଶ୍ୱାସଘାତକତା କରିଛନ୍ତି । ଏଭଳି ଲୋକଙ୍କୁ ଆପଣ ଭୋଟ ଦେବେ କି ? ବିଜୁବାବୁଙ୍କ କର୍ମଭୂମି ଥିଲା ଏହି କେନ୍ଦ୍ରାପଡ଼ା ମାଟି । କେନ୍ଦ୍ରାପଡ଼ାର ବିକାଶ ପାଇଁ ବହୁତ କାମ କରିଥିଲେ । ବାହାରୁ ବଡ଼ ବଡ଼ ନେତା ଆସିବେ ମିଛ କଥା କହିବେ, ଅପପ୍ରଚାର କରିବେ । ସେମାନଙ୍କ କୁମ୍ଭୀର କାନ୍ଦଣାର ଆପଣମାନେ ଉଚିତ ଜବାବ୍ ଦିଅନ୍ତୁ । ସେ ପୁଣି କହିଲେ ଯେ, ଆପଣମାନଙ୍କ ଓ ବଳଦେବଜୀଉଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେବେ । ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼୍ କରିବେ । ଦ୍ୱିତୀୟ ଦସ୍ତଖତରେ ସମସ୍ତଙ୍କୁ ବି.ଏସ୍.କେ.ୱାଇରେ ସାମିଲ କରିବେ । ତୃତୀୟ ଦସ୍ତଖତରେ ମିଶନଶକ୍ତି ସଦସ୍ୟାମାନଙ୍କୁ ୬୦ ବର୍ଷ ପରେ ପେନସନ୍ ସୁବିଧା ଦେବେ । କେନ୍ଦ୍ରାପଡ଼ା ମିଶନଶକ୍ତି ଫେଡେରେସନ ବହୁତ ଭଲ କାମ କରୁଛି । ଚତୁର୍ଥ ଦସ୍ତଖତରେ କଲେଜ ପିଲାମାନଙ୍କୁ ସଂଶୋଧିତ ନୂଆ-ଓ ସ୍କଲାରସିପ୍ ଦେବେ, ଝିଅ ପାଇବେ ୧୪ ହଜାର, ପୁଅ ପାଇବେ ୧୨ ହଜାର ଟଙ୍କା । ମୁଖ୍ୟମନ୍ତ୍ରୀ ଏତେ ଭଲ କାମ କରୁଛନ୍ତି ଯେ, ଯେତେ ବାହାର ନେତା ଆସି ଅପପ୍ରଚାର କଲେ ସେମାନେ ଜିତିବେ ନାହିଁ ବୋଲି ସେ କହିଥିଲେ । ସେ କହିଥିଲେ ଯେ, ସାରା ଭାରତବର୍ଷରେ ଏକ ନମ୍ବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶାକୁ କେବଳ ନବୀନ ପଟ୍ଟନାୟକ ହିଁ ଏକ ନମ୍ବର କରିବେ । ପାରାଦ୍ୱୀପ ଓ ଜଗତସିଂହପୁରରେ ବିଜେପିର ମିଛ ପ୍ରତିଶ୍ରୁତିକୁ ଧରା ପକେଇ ସେ କହିଲେ ଯେ, ବିଜେପି ଦଳ ମେନିଫେଷ୍ଟୋରେ ଲେଖିଛି — ସେମାନେ କ୍ଷମତାକୁ ଆସିଲେ, ଆୟୁଷ୍ମାନ ଯୋଜନା ଲାଗୁ କରିବେ, ଆୟୁଷ୍ମାନ ଯୋଜନା ଲାଗୁ ହେଲେ ଓଡ଼ିଶାର ମାତ୍ର ୨ କୋଟି ଲୋକ ଏଥିରେ ସାମିଲ ହୋଇପାରିବେ, ଅଧା ଲୋକ ଉପକୃତ ହେବେ । ବି.ଏସ୍.କେ.ୱାଇ ଯୋଜନାରେ ଓଡ଼ିଶାର ୯୮ ପ୍ରତିଶତ ଲୋକ ଉପକାର ପାଉଛନ୍ତି । ଆପଣ ଏବେ ଚିନ୍ତା କରନ୍ତୁ, ଆପଣଙ୍କର ଅଧା ଦରକାର ନା ପୁରା ଦରକାର । ଦ୍ୱିତୀୟରେ କହିଛନ୍ତି ବିଜୁଳି ମାଗଣା ଦେବେ । ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରି ସୋଲାର ପ୍ୟାନେଲ ବସାଇବାକୁ ପଡ଼ିବ । ସୂର୍ଯ୍ୟକିରଣରୁ ଆପଣମାନେ ବିଜୁଳି ପାଇବେ । ଦିନରେ ଲଣ୍ଠନ ଦେଖାଉଛି ବିଜେପି ଦଳ । ତୃତୀୟରେ କହିଛନ୍ତି, ପ୍ରତି ମହିଳାଙ୍କୁ ୫୦ ହଜାର ଦେବେ । ପୂର୍ବ ନିର୍ବାଚନ ସମୟରେ କହିଥିଲେ ୧୫ ଲକ୍ଷ ଟଙ୍କା ଲେଖାଏଁ ଦେବେ । କୁଆଡ଼େ ଗଲା ? ତାଙ୍କୁ ପଚାରନ୍ତୁ । ମିଛ କହିବାର ସୀମା ଅଛି, ମିଛ କଥାରେ ଜମା ପଡ଼ନ୍ତୁ ନାହିଁ ବୋଲି ସେ କହିଥିଲେ । ସେ ପୁଣି କହିଲେ ଯେ, ସେମାନେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି । ସେମାନଙ୍କୁ ମୁହଁତୋଡ଼ ଜବାବ ଦିଅନ୍ତୁ । କର୍ମୀମାନଙ୍କୁ କହିଲେ ଅଧିକ ମାର୍ଜିନରେ ପ୍ରାର୍ଥୀମାନଙ୍କୁ ଜିତାଇଲେ ସ୍ୱତନ୍ତ୍ର ପୁରସ୍କାର ଦେବେ ମୁଖ୍ୟମନ୍ତ୍ରୀ ।

ସ୍ଥଳଭାଗ ଛୁଇଁଲା 'ରେମାଲ'...

କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପାଖାପାଖି ୨୦ ହଜାର ଡଙ୍ଗା ସମୁଦ୍ର ଭିତରକୁ କୂଳକୁ ଫେରି ଆସିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । 'ରେମାଲ'ର ପ୍ରଭାବ ଓଡ଼ିଶା ଉପରେ ପଡି ନ ଥିଲେ ମଧ ଉପକୂଳ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇଥିଲା ।

୨୦୨୩-୨୪ରେ ନାଲ୍‌କୋର...

ମେଟ୍ରିକ ଟନ୍ କାଷ୍ଟ ମେଟାଲ ଉତ୍ପାଦନ, ସର୍ବକାଳୀନ ସର୍ବାଧିକ ୪,୭୦,୧୦୮ ମେଟ୍ରିକ ଟନ୍ ଧାତୁ ବିକ୍ରୟ ଏବଂ କୋଇଲା ଖଣି କାର୍ଯ୍ୟକ୍ଷମ ହେବାର ପ୍ରଥମ ବର୍ଷରେ ୨ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଛି । କମ୍ପାନୀର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ଶ୍ରୀଧର ପାତ୍ର, ସିଏମଡି, ନାଲ୍‌କୋ କହିଛନ୍ତି ଯେ, ଚତୁର୍ଥ ତ୍ରୈମାସରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଯାହାକି ବ୍ୟବସାୟିକ ପ୍ରଦର୍ଶନ, ତଥା ଅଭିବୃଦ୍ଧିରେ ପ୍ରତିଫଳିତ ହୋଇଛି । କର୍ମଚାରୀ ଏବଂ ବିଭିନ୍ନ ହିତାଧିକାରୀଙ୍କ ପ୍ରତିବଦ୍ଧତା ଏବଂ ସହଯୋଗରେ କମ୍ପାନୀ ଏହି ସଫଳତା ହାସଲ କରିପାରିଛି । ଶ୍ରୀ ପାତ୍ର ଆହୁରି ଆଶା ପ୍ରକଟ କରିଛନ୍ତି ଯେ, ଭବିଷ୍ୟତରେ ଆଲୁମିନିୟମ ଦରରେ ସ୍ଥିରତା ଏବଂ ଚାହିଦା ବୃଦ୍ଧି ସହିତ ନାଲ୍‌କୋ ନିଜ ଅଭିବୃଦ୍ଧିର କାହାଣୀ ଜାରି ରଖିବାକୁ ସଦାସର୍ବଦା ପ୍ରସ୍ତୁତ ଅଛି ।

ଆଗାମୀ ୫ ଦିନ ଭିତରେ କେରଳ...

ଦକ୍ଷିଣ ଉପଦ୍ୱୀପ ଭାରତର କିଛି ଅଞ୍ଚଳକୁ ବାଦ୍ ଦେଲେ ଜୁନ୍ ମାସରେ ଦେଶର ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକ କିମ୍ବା ସ୍ୱାଭାବିକ ଠାରୁ ଅଧିକ ରହିବ । ଆଇଏମଡିର ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ସମଗ୍ର ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବୃଷ୍ଟିପାତ ଦୀର୍ଘ କାଳୀନ ହାରାହାରି ୧୦୬ ପ୍ରତିଶତ ହେବାର ସମ୍ଭାବନା ରହିଛି । ତେଣୁ ସମଗ୍ର ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ।

ମଣିପାଲ ହସ୍ପିଟାଲ ପକ୍ଷରୁ ଏୟାର ଆମ୍ବୁଲାନ୍ସ, ବାଇକ୍ ଆମ୍ବୁଲାନ୍ସ ଏବଂ ରୋଡ୍ ଆମ୍ବୁଲାନ୍ସ ସେବା ଆରମ୍ଭ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଶ୍ୱ ଜରୁରୀକାଳୀନ ଚିକିତ୍ସା ଦିବସ ଅବସରରେ ଓଡ଼ିଶାବାସୀଙ୍କ ପାଇଁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବା ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରାଯାଇଛି । ଭୁବନେଶ୍ୱରରେ ଉପଲବ୍ଧ ସ୍ୱାସ୍ଥ୍ୟସେବାର ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ମଣିପାଲ ହସ୍ପିଟାଲ ଦ୍ୱାରା ଏହି ନୂତନ ସେବାର ଶୁଭାରମ୍ଭ କରାଯାଇଛି । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଓଡ଼ିଶାରେ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରିବା ପାଇଁ ରୋଡ୍ ଆମ୍ବୁଲାନ୍ସ, ଏୟାର ଆମ୍ବୁଲାନ୍ସ ଏବଂ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିଛି । 'ମଣିପାଲ ଆଡଭାନ୍ସଡ ରେସପନ୍ସ ସିଷ୍ଟମ' (ମାର୍ସ) ମାଧ୍ୟମରେ ଏହାକୁ ଆରମ୍ଭ କରାଯାଇଛି । ଜରୁରୀକାଳୀନ ପରିସ୍ଥିତି ପାଇଁ ହେଲ୍ପ ଲାଇନ ନମ୍ବର ୦୬୭୪ ୬୬୬୬୬୬୬ ଜାରି କରାଯାଇଛି । ଷ୍ଟ୍ରୋକ୍, ଦୁର୍ଘଟଣା, ହୃଦଘାତ, ଟ୍ରମା ସମେତ ଯେକୌଣସି ଜରୁରୀ କାଳୀନ ପରିସ୍ଥିତି ପାଇଁ କଲ୍ କରି ପାରିବେ ।

ଏହି ନମ୍ବରକୁ କଲ୍ କରି ୨୪ ଘଣ୍ଟିଆ ସେବାର ବ୍ୟବହାର କରିପାରିବେ । ଜରୁରୀକାଳୀନ ସେବାକୁ ଲକ୍ଷ୍ୟ କରି ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ମଣିପାଲ ଜରୁରୀକାଳୀନ ସ୍ୱାସ୍ଥ୍ୟ କାର୍ଡ (ଏମଇଏଚସି) ମଧ୍ୟ ଆରମ୍ଭ କରିଛି । ଏହି କାର୍ଡ ଦ୍ୱାରା ତୁରନ୍ତ ଓ ବ୍ୟକ୍ତିଗତ ଚିକିତ୍ସା ପାଇପାରିବେ ରୋଗୀ । ଏହି କାର୍ଡ ଥିଲେ ଜରୁରୀକାଳୀନ ପରିସ୍ଥିତିରେ ଚିକିତ୍ସା ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ତୁରନ୍ତ ଚିକିତ୍ସା ପାଇଁ ଏହି କାର୍ଡର ଉପଯୋଗ ପାଇପାରିବେ ରୋଗୀ । ଯାହାକି ଅତ୍ୟନ୍ତ ଫଳପ୍ରଦ ହେବ । ବାର୍ଷିକ ୪୯୯୯ ଟଙ୍କା ଫି' ଭରି ଏହି କାର୍ଡର ଉପଯୋଗ ପାଇପାରିବେ ।

ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟରେ 'ମାର୍ସ' ଚିକିତ୍ସାସେବା ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି । 'ମାର୍ସ' ଦ୍ୱାରା ଆରମ୍ଭ ହୋଇଥିବା ଅତ୍ୟାଧୁନିକ ସଡ଼କ ଆମ୍ବୁଲାନ୍ସରେ ଭେଣ୍ଟିଲେଟର, ଡେଫିବ୍ରିଲେଟର, ମନିଟର, ବିଲ୍ଟ-ଇନ୍ ଇସିଜି ମେସିନ୍, ସିରିଞ୍ଜ ପମ୍ପ ଆଦି ଜୀବନ ରକ୍ଷାକାରୀ ଉପକରଣ ରହିଛି, ଯାହା ରୋଗୀଙ୍କୁ ପରିବହନ ସମୟରେ ଗୁରୁତର ରୋଗୀଙ୍କ ନିରନ୍ତର ତଦାରଖ କରିପାରିବ ଏବଂ ଚିକିତ୍ସାପୋଯୋଗୀ ହୋଇପାରିବ । ବାଇକ୍ ଆମ୍ବୁଲାନ୍ସ ଦ୍ୱାରା ସମୟ ପୂର୍ବରୁ ଉତ୍ତମ ଚିକିତ୍ସା ଯୋଗାଇ ପାରିବ । ଏୟାର ଆମ୍ବୁଲାନ୍ସ ସେବାରେ ଦୀର୍ଘ ଦୂରତା ଜରୁରୀକାଳୀନ ପରିସ୍ଥିତି ପାଇଁ କ୍ରିଟିକାଲ କେୟାର ଏୟାର ଟ୍ରାନ୍ସପୋର୍ଟ ଯୋଗାଇବ ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ସମ୍ବୋଧିତ କରି ପୋଲିସ ଡେପୁଟି କମିଶନର ପ୍ରତୀକ୍ ସିଂହ କହିଥିଲେ, 'ମଣିପାଲ ହସ୍ପିଟାଲ' ପକ୍ଷରୁ 'ମାର୍ସ' ଓ ମଣିପାଲ ଜରୁରୀକାଳୀନ ସ୍ୱାସ୍ଥ୍ୟ କାର୍ଡର ଶୁଭାରମ୍ଭ ଓଡ଼ିଶାର ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଏକ ଐତିହାସିକ ମୁହୂର୍ତ୍ତ । ଆମ ରାଜ୍ୟର ସୁସ୍ଥ ଭବିଷ୍ୟତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।' ସେହିପରି ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ ଯେ, 'ମଣିପାଲ ହସ୍ପିଟାଲରେ ଆମେ ସାଧାରଣ ଲୋକଙ୍କୁ ଉନ୍ନତ ମାନର ଜରୁରୀ କାଳୀନ ସେବା ଯୋଗାଇବା ପାଇଁ ସମର୍ପିତ । 'ମାର୍ସ' ଦ୍ୱାରା ଚିକିତ୍ସା ସେବାକୁ ଦ୍ରୁତ ଗତିରେ ରୋଗୀଙ୍କ ପାଖରେ ପହଞ୍ଚାଇବାକୁ ସୁନିଶ୍ଚିତ କରାଯିବ ।

ଭୁବନେଶ୍ୱର
୨୮ ମଇ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଲୋକସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ସଂସଦ ଓ ବିଧାନସଭା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଅବସରରେ ତାଙ୍କୁ ଦଳୀୟକର୍ମୀ ଓ ସାଧାରଣ ଜନତା ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି। ତାଙ୍କ ସହ ଉପସ୍ଥିତ ଅଛନ୍ତି ବିଜେଡିର ବରିଷ୍ଠ ନେତା ତଥା ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଓ ଅନ୍ୟ ନେତାମାନେ। (ଫଟୋ : ସମ୍ବାଦ କଳିକା)

ଟିଗିରିଆରୁ ପୁରୀରେ ଆସି ପହଞ୍ଚିଲା ୩ କୁଇଣ୍ଟାଲ ବାସୁଙ୍ଗା ପାଟ

ପୁରୀ, ୨୭/୦୫ ନ୍ୟୁଜ ବ୍ୟୁରୋ

ପହଞ୍ଚିଲା ୩ କୁଇଣ୍ଟାଲ ବାସୁଙ୍ଗା ପାଟ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଟିଗିରିଆ ନୂଆପାଟଣା ଅଞ୍ଚଳରୁ ଆସିଛି ବାସୁଙ୍ଗା ପାଟ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବାସୁଙ୍ଗା ପାଟ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣା ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗା ପାଟ ଲାଗି ବରାଦ କରାଯାଇଥିଲା। ପୂର୍ବରୁ ପାଟର ସାମ୍ପୁଲ ଚିହ୍ନଟ କରିବା ଲାଗି ବାଡ଼ଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ପାଟର ମାନ ଅନୁଧ୍ୟାନ କରିବା ପରେ ପ୍ରଶାସନ ପକ୍ଷରୁ ବରାଦ କରାଯାଇଥିଲା ବାସୁଙ୍ଗା ପାଟ।

ଯୁକ୍ତ ୨ରେ କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର, ୨୭ ।୫ ନ୍ୟୁଜ ବ୍ୟୁରୋ

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ ହାର ଯଥାକ୍ରମେ ୮୦.୯୫, ୮୬.୯୩ ଓ ୮୨.୨୭ ଥିବା ବେଳେ କିସ୍‌ର ପାସ ହାର ଶତ ପ୍ରତିଶତ ରହିଛି। କିସ୍‌ରେ ୧୮୮୫ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ମଧ୍ୟ କିସ୍‌ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। କିସ୍‌ରେ ମୋଟ ୩୮ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେଥିମଧ୍ୟରୁ କଳାରେ ୪୦ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ବିଜ୍ଞାନ ଓ ବାଣିଜ୍ୟରେ ଯଥାକ୍ରମେ ୪୧ ଓ ୩୩ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ହିମାରାଣୀ ମଲ୍ଲିକ ସର୍ବାଧିକ ୮୮ ପ୍ରତିଶତ ନମ୍ବର ରଖି କଲେଜ ଟପ୍‌ପର ହୋଇଥିବା ବେଳେ ଲିବୁ ସୋରେନ୍ ୮୦ ପ୍ରତିଶତ ରଖି ବିଜ୍ଞାନ ଓ ଶଙ୍କର ଭୂମିଜ ବାଣିଜ୍ୟରେ ସର୍ବାଧିକ ୮୭ ପ୍ରତିଶତ ରଖି କଲେଜ ଟପ୍‌ପର ହୋଇଛନ୍ତି। ଅତି ଦୁର୍ବଳ ଜନଜାତିବର୍ଗର ୭୫ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର +୨ରେ ଭଲ ପ୍ରଦର୍ଶନ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡ. ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି।

ରବିବାସରୀୟ କଳିକା
ବାଦୁଡି ସୁରକ୍ଷାରେ ଗ୍ରାମବାସୀ

ବିରୋଧୀଙ୍କୁ ଅସ୍ମିତାର ପାଠ ପଢ଼ାଇଲା ବିଜେଡି

ଭୁବନେଶ୍ୱର, ୨୭/୦୫ ନ୍ୟୁଜ ବ୍ୟୁରୋ

କିଛିଦିନ ହେଲା ବିରୋଧୀ ଓଡ଼ିଆ ଅସ୍ମିତା କଥା କହି ଚାଲିଛନ୍ତି। ହେଲେ ସେମାନେ ବୁଝି ନାହାନ୍ତି ଯେ ଅସ୍ମିତା କ'ଣ ? ଅସ୍ମିତା ମାନେ ରାଜ୍ୟ ଓ ଦେଶ ଉପରେ ମୁଁ ଗର୍ବିତ ନା ନୁହେଁ? ରାଜ୍ୟର ପ୍ରଦର୍ଶନ ଭଲ ନା ନୁହେଁ। ବିରୋଧୀଙ୍କୁ ବିଜେଡି ଏଭଳି ଅସ୍ମିତାର ପାଠ ପଢ଼ାଇଛି। ଗତ ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ଦେଶରେ ଓଡ଼ିଶାର ନାଁ ଆଗକୁ ଯାଇଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଓଡ଼ିଶାକୁ ଗରିବ ରାଜ୍ୟ କୁହାଯାଉଥିଲା। ଐତିହ୍ୟ ଓ ସଂସ୍କୃତି ଗୌରବମୟ ଥିଲେ ମଧ୍ୟ ଆର୍ଥିକ ଏବଂ ଅନ୍ୟ କ୍ଷେତ୍ରରେ ରାଜ୍ୟର ସ୍ଥିତି ଭଲ ନଥିଲା। ରାଜ୍ୟରେ ବାତ୍ୟା ପରିଚାଳନା ହେଉ ନଥିଲା। ଭୋକର ଭୂଗୋଳ ଥିଲା ଓଡ଼ିଶା। ସରକାରୀ କର୍ମଚାରୀ ଦରମା ପାଉ ନଥିଲେ। ପୁଞ୍ଜି ନିବେଶ ନଥିଲା। ଖାଦ୍ୟ ଆସୁଥିଲା ବାହାରୁ । ମୁଣ୍ଡପିଛା ଋଣ ଅଧିକ ଥିଲା। ଦୁର୍ନୀତି ଥିଲା। ବାହାର ରାଜ୍ୟକୁ ଚାକିରି ପାଇଁ ଲୋକ ଯାଉଥିଲେ। ବର୍ତ୍ତମାନ ସବୁ କ୍ଷେତ୍ରରେ ଅନେକ ଉନ୍ନତି ହୋଇଛି। ୨ ହଜାର ମସିହାରେ ୨ ହଜାର କୋଟି ଟଙ୍କା ଋଣ ଥିଲା। ୨୦୨୩ରେ ୪୩ ହଜାର ୭୩୦ କୋଟି ରାଜସ୍ୱ ବଳକା ଅଛି। ଦୁର୍ନୀତି ନିବାରଣକୁ ସମସ୍ତେ ପ୍ରଶଂସା କରୁଛନ୍ତି। ଖାଦ୍ୟ ବଳକା ରାଜ୍ୟ ଭାବେ ଓଡ଼ିଶା ଦ୍ୱିତୀୟ। ଶକ୍ତି ବଳକା ରାଜ୍ୟ ଓଡ଼ିଶା। କ୍ରୀଡ଼ାରେ ଆଗୁଆ ରାଜ୍ୟ। ଓଡ଼ିଶା ଆଡଭାନସଡ ସ୍ପୋର୍ଟ୍ସ ସେଣ୍ଟର। ଭୁବନେଶ୍ୱର ଏବେ ଦ୍ୱିତୀୟ ଆଇଟି କ୍ୟାପିଟାଲ। କୋଭିଡ ସମୟରେ ୧୭ ରାଜ୍ୟକୁ ମାଗଣା ଅକ୍ସିଜେନ ଦେଇଛି ଓଡ଼ିଶା। ବିଏସ୍‌କେୱାଇ, ଡ୍ରିଙ୍କ ଫ୍ରମ ଟ୍ୟାପ, ଜାଗା ମିଶନ, ଫାଇଭ-ଟି ରୂପାନ୍ତର ସ୍କୁଲ, ଦକ୍ଷତା ବିକାଶ, ସ୍କିଲ୍ଡ ଇନ ଓଡ଼ିଶା, ଏସବୁକୁ ନେଇ ଓଡ଼ିଶା ଏବେ ଗୋଟିଏ ବ୍ରାଣ୍ଡ। ଅଧିକ ନିଯୁକ୍ତି, ଆଦିବାସୀ ସଂସ୍କୃତିର ସଂରକ୍ଷଣ, ମିଶନ ଶକ୍ତିରେ ୭୦ ଲକ୍ଷରୁ ଅଧିକ ମହିଳା ଏସଏମଇ ହେବେ। ବିଶ୍ୱ ଓଡ଼ିଆ ସମ୍ମିଳନୀ, ଐତିହ୍ୟ ସଂରକ୍ଷଣରେ ମନ୍ଦିରର ବିକାଶ ହୋଇଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮ ଦଶମିକ ୭ ପ୍ରତିଶତ ଥିବା ବେଳେ ଓଡ଼ିଶାର ଅଭିବୃଦ୍ଧି ୧୧ ଦଶମିକ ୫ ଥିଲା। ମହାରାଷ୍ଟ୍ର ପରେ ନିବେଶରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ । ମାର୍କେଟ ଋଣ ହୋଇନି। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଋଣ ଭାର କମିଛି। ଗରିବୀ କମିଛି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଓଡ଼ିଆ ଲୋକ ଗର୍ବ କରୁଛନ୍ତି ବୋଲି ବିଜେଡି କହିଛି।

ଭିଜିଲାନ୍ସ ଜାଲରେ କୋଟିପତି ପିଇଓ : ୩ଟି ସ୍ଥାନରେ ଏକକାଳୀନ ରେଡ୍

ଭବାନୀପାଟଣା, ୨୭/୦୫ ନ୍ୟୁଜ ବ୍ୟୁରୋ

କୋଟିପତି ପିଇଓଙ୍କ ଘରେ ଭିଜିଲାନ୍ସ ରେଡ୍ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସ୍କାନରରେ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ପଞ୍ଚାୟତରେ କାର୍ଯ୍ୟରତ ପିଇଓ ସନ୍ୟାସୀ ନାଏକ। ବିଲ୍ ଟଙ୍କା କରାଇଦେବା ନାଁରେ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଗିରଫ କଲା ତଦନ୍ତକାରୀ ସଂସ୍ଥା। ଏକାକାଳୀନ ୩ଟି ସ୍ଥାନରେ ଚଢଉ ଜାରି ରହିଥିବା ବେଳେ ତାଙ୍କ ନିକଟରୁ କୋଟି କୋଟି ଟଙ୍କା ଜବତ ହୋଇଥିବା ସୂଚନା ରହିଛି। ସୂଚନା ଅନୁଯାୟୀ, କାଣିଗୁମା ପଞ୍ଚାୟତରେ କାର୍ଯ୍ୟରତ ପିଇଓ ସନ୍ୟାସୀ ନାଏକ ବିଲ୍ ଟଙ୍କା କରାଇଦେବା ପାଇଁ ନହେଲା ଗ୍ରାମର ସୁରେନ୍ଦ୍ର ନାଏକଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଥିଲା। ପୂର୍ବ ଯୋଜନା ମୁତାବକ ଭବାନୀପାଟଣା ସହରର ରାମନଗରପଡ଼ାଠାରେ ପିଇଓ ସନ୍ୟାସୀ ନାଏକ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ମାଡିବସିଥିଲା । ଲାଞ୍ଚୁଆ ପିଇଓଙ୍କୁ ଗିରଫ କରିବା ସହ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି ତଦନ୍ତ ସଂସ୍ଥା। ଲାଞ୍ଜିଗଡରେ ଥିବା ନିଜସ୍ୱ ଘର, ଭବାନୀପାଟଣା ଜଳେଶ୍ୱର ମନ୍ଦିର ପଡ଼ାରେ ଥିବା ଦୁଇ ମହଲା କୋଠା ସମେତ ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ଚଢଉ କରିଛି । ପିଇଓ କୋଟି କୋଟି ଟଙ୍କାର ସମ୍ପତ୍ତି ରଖିଥିବା ନେଇ ଭିଜିଲାନ୍ସ ବିଭାଗ ସୂଚନା ଦେଇଛି । ବର୍ତ୍ତମାନ ୩ଟି ସ୍ଥାନରେ ଭିଜିଲାନ୍ସ ବିଭାଗର ଚଢଉ ଚାଲିଥିବା ବେଳେ ଚଢଉ ପରେ ସମ୍ପତ୍ତିର ଆକଳନ କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏହି ପିଇଓ ଜଣକ ବିଭିନ୍ନ ସମୟରେ ଆବାସ ଯୋଜନାରେ ଘର କରାଇଦେବା ସହ ମନରେଗା ଯୋଜନାରେ ବିଲ୍ କରାଇବା ପାଇଁ ଟଙ୍କା ଲାଞ୍ଚ ନେଉଥିବା ନେଇ ପୂର୍ବରୁ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ଜୁନ୍‌ରୁ ସାଧାରଣ ଲୋକଙ୍କୁ ପ୍ରଭାବିତ କରିପାରେ ମହଙ୍ଗା ମାଡ଼

ନୂଆଦିଲ୍ଲୀ, ୨୭/୦୫

ଆସନ୍ତା ଜୁନ୍ ପହିଲାରୁ କେତେକ କ୍ଷେତ୍ରରେ ପ୍ରଚଳିତ ନିୟମରେ ପରିବର୍ତ୍ତନ ସହ ଲୋକଙ୍କ ଉପରେ ମହଙ୍ଗାମାଡ଼ର ପ୍ରଭାବ ଅନୁଭୂତ ହୋଇପାରେ ବୋଲି ଆଶଙ୍କା ଦେଖାଯାଇଛି। ଏଲପିଜି ସିଲିଣ୍ଡର ଠାରୁ ଆରମ୍ଭ କରି ଡ୍ରାଇଭିଂ ଲାଇସେନ୍ସ କିମ୍ବା ଗାଡି ଚାଳନା ତ୍ରୁଟିକୁ ନେଇ ଜରିମାନା ଆଦାୟ କ୍ଷେତ୍ରରେ ନୂଆ ବ୍ୟବସ୍ଥା ଲାଗୁ ହେବାକୁ ଯାଉଥିବାରୁ ଏହା ସାଧାରଣ ଲୋକଙ୍କ ପକେଟକୁ ମଧ୍ୟ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ପ୍ରଥମତଃ ଜୁନ୍ ୧ ରୁ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ ପରିବର୍ତ୍ତନ ହେବ ବୋଲି ସୂଚନା ମିଳିଛି। ପ୍ରତି ମାସର ପ୍ରଥମ ଦିନରେ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ବଦଳିବାର ବ୍ୟବସ୍ଥା ରହିଛି। ବିଶେଷକରି ତୈଳ ବିପଣନ କମ୍ପାନୀଗୁଡିକ ଦ୍ୱାରା ମୂଲ୍ୟ ପରିବର୍ତ୍ତନ କରାଯାଇଥିବା ବେଳେ ଉଭୟ ଘରୋଇ ଏବଂ ବ୍ୟବସାୟିକ ସିଲିଣ୍ଡର ମୂଲ୍ୟ ସ୍ଥିର କରାଯାଇଥାଏ। ତେଣୁ ଆଗାମୀ ପହିଲାରେ ଯଦି ଏଲପିଜି ମୂଲ୍ୟରେ ପରିବର୍ତ୍ତନ କରାଯାଏ ତେବେ ଏହା ସାଧାରଣ ଉପଭୋକ୍ତାଙ୍କୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେହିପରି ତ୍ରୁଟିପୂର୍ଣ୍ଣ ଗାଡି ଚାଳନା ପାଇଁ ଜରିମାନା ଆଦାୟରେ ମଧ୍ୟ କିଛି ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଜଣେ ନାବାଳକ ଗାଡି ଚଳାଇ ଧରାପଡ଼ିଲେ ଏଥିପାଇଁ ଭାରୀମାତ୍ରାରେ ଜରିମାନା ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ଜରିମାନା ପରିମାଣ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା ସହିତ ସଂପୃକ୍ତ ଚାଳକଙ୍କୁ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ଗାଡି ଚଳାଇବାକୁ ଲାଇସେନ୍ସ ନ ମିଳିବା ଭଳି ନିୟମ ଲାଗୁ ହେବାକୁ ଯାଉଛି। ଏହି ନୂଆ ନିୟମ ଜୁନ୍ ୧ରୁ ଲାଗୁ ହେବ । ଅନ୍ୟପକ୍ଷରେ ଡ୍ରାଇଭିଂ ଶିକ୍ଷା ଏବଂ ଲାଇସେନ୍ସ ପାଇବା ଲାଗି ରହିଥିବା ନିୟମରେ ମଧ୍ୟ ପରିବର୍ତ୍ତିତ ନିୟମ ଲାଗୁ ହେବାକୁ ଯାଉଛି। ପୂର୍ବରୁ କେବଳ ସରକାରୀ ପ୍ରତିଷ୍ଠାନରେ ଡ୍ରାଇଭିଂ ଶିକ୍ଷା ଏବଂ ଲାଇସେନ୍ସ ପ୍ରାପ୍ତ କରିବା ବ୍ୟବସ୍ଥା ରହିଥିଲା ବେଳେ ଏବେ ଘରୋଇ ଅନୁଷ୍ଠାନରେ ଡ୍ରାଇଭିଂ ପରୀକ୍ଷା ମଧ୍ୟ କରାଯାଇପାରିବ। ଏହି ନୂଆ ବ୍ୟବସ୍ଥା ଜୁନ୍ ୧ରୁ ଲାଗୁ ହେବା ସହିତ ଘରୋଇ ଅନୁଷ୍ଠାନ (ଡ୍ରାଇଭିଂ ସ୍କୁଲ) ରେ ଡ୍ରାଇଭିଂ ପରୀକ୍ଷା ମଧ୍ୟ କରାଯାଇପାରିବ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପରୀକ୍ଷା କେବଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା ପରିଚାଳିତ ସରକାରୀ କେନ୍ଦ୍ରରେ କରାଯାଉଥିଲା। ଏବେ ବେସରକାରୀ ଅନୁଷ୍ଠାନରେ ଲାଇସେନ୍ସ ପାଇଁ ଆବେଦନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଡ୍ରାଇଭିଂ ପରୀକ୍ଷା କରିବେ ଏବଂ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ। ତେବେ ଏହି କାର୍ଯ୍ୟ ପରିଚାଳନା କରିବାକୁ ଚାହୁଁଥିବା ଘରୋଇ ଅନୁଷ୍ଠାନ ଆରଟିଓ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇବାକୁ ହେବ । ଅନ୍ୟପକ୍ଷରେ ତୀବ୍ର ଗତିରେ ଗାଡି ଚାଳନାକୁ ନେଇ ରହିଥିବା ଜରିମାନା ପରିମାଣ ଜୁନ୍ ପହିଲାରୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି। ଯଦି ଜଣେ ବ୍ୟକ୍ତି ଉଚ୍ଚ ବେଗରେ ଗାଡି ଚଳାନ୍ତି ତେବେ ତାଙ୍କୁ ଅଧିକ ଜରିମାନା କରାଯିବ। ଏହି ନିୟମ ଜୁନ୍ ୧ରୁ ପରିବର୍ତ୍ତନ ହେଉଥିବା ଟ୍ରାଫିକ୍ ନିୟମରେ ମଧ୍ୟ ଅନ୍ତର୍ଭୁକ୍ତ।

ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-55 • 22nd-28th May 2024 • Bhubaneswar
ଭୂତଳ ବଜାରର ଶୋଚନୀୟ ସ୍ଥିତି
ମାରାତ୍ମକ ରୋଗ ଆଣୁଛି ମିଠା ଜହର

ଅଣ୍ଡା ଦାନ କଲେଣି ଇଣ୍ଡିଆନ ଫ୍ଲାଇକେଚର ପକ୍ଷୀ

କିଛି ଦିନ ପରେ ଶୁଭିବ ଶାବକଙ୍କ କାକଳି

ସୋନପୁର, ୨୭/୦୫ ନ୍ୟୁଜ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ବାସ କରୁଥିବା ଇଣ୍ଡିଆନ ଫ୍ଲାଇକେଚର ପକ୍ଷୀମାନେ ଅଣ୍ଡା ଦାନ କଲେଣି । ଆଉ କିଛି ଦିନ ପରେ ଛୁଆ ଫୁଟାଇବେ ପକ୍ଷୀ ଶାବକଙ୍କ କାକଳିରେ ସୋନପୁରର ବଣ ଜଙ୍ଗଲ ଗରଜି ଯିବ । ଏଥିପାଇଁ ତ ଏହି ପକ୍ଷୀମାନେ ଖରାକୁ ଖାତିର ନକରି ଶହ ଶହ କିଲୋମିଟର ଦୂରରୁ ଉଡି ଆସି ସୋନପୁରକୁ ନିଜର କରି ନେଇଛନ୍ତି । ହାଡ ଭଙ୍ଗା ଶୀତରେ ହଜାର ହଜାର କିଲୋମିଟର ଦୂରରୁ ଯେଉଁଭଳି ଭାବେ କମନ୍ ମର୍ଗାନ୍ସର ସୋନପୁରକୁ ଆସନ୍ତି ସେହିଭଳି ଖରା ବଢିଲେ ଏହି ପକ୍ଷୀ ନିଜ ଘର ବସାଇବାକୁ ଏମାଟି ପ୍ରତି ଆକର୍ଷିତ ହୋଇ ଯାଆନ୍ତି । ଏଠି ବସା ତିଆରି କରି ଅଣ୍ଡା ଦାନ କରନ୍ତି, ଅଣ୍ଡାରୁ ଛୁଆ ଫୁଟାଇଲା ପରେ ଉଡିବା ଶିଖାଇ ନିଜ ସ୍ଥାୟୀ ବସାକୁ ଲେଉଟି ଯାଆନ୍ତି । ସୋନପୁରରେ ଖରା ଯେତିକି ହେଉ ନା କାହିଁକି ପ୍ରତି ବର୍ଷ ଇଣ୍ଡିଆନ ପାରାଡାଇଜ୍ ଫ୍ଲାଇକେଚରମାନେ ଜିଲ୍ଲାର ଅତିଥି ସାଜନ୍ତି । ତେବେ ଏହି ପକ୍ଷୀଙ୍କ ଜୀବନ ଶୈଳୀ ଖୁବ୍ ସୁନ୍ଦର । ପାଣିରେ ଲମ୍ଫ ପ୍ରଦାନ କରି ଏମାନଙ୍କ ଗାଧୋଇବା ଦୃଶ୍ୟ ଖୁବ୍ ନିଆରା ଏବଂ ଆକର୍ଷଣୀୟ । ଶାବକ ପାଇଁ ଖାଦ୍ୟ ସଂଗ୍ରହ ମଧ୍ୟ ନିଆରା । ଅର୍ଜୁନପୁର, ଭଣ୍ଡାର ମେଘନାଦ, ପାତାଳୀ, ତିଳେଇମାଲ, ମହୁଲପାଲି, ବାରପାହାଡ ଆଦି ଜଙ୍ଗଲରେ ଏମାନେ ବସା ବାନ୍ଧିଛନ୍ତି । ମାର୍ଚ୍ଚ ଶେଷ ସପ୍ତାହରେ ସୁବର୍ଣ୍ଣପୁର ଜିଲ୍ଲାକୁ ଆସି ସେପ୍ଟେମ୍ବର ମାସରେ ନିଜ ସ୍ଥାୟୀ ବସାକୁ ଏମାନେ ଲେଉଟି ଯାଆନ୍ତି ।

ଏହି ପକ୍ଷୀ ମାନେ ଉଡି ଉଡି ମଶା, ମାଛି ଭଳି ବିଭିନ୍ନ ଉଡୁଥିବା ପୋକ ଖାଇଥାନ୍ତି। ଏମାନେ ସୋନପୁରର ବିଭିନ୍ନ ଜଙ୍ଗଲକୁ ଆସି ବସା ବାନ୍ଧି ସାରିଛନ୍ତି । ଏଠି ଅଣ୍ଡା ଦେଇ ଛୁଆ ଫୁଟାଇବେ । ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସପରିବାର ସ୍ଥାୟୀ ବସାକୁ ଏହି ପକ୍ଷୀମାନେ ବାହୁଡି ଯିବେ ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ପ୍ରକାଶ ପାଇବା ଅପେକ୍ଷାରେ...
'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା

ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ମନୋଜ କୁମାର ମହାପାତ୍ର
ସମକାଳର କଥା : ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
ଅନ୍ୟଭାଷାର କଥା : ରେବା ପଟ୍ଟନାୟକ।
ଯୁବ ମାନସର କଥା : ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।
(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)
ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com
ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)